
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଅଗଷ୍ଟ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# ପ୍ରାଚୀ

Vol.- 6, AUGUST 2020, Issue No. V
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପ୍ରସନଜିତ୍ ସାହୁ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...


**ଅଗଷ୍ଟ ପନ୍ଦର**
- ଶ୍ରୀ କୁଞ୍ଜ ବିହାରୀ ସାହୁ ୦୭

**ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାରେ 'ମହାନଦୀ'**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୧୦

**ଶିଳାଲିପି ଓ ଅନୁଶାସନରେ ଓଡ଼ିଆ ଭାଷାର ବିକାଶଧାରା**
- ଡକ୍ଟର ଲକ୍ଷ୍ମୀ ନାରାୟଣ ଦାସ ୧୩

**ନାନୀ**
- ଲିପ୍ସା ପଟେଲ ୧୫

**ଗୁଣ୍ଡାଏ ପଖାଳଡ଼ୋକେ ତୋରାଣୀ**
- ପ୍ରାଚୀ ନନ୍ଦ ୧୯

**ମଣିଷ ହାଟ**
- ଲୀଳାବତୀ ମହାପାତ୍ର ୨୧

**ଓଡ଼ିଶା ଭଣ୍ଡାରକୁ ନାରୀ କବିମାନଙ୍କ ଅବଦାନ**
- ପ୍ରେରଣା ପାତ୍ର ୨୩

**ଗଳ୍ପସ୍ପର୍ଦ୍ଧା**
- ଦୁଷ୍ମନ୍ତ ବେହେରା ୨୬

**ବିରଳ ମାତୃତ୍ୱ**
- କଲ୍ୟାଣୀ ହୋତା ୨୮

**ମାଳତୀ**
- ଗାଳ୍ପିକ କେଶବ ଚନ୍ଦ୍ର ନାୟକ ୩୦

**ସୁଯୋଗ୍ୟ ସନ୍ତାନ**
- ସରୋଜ କୁମାର ଜେନା ୩୯

**ମୃତ୍ୟୁ ଏକ ଚିରନ୍ତନ ସତ୍ୟ**
- ମଧୁସ୍ମିତା ସେନାପତି ୪୨

**ଅହିଂସା ପରମୋଧର୍ମ**
- ଶ୍ରୀ ରାକେଶ ଶତପଥୀ ୪୩

**ସରକାର ମୁଁ**
- ଦୁଷ୍ମନ୍ତ ବେହେରା ୪୪

**ମାଙ୍କଡ଼ମାନଙ୍କର ବାଦାମ ଚାଷ**
- ବନଲତା ସିଂହ ୪୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

## କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ...........................................................................

ଠିକଣା ........................................................ ପିନ୍‌କୋର୍ଡ଼ ................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ.....................................................

ତାରିଖ.......................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଅଗଷ୍ଟ ପନ୍ଦର

- ଶ୍ରୀ କୁଞ୍ଜ ବିହାରୀ ସାହୁ

ବିଦେଶୀ ହାତରୁ ମୁକୁଳି ସାରିଛି ଭାରତବର୍ଷ । ବିଲୋପ ଘଟିଛି ରାଜତନ୍ତ୍ର, ଗଣତନ୍ତ୍ର ବିଦେଶୀ ଶାସନ । କଳୁଷିତ, ଅମାନବିକତାର ଶିକାରରୁ ଖସିଆସିଛି ଏ ସୁନାର ଦେଶ ଭାରତ । ବୀର ସଂଗ୍ରାମୀମାନଙ୍କ ଲହୁଆ ପଦକ୍ଷେପ, ଅସୀମ ତ୍ୟାଗ, ନିଷ୍ପାପର ଉଦ୍ୟମ ତଥା ଭାଇଚାରାର ସୁନ୍ଦର ଉଦାହରଣକୁ ପାଥେୟକରି ଆମ ଏ ଦେଶ ସ୍ୱାଧୀନତା ଲାଭ କରିସାରିଛି । ସେ ଦିନ ଥିଲା ୧୯୪୭ ମସିହା, ଅଗଷ୍ଟ ୧୫ ତାରିଖ । ଇତିହାସରେ ଲେଖାହେଲାଭଳି ଦିନଟିଏ । ବିଶ୍ୱ ଇତିହାସରେ ସ୍ୱାଧୀନତା ସଂଗ୍ରାମ ଏକ ଅଭୁତପୂର୍ବ ଓ ଅନନ୍ୟ ଘରଣା । ଆମେ ଭାରତୀୟ,ଆମେ ସ୍ୱାଧୀନ । ଇଏ ବୋଧେ ମୁକ୍ତିର ବିପୁଳ ଆନନ୍ଦ ।

ଏ ସ୍ୱାଧୀନତା ପାଇଁ କେତେ ଯେ ବୀର ରଣହୁଙ୍କାର ଦେଇ କାରାବରଣ କରିଥିଲେ ଆଉ ଅତ୍ୟାଚାରୀ ଶାସକର ଗୁଳିମାଡ଼ରେ ବଳିଦାନ ଦେଇଥିଲେ, ଆଜି ଭାବିଲାବେଳକୁ ଲୋମ ଟାଙ୍କୁରି ଉଠୁଛି । 'ସ୍ୱାଧୀନତା ଆମର ଜନ୍ମ ଅଧିକାର'- ଏଭଳି ଦେଶାତ୍ମବୋଧକ ଉଚ୍ଚାରଣରେ ବୀର ପୁଙ୍ଗବମାନେ ଉତ୍ସାହିତ ଓ ଉନ୍ମାଦିତ ହୋଇପଡ଼ିଥିଲେ । ଆଜିର ଏ ଅବଧିରେ କେବଳ ସେମାନଙ୍କ ସ୍ମୃତିକୁ ଗୋଟେଇନେବା ହିଁ ସାର୍ଥକ ମନେହୁଏ ।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଭୁମିକା ଅଦ୍ୱିତୀୟ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ଓ ପରେପରେ ସିପାହୀ ବିଦ୍ରୋହର ସୂତ୍ରପାତ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ଘନୀଭୂତ କରିପାରିଛି । ସେମାନଙ୍କ ଭିତରେ ଜୟୀ ରାଜଗୁରୁ, ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ଲକ୍ଷ୍ମଣ ନାଏକ, ରଘୁନାଥ ମହାନ୍ତି, ଦିବାକର ପରିଡ଼ା ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ପାରଳାର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଚନ୍ଦନ ହଜୁରୀ, ବିଜୁ ପଟ୍ଟନାୟକ ପରି ଅନେକ ବୀର ପାଇକ ଅବିଚଳିତ ହୋଇ ଲଢ଼େଇ କରିଥିଲେ । ଏଥିପାଇଁ ଯେ ପୁରୁଷ ସମାଜ ନିଜର ପାରଦର୍ଶିତା ଦେଖାଇଛନ୍ତି, ତା ନୁହେଁ, ମହିଳାମାନେ ବି ଆଗଭର ହୋଇ ପଡ଼ିଥିଲେ । ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ପାର୍ବତୀ ଗିରି, ହାରାମଣି କାନୁନଗୋ, ହରପ୍ରିୟା ଦେବୀ, ସୁନାମଣି ଦେବୀ, କୃଷ୍ଣକାମିନୀ ଦେବୀ, ପ୍ରଭାବତୀ ଦେବୀ, ଶଶିବାଳା କାନୁନଗୋ ଆହୁରି ଅନେକ । ସବୁରିମନରେ ଥିଲା ଗୋଟିଏ ଚିନ୍ତା । ଦେହ ଭିନ୍ନ ହେଲେ ବି ମନ ଏକ । ସ୍ୱଦେଶ ପ୍ରାପ୍ତି, ସ୍ୱରାଜ୍ୟ ପ୍ରାପ୍ତି ଓ ସ୍ୱାଧୀନତା ପ୍ରାପ୍ତି ।

କେବଳ ଯେ ଭାରତବାସୀ ନିଜର ହକ୍ ପାଇବାକୁ ଭିନ୍ନ ସ୍ତରରେ ସଂଗ୍ରାମ ଚଳାଇଥିଲେ ତା ନୁହେଁ, ସେମାନେ 'ଅସୀ ଠାରୁ ମସୀ ବଡ଼' ର ପରିଚୟ ଦେଇପାରିଥିଲେ । କାବ୍ୟ କାବିତାରେ ନିଜର ସର୍ଜନାକୁ ସାର୍ଥକ କରି ଅଗ୍ନୀବର୍ଷୀ କବିତାମାନ ରଚନା କରିଥିଲେ ।

ଉତ୍କଳମଣି ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା', କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ବନ୍ଦେ ଉତ୍କଳ ଜନନୀ', ଗୋଦାବାରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ', ରାଧାନାଥ ରାୟଙ୍କ 'ଭାରତ ଗୀତିକା', ଫକୀରମୋହନ ସେନାପତିଙ୍କ 'ଉତ୍କଳ ସଂଗୀତ', ଉତ୍କଳଗୌରବ ମଧୁସୂଦନ ଦାସଙ୍କ 'ତୁ ପରା ବୋଲାଉ ଉତ୍କଳ ସନ୍ତାନ', ମାୟାଧର ମାନସିଂହଙ୍କ 'ବାପୁ', ସଚ୍ଚି ରାଉତରାଙ୍କ 'ବାଜି ରାଉତ', କୁନ୍ତଳାକୁମାରୀ ସାବତଙ୍କ 'ଆହ୍ୱାନ', 'ସ୍ଫୁଲିଙ୍ଗ' ଇତ୍ୟାଦି ଓଡ଼ିଆଙ୍କ ମନରେ ଆନ୍ଦୋଳନକୁ ତୀବ୍ର କରିବାର ଖୋରାକ ଯୋଗାଇଥିଲା । ପ୍ରତି ତନ୍ତ୍ରୀରେ ତନ୍ତ୍ରୀରେ ଜାଗରଣରଏକ ମଶାଲ ଜଳିଯାଉଥିଲା ଆପେ ଆପେ । ସେହି କବିମାନଙ୍କ କିଛି କବିତା ଉପସ୍ଥାପନା କରାଯାଉଛି, ଯାହାକି ପୂର୍ବସୂରୀଙ୍କ ପାଇଁ ଏକ ଅନବଦ୍ୟ ସ୍ମୃତିଚାରଣ ।

ସ୍ୱାଧୀନତାକୁ ଭଲ ଭାବେ ଚିହ୍ନିପାରିଥିବା ସ୍ୱାଧୀନ ସଂଗ୍ରାମୀ କବି ଉତ୍କଳମଣି ଗୋପବନ୍ଧୁ ଦାସ । 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' କବିତା ସତେ ଯେମିତି ଦୁଃଖ ଶୋଚନାର ସରହଦ ପାରିହୋଇଯାଇଛି । ପ୍ରତ୍ୟେକ ଶବ୍ଦରେ ବୈପ୍ଳବିକ ଚିନ୍ତାଧାରା ଜଡ଼ିରହିଛି । ସାହସର ସହ ନିଜର ପାରିଲାପଣିଆକୁ ଜାହିର କରିବାପାଇଁ ଆହ୍ୱାନ ଦେଇଛନ୍ତି ।

ଦଗ୍ଧ ହେଉ ଦେହ, ଭସ୍ମ ହେଉ ଘର
ସ୍ୱରାଜ୍ୟ ସାଧନେ କେବେ ହେଁ ନ ଡର ।
ନ ଛାଡ଼ ସାହସ ନ ହୁଅ ନିରାଶ
ହେଲେ ହେଉ ପଛେ କାରାଗାରେ ବାସ ।
(ବନ୍ଦୀର ଆତ୍ମକଥା- ପୃଷ୍ଠା/୪)

ଆଧୁନିକ ଓଡ଼ିଶାର ନିର୍ମାତା, ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍କଳର ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଆ, ଇଂରେଜୀ ଓ ବଙ୍ଗଳା ସାହିତ୍ୟିରେ ଜଣେ ଉଚ୍ଚକୋଟୀର ବାଗ୍ମୀ ଥିଲେ । ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନର ପୁରୋଧା ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଭାବେ ନିଜକୁ ପରିଚୟ ଦେଇଥିଲେ । ଦେଶ ଓ ଜାତିର ଉନ୍ନତି ନିମନ୍ତେ ତାଙ୍କ ପ୍ରାଣ କାନ୍ଦୁଥିଲା । ଦେଶବାସୀଙ୍କ ପାଇଁ ଲେଖିଥିଲେ -

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ, ପୂରୁବ ମହିମା
ପଡିବକି କେବେ ମନେ ।'

ଓଡିଆ ପ୍ରାଣରେ ବୈପ୍ଲବିକ ଧାରା ସଂଚାର କରି ସ୍ୱାଧୀନତା ପଥରେ ଚାଲିବାକୁ ବାଟ ଦେଖାଇଥିଲେ ଜାତୀୟ କବି ବୀରକିଶୋର ଦାସ । ମୁକ୍ତି ଆନ୍ଦୋଳନରେ ସଭିଏ ଝାସ ଦେବାକୁ ଆହ୍ୱାନ ଦେଇଥିଲେ । ମନର ତାତିଲାପଣକୁ ପ୍ରକାଶ କରି '*ରଣ ଦୁନ୍ଦୁଭି*' କବିତାରେ ସେ ଲେଖିଥିଲେ-

'ଦିନରାତି ମୋର ସେହି ଚିନ୍ତା,
ବନ୍ଧୁ ସେହି ଚିନ୍ତା
ଏ ସରକାର ଶବ ଦାହ କେବେ ହେବ,
ଦେଖିବି ମୁଁ ତାର ଶେଷ ଚିତା ।'

କବି ସଚ୍ଚି ରାଉତରା ଓଡ଼ିଆ କାବ୍ୟ ସାହିତ୍ୟର ଦିଗଦର୍ଶକ । ଆଧୁନିକ କବିତାରେ ନୂଆ ଧାରା ତିଆରି କରିଛନ୍ତି । କବିତାଗୁଡ଼ିକ ସାବଲୀଳ ଓ ସାମାଜିକ ପରିପ୍ରେକ୍ଷୀରେ ଚିର ସବୁଜ । ବିଭିନ୍ନ କବିତାରେ ବୈପ୍ଲବିକ ଚିନ୍ତାଧାରାକୁ ସାମିଲ କରି ବ୍ରିଟିଶ ଶାସନରେ ନିଆଁ ଲଗେଇଛନ୍ତି । ସେ '*ବାଜିରାଉତ*' କବିତାରେ ବାଜିରାଉତକୁ ଜଣେ ସାହସୀ,ଦେଶପ୍ରେମୀ ବୋଲି ବର୍ଣ୍ଣନା କରି ଲେଖିଛନ୍ତି-

ନୁହେଁ ବନ୍ଧୁ ନୁହେଁ ଏ ସଳିତା,
ଏ ଦେଶ ତିମିର ତଳେ ଏ ଅଲିଭା ମୁକତି ସଳିତା ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନର ଏକ ଚର୍ଚ୍ଚିତ ନାଁ । '*ବନ୍ଦେ ଉତ୍କଳ ଜନନୀ*'କବିତା ରଚନା କରି ଉତ୍କଳ ଜନନୀ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ ।

ବନ୍ଦେ ଉତ୍କଳ ଜନନୀ
ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ ଜନନୀ, ଜନନୀ..

କବିତାରେ ଧୂରୀଣ ମାୟାଧର ମାନସିଂହ । ରାଶି ରାଶି ବିପ୍ଳବାତ୍ମକ କବିତା ଲେଖି ନିଜର ଆସନ ବଜାୟ ରଖିଛନ୍ତି । କବିତା ବାପୁରେ ଲେଖିଛନ୍ତି-

ଆଧ୍ୟାତ୍ମିକ ବଳେ ଲାଗିଛି ଲଢେଇ
ଭାଙ୍ଗିବାକୁ ପଶୁବଳର ବଡ଼େଇ ।

ବରଗଡ଼ ଜିଲ୍ଲା ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱଭାବ କବି ଗଙ୍ଗାଧର ମେହେର ନିଜର କାବ୍ୟିକ ମହିମାରେ ମହିମାନ୍ୱିତ । ଓଡ଼ିଆ ଭାଷା ପ୍ରତି ଯେତିକି ସମ୍ମୋହିତ, ଜାତୀୟତାରେ ବି ସେତିକି ଅନୁରକ୍ତ । କବିତାର ପ୍ରତିଟି ଛନ୍ଦେ ଛନ୍ଦେ ଉଦ୍‌ବୋଧନୀ ସ୍ୱର ଝଙ୍କୃତ ହୋଇଛି ।

'ଉଠ ଭାଇ ଉଠ ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭକର୍ମ ପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।'

ଓଡ଼ିଆ ଗଳ୍ପର ଆଦ୍ୟ ପ୍ରତିଷ୍ଠାତା 'ଫକୀରମୋହନ ସେନାପତି । ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ କବିତାରେ ନିଜର ଆସ୍ଥାନ ଜମେଇପାରିଛନ୍ତି । ଓଡ଼ିଆମାନଙ୍କ ସ୍ୱାଭିମାନ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ସଦାସର୍ବଦା ଆଗେଇ ଆସିଛନ୍ତି । ଯେଭଳି ନିମ୍ନୋକ୍ତ କବିତାର କିୟଦଂଶ ଜ୍ୱଳନ୍ତ ଉଦାହରଣ

ପଢ଼ ରାଜ ଭାଷା ଅଛି ତହିଁ ଲାଭ
ମାତ୍ର ନ ହରାଅ ଜାତୀୟ ସ୍ୱଭାବ ।
×× ×× × ×
ନ କରିଲେ ମାତୃଭାଷାରେ ଉନ୍ନତି
ଘୁଂଚିବ କି କେବେ ଦେଶର ଦୁର୍ଗତି ।

ଓଡ଼ିଶାର ଗୌରବମୟ ଇତିହାସ, ଓଡ଼ିଆର ମାନମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଯାଉଥିବାବେଳେ ପଣ୍ଡିତ ଗୋଦାବରୀଶ ମହାପାତ୍ର '*ଉଠ କଙ୍କାଳ*' କବିତା ରଚନା କରିଥିଲେ ଏବଂ ସମଗ୍ର ଓଡ଼ିଆବାସୀଙ୍କୁ ଓଡ଼ିଶାର ହୃତ ଗୌରବକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ

'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ ।
ପୃଥ୍ୱୀ ବିଦାରି ବାରବାଟୀ ମଡା ଉଠ ଉଠ ଚଂଚଳ
ଖୋର୍ଦ୍ଧାର ଶତ ସର୍ଦ୍ଦାର କର ଶିର ଉନ୍ନତ ଭର
ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି
ଉଠୁ ଗତଗୌରବ, ହୃତଗୌରବ, ମୃତଗୌରବ ରାଜି ।'

ନାରୀକବି କୁନ୍ତଳା କୁମାରୀ ସାବତ ସ୍ୱାଧୀନତା ଆନ୍ଦାଳନରେ ଇଂରେଜୀମାନଙ୍କ ବିଦ୍ରୂପ ଶୁଣିଛନ୍ତି । ଓଡ଼ିଆ ଦେଶପ୍ରେମୀର ଦୁଃଖ କାହାଣୀ ଶୁଣି କାତର ହୋଇଛନ୍ତି । ସରଳ, ତରଳ ମା' ମନ କାନ୍ଦିଉଠିଛି । ସେ ଲେଖିଛନ୍ତି -

'ପଖାଳ ଗଣ୍ଡାକୁ ଟିପେ ନାହିଁ ଲୁଣ,
ବାହୁନିବା କିସ ଶାସନର ଗୁଣ
ଅପୂର୍ବ ରଚନା ଶାସନ ପ୍ରଣାଳୀ,
ତେତ୍ରିଶକୋଟି ଯା' କବଳେ କାଙ୍ଗାଳୀ ।'

ରଣପୁର ମାଟିର ସୁଯୋଗ୍ୟ ସନ୍ତାନ ଶହୀଦ ଦିବାକର ପରିଡ଼ା ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଗଡଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ । ଓଡ଼ିଆ ସଂସ୍କୃତି, ଜନସାଧାରଣଙ୍କ ପ୍ରତି ଶ୍ରଦ୍ଧା ଏପରିକି ମାତୃଭୂମି ପ୍ରତି ମୋହ, ମାୟାକୁ ସାଉଁଟୁ ଥିଲେ । ବ୍ରିଟିଶ ବାହିନୀକୁ ପରାହତ କରି ଦେଶ ସ୍ୱାଧୀନ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ନିଜ ଜୀବନକୁ ପାଣି ଛଡେଇ ଦେଶମାତୃକାର ସେବାରେ ବ୍ରତୀ ହୋଇଥିଲେ । ସେ ଲେଖିଥିବା ଏକ କବିତାର କିୟଦଂଶ ହେଲା-

'ସ୍ୱାଧୀନ ରଖିବେ ଜନମଭୂଇଁକି
ଚିର ଦିନ ପାଇଁ ତ୍ରିରଙ୍ଗାକୁ ଟେକି
ପୂର୍ଣ୍ଣ ହେବ ସତେ ଦିବାକର ଆଶା
ସୁଜଳା, ସୁ'ଳା, ସମୃଦ୍ଧ ଓଡ଼ିଶା ।'

ଶିଶୁ ସାହିତ୍ୟିରେ ରାମକୃଷ୍ଣ ନନ୍ଦଙ୍କ ନାମ ଘରେ ଘରେ ପରିଚିତ । ସରଳ, ତରଳ, ସାବଳୀଳ ଭାଷାରେ କବିତା ରଚନା କରି ସମସ୍ତଙ୍କ ମନ ଜିଣିପାରିଛନ୍ତି । ଓଡ଼ିଆ ବୋଲି ସୁନ୍ଦର ଭାବନାଟିଏ ତାଙ୍କ ମନ ଭିତରେ ଉଙ୍କି ମାରିଛି । ତାଙ୍କର କବିତା ସଂକଳନ '*ଝୁମୁକା* 'ର '*ଓଡ଼ିଶା ମୋର ଦେଶ* ' ରେ ଲେଖିଛନ୍ତି –

'ଏଇ ଦେଶର ପାଣି ପବନେ ଶରୀର ହେଲା ଗଢା'
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠ ପଢ଼ା ।
ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ,
ଓଡ଼ିଆ ଆମେ, ଓଡ଼ିଆ ଆମେ, ଓଡ଼ିଶା ଆମ ଦେଶ ।'

ଶିଶୁ କବିତାର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ କୋମଳମତି ଶିଶୁମାନଙ୍କ ମନରେ ଦେଶପ୍ରତି ବୀରତ୍ୱ ଭାବ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ସମର କଳାରେ ପାରଦର୍ଶିତା ଦେଖାଇବାର ସୁଯୋଗ ତିଆରି କରିଛନ୍ତି । ନିଜ କବିତା ସଂକଳନ *ଦେଶ ଓ ଦଶ* ରେ ସ୍ଥାନିତ କବିତା '*ମୋ ଭାଇଟି ଓଡ଼ିଆ* ' ରେ ଲେଖିଛନ୍ତି-

'ମୋ ଭାଇଟି ଓଡ଼ିଆ ଥିଲାରେ ଦିନେ ଓଡ଼ିଆ
ମଣୁଥିଲା ସେ ରଣଭୂଇଁକୁ ପିଲାଙ୍କ ଖେଳ ପଡ଼ିଆ ।
ବୀରମଦରେ ଗାଇଲା ଗୀତ ଯେବେ ମୋ ଭାଇ ବୁଲାଇ ଛାତି
ଥରାଇଦେଲା କୋଟି ଅରାତି କରାଇ ହଡ଼ବଡ଼ିଆ ।'

ଆମ ଏ ଦେଶରେ ସ୍ୱାଧୀନତାର ସ୍ୱର ବହନ କରି ଜାତୀୟ ପତାକା ଉଡୁଛି ଖୋଲା ଆକାଶରେ । ସ୍ୱାଧୀନତାର ଜୟ ଗୀତିକା ଶୁଭୁଛି । ଏ ପତାକା ସତ୍ୟ, ଶାନ୍ତି, ପ୍ରଗତି ଓ ଭାତୃତ୍ୱର ବନ୍ଧନରେ ଆମକୁ ବାନ୍ଧିରଖିପାରିଛି । ତିନିରଙ୍ଗିଆ ପତାକାର ଅପୂର୍ବ ଲାବଣ୍ୟ ସମସ୍ତ ଭାରତୀୟଙ୍କୁ ବିମୋହିତ/ ଆହ୍ଲାଦିତ କରିପାରିଛି । ଏହାହିଁ ଆମର ଗର୍ବ ଓ ଗୌରବ ଓ ପୂର୍ବସୂରୀଙ୍କଅଦମ୍ୟ ସଂଗ୍ରାମର ନମୁନା । ଥରୁଟେ ଚାହିଁଦେଲେ ପତାକାକୁ ମୁଣ୍ଡ ନୋଇଁଆସେ ଆପେ ଆପେ । 'ଜନ ଗଣ ମନ' ଗୀତକୁ ସୁର ଦେଇ ଗାଇବାରେ ଯେତିକ ଆନନ୍ଦ, ସେତିକି ଦେଶାତ୍ମବୋଧକ ଭାବନା ଜାଗିଉଠେ ମନରେ/ ହୃଦୟରେ ।

ହଁ,ଏବେ ଅଗଷ୍ଟ ପନ୍ଦର ଆସିଛି । କିନ୍ତୁ ଚାରିଆଡେ କରୋନା ଭୁତାଣୁର ସାମୁହିକ ସଂକ୍ରମଣ । ମଣିଷ ଦେହରେ ଚରିଯାଉଛି ଆପଣାଛାଏଁ । ଅବେଳରେ ମଶାଣିକୁ ଦେଖିବାର ସୁଯୋଗ ଦେଇଛି କି ସତେ ଅବା ସର୍ବଗ୍ରାସୀ କରୋନା ଭୁତାଣୁ । ଭୟ, ଭ୍ରାନ୍ତିରେ ପରିବେଶ ଆଜି ଅସନ୍ତୁଳିତ । ପ୍ରତିଟି ସମୟରେ ମଣିଷ ନିଜ ଜୀବନକୁ ବଂଚାଇବାପାଇଁ ସତେ ଯେମିତି ସଂଗ୍ରାମ କରୁଛି । ପରାଧୀନ ଦେଶ ପାଇଁ ସଂଗ୍ରାମୀମାନେ ଯେମିତି ପ୍ରାଣମୁର୍ଚ୍ଛା ଉଦ୍ୟମ କରୁଥିଲେ, ଆଜି ସେମିତି କରୋନାକୁ ମୁକାବିଲା କରିବାପାଇଁ ଯୋଦ୍ଧାମାନେ ଅହରହ ଜାଗ୍ରତ । ସରକାରଙ୍କ ନିର୍ଦ୍ଦେଶନାମା- ସାମାଜିକ ଦୂରତା, ମାସ୍କ ପରିଧାନ ଓ ପରିଷ୍କାର ପରିଛନ୍ନତା ହିଁ କରୋନାକୁ ପ୍ରତିହତ କରିବାର ମାଧ୍ୟମ ।. ଏମିତି ଏକ ଭୟାନକ ପରିସ୍ଥିତିରେ ଅଗଷ୍ଟ ପନ୍ଦର ଭାରତୀୟମାନଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଉଛି ନା ଜବରଦସ୍ତ ପାଳନକରିବାକୁ ଆହ୍ୱାନ କରୁଛି ? ହେ ଅଗଷ୍ଟ ପନ୍ଦର, ତୁମକୁ ସ୍ୱାଗତ କରୁଛୁ ଆମେ ଭାରତବାସୀ ।

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର ୭୫୧୦୧୨ (୯୪୩୭୯୨୯୮୭୯)

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାରେ 'ମହାନଦୀ'

- ଅଧ୍ୟାପକ ପବିତ୍ର ମୋହନ ବାରିକ

ପୂଣ୍ୟତୋୟା ମହାନଦୀ ପବିତ୍ର ଉତ୍କଳ ଭୂଖଣ୍ଡରେ ଉତ୍କଳ ଜାହ୍ନବୀ ରୂପେ ପରିଚିତ । ମହାନଦୀ କେବଳ ଯେ ଗୋଟିଏ ନଦୀର ନାମ ତାହା ନୁହେଁ ଏହା ଆମର ମା' । ମହାନଦୀ ଜୀବନ ଜୀବିକାର ମୁଖ୍ୟ ଆଧାର, ସଂସ୍କୃତର ଅମୂଲ୍ୟ ସମ୍ଭାର । ସାମାଜିକ ଏକତାର ସୁର୍ଣ୍ଣଭ ସ୍ୱାକ୍ଷର, ଆମ ଐତିହ୍ୟ ବିମଣ୍ଡିତ ଓଡ଼ିଆ ଜାତିର ପରିଚୟ । ମହାନଦୀ ଆମ ସାହିତ୍ୟ, ସଂସ୍କୃତି, ଇତିହାସ, ଐତିହ୍ୟ ଓ ଧାର୍ମିକ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗିଭାବେ ଜଡ଼ିତ । ମହାନଦୀ ଓଡ଼ିଶାର ବୃହତ୍ତମ ନଦୀ । ଆମ୍ଭମାନଙ୍କର ମାତୃକଳ୍ପ । ମହାନଦୀକୁ ଆଧାରକରି ଆମ ଓଡ଼ିଆ ସାହିତ୍ୟ ସ୍ରଷ୍ଟାମାନେ ଅନେକକାବ୍ୟ, କବିତା, ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ରଚନା କରିଛନ୍ତି । ସେହି ବିଦଗ୍ଧ ସାହିତ୍ୟପ୍ରେମୀମାନଙ୍କର ସୃଜନଶକ୍ତିରେ ମହାନଦୀ ଜୀବନ୍ୟାସ ପାଇଛି । ସତ୍ୟ, ସେବା ଓ ତ୍ୟାଗର ପରମ ଉପାସକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚନାରେ ମହାନଦୀ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଓଡ଼ିଆ ଜାତିର ଆତ୍ମ ଚିନ୍ତନରେ ଆତ୍ମକଥା ତଥା ପୂଣ୍ୟାତ୍ମା ଗୋବନ୍ଧୁଙ୍କର କାଳଜୟୀ ସୃଷ୍ଟି 'ବନ୍ଦୀର ଆତ୍ମକଥା' ଓ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଥିବା ପ୍ରେରଣା ଦାୟୀ ଖଣ୍ଡକାବ୍ୟ 'କାରାକବିତା'ରେ ମହନାଦୀର କଥା ସ୍ଥାନିତ ହୋଇଅଛି । ଓଡ଼ିଆ ଜାତୀୟତାକୁ ପୂଣ୍ୟତୋୟା ଜାହ୍ନବୀ ସହିତ ତୁଳନା କରି ଯାଇଛି ଉତ୍କଳମଣିଙ୍କ କବିତାରେ ମହାନଦୀର ମାହାତ୍ମ୍ୟ ଅତି ସୁନ୍ଦର ଭାବେ ଉଲ୍ଲେଖ କରାଯାଇଅଛି । ବନ୍ଦୀର ଆତ୍ମକଥାର ପଞ୍ଚ ଭାଗରେ ସତର ପୃଷ୍ଠାରେ ମହାନଦୀର ନାମ ଉଲ୍ଲେଖ କରିଛନ୍ତି ।

"ଡେଇଁ ଆସିଅଛି ଏବେ ମହାନଦୀ
କଳିରେ ଉତ୍କଳ ପୂତ ବିଷ୍ଣୁପଦୀ"

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରସିଦ୍ଧ କାରା କବିତା ପୁସ୍ତକର ବନ୍ଦୀର ଦ୍ୱାଦେଶ ଚିନ୍ତାରେ ୩୯ପୃଷ୍ଠାରେ ମହାନଦୀର କଥା ବର୍ଣ୍ଣନା କରିଛନ୍ତି । ହଜାରିବାଗ କାରାଗାରର ନିବୃତ୍ତ କୋଠରୀ ମଧ୍ୟରେ ରହି ପୂଣ୍ୟାତ୍ମା ଗୋପବନ୍ଧୁ ସ୍ୱଦେଶ ଭାବନାକୁ ଉଜ୍ଜୀବିତ କରିଥିଲେ । କଳ୍ପନା ନେତ୍ରରେ ସ୍ୱଦେଶ ବାର୍ତ୍ତା ସମୀରଣ ମାଧ୍ୟମରେ ପାଇବାକୁ ପୂଣ୍ୟ ଶ୍ଳୋକ ଗୋପବନ୍ଧୁ ଉଦ୍ୟମ କରିଛନ୍ତି । ବନ୍ଦୀ ଗୃହରେ ସ୍ୱଦେଶ ସନ୍ଦେଶ ପାଇବା ନିମନ୍ତେ ବ୍ୟାକୁଳିତ ଥିବା ପଣ୍ଡିତ ଗୋପବନ୍ଧୁଦାସ ମାରୁତିକୁ ମଧ୍ୟରୂପେ ଗ୍ରହଣ କରିଥିଲେ । ସ୍ୱଦେଶର ବିଭିନ୍ନ ଅଞ୍ଚଳରେ ଦର୍ଶନୀୟ ସ୍ଥାନ, ନଦୀ, ପର୍ବତ ଓ ଜନମାନସରେ ଭାବନାକୁ ସେ ବାୟୁ ମାଧ୍ୟମରେ ଅବଲୋକନ କରିଛନ୍ତି । ଗୋପବନ୍ଧୁଙ୍କ ମାନସପଟରେ ମହାନଦୀର ଚିତ୍ର ଉଦଭାସିତ ହୋଇଅଛି । ମହାନଦୀର ନୀର ନୀଳିନୀର ବାସନା ଗୋପବନ୍ଧୁଙ୍କ ପ୍ରାଣକୁ ଆକୃଷ୍ଟ କରିଛି । ଈଶ୍ୱରଙ୍କ ଅବଦାନ ମହାନଦୀର ଅଫୁରନ୍ତ ଶୋଭାରାଜି ଗୋପବନ୍ଧୁଙ୍କ ହୃଦୟକୁ କରିଛି ବିମୋହିତ । ତେଣୁ ତାଙ୍କ ଭାଷାରେ

ଖଣ୍ଡଗିରିପରେ ଉନ୍ମୁକ୍ତ ଅମ୍ବରେ
କରିଥିବ ନବ ଗତି ରଚନା
ବାଟରେ ଅଟକ କଲାକି କଟକ
ମହାନଦୀ ନୀଳ ନୀରବାସନା' ।

ପୁନଶ୍ଚ ମହାନଦୀର ମନୋଲୋଭା ଦୃଶ୍ୟ ତାଙ୍କ କବିତାରେ ଜୀବନ୍ତ ହୋଇ ଉଠିଛି । ବନ୍ଦୀଶାଳାରେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟର ବିଭବ ତାଙ୍କୁ ବିମୋହିତ କରିଛି । ଓଡ଼ିଆ କବିମାନଙ୍କ ପରି ଗୋପବନ୍ଧୁ ତାଙ୍କ କବିତାରେ ମହାନଦୀକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ତେଣୁ ସେ କାରାକବିତା ରେ ଉଲ୍ଲେଖ କରିଛନ୍ତି ।

ଫୁଲି ଉଠିଥିବ ମହାନଦୀ ବକ୍ଷ
କମ୍ପି ଉଠିଥିବ ଲହରୀ ହାର
ପଠାଖଡ଼ିପନ୍ତି ଥିବେ ମଥାପୋତି

ମୃଦୁହାସେ ଦେବେ ଅଙ୍ଗ ବିକାର ।

ଗୋପବନ୍ଧୁଙ୍କ କବିପ୍ରାଣକୁ ଆନ୍ଦୋଳିତ କରିଛି ମହାନଦୀ । କବି ଭାବନାର ଅମୃତ ଅନୁଭବକୁ ନିଜ କବିତାରେ ଉଲ୍ଲେଖ କରିବାକୁ କେବେ ଭୁଲି ନାହାନ୍ତି । ଗୋପବନ୍ଧୁ ଯେଉଁ ପ୍ରାଣସ୍ପର୍ଶୀ କବିତା ରଚନା କରିଛନ୍ତି ସେଥିରେ ମହାନଦୀର ନାମ ଉଲ୍ଲେଖ କରିଛନ୍ତି । ଉତ୍ତପ୍ତ ପବନ ଶୀତଳ ସ୍ପର୍ଶ ପାଇବା ନିମନ୍ତେ ମହାନଦୀର ଜଳରେ ପ୍ରବେଶ କରିଥାଏ । ତେଣୁ ଗୋପବନ୍ଧୁଙ୍କ ଭାଷାରେ

"ଆତୁର ଅଧୀରେ ମହାନଦୀ ନୀରେ
ପଶିଥିବ ଯାଇ ସନ୍ତାପ ନାଶେ
ଗିରିନିତସ୍ୱିନୀ ତରଙ୍ଗ ହାସିନୀ
ଅଙ୍ଗ ଫୁଲିଥିବ ନବ ଉଲ୍ଲାସେ ।"

ହୀରାକୁଦ, ସମ୍ବଲପୁର ଓ ମହାନଦୀର ଐତିହ୍ୟ ବିମଣ୍ଡିତ ଅତୀତର ସ୍ମୃତି ଚାରଣ କରିଛନ୍ତି ଗୋପବନ୍ଧୁ କାରା କବିତା ପୁସ୍ତକର କବିତା ପଂକ୍ତିରେ । ବନ୍ଦୀର ନିସଙ୍ଗ ଜୀବନରେ ଜାତିପ୍ରାଣ, ପୂଣ୍ୟାତ୍ମା ଗୋପବନ୍ଧୁ ମଧୁର ମଳୟ ପବନକୁ ନିଜର ବନ୍ଧୁ ରୂପେ ଗ୍ରହଣ କରିଛନ୍ତି । ଏହାରି ମାଧ୍ୟମରେ ତାଙ୍କର ଅତି ପ୍ରିୟ ହୀରାକୁଦ, ସମ୍ବଲପୁର, ଓ ମହାନଦୀକୁ ଅତ୍ୟନ୍ତ ଭଲ ପାଇଛନ୍ତି ଯାହାର ପ୍ରମାଣ ତାଙ୍କ କବିତାରୁ ମିଳିଥାଏ ।

ମୃଦୁମଳୟ ପବନ ଗିରି, ବନ, ସଂକଟ, ଗଣ୍ଡ ଓ ଜନପଦ ପ୍ରଭୃତି ଚକ୍ରାକାର ପଥରେ ଗତି କରିଥାଏ । ପଶ୍ଚିମ ଦିଗରେ ଗତି କରି ଖଣ୍ଡଦୂରରେ ହୀରାଖଣ୍ଡ ସହିତ ମୃଦୁମଳୟ ପବନ ମିଳିତ ହୋଇଥାଏ । ତେଣୁ ଗୋପବନ୍ଧୁଙ୍କ ଭାଷାରେ

କାହିଁ କେତେ ଖଣ୍ଡେ ଗିରି ସଂକଟେ
ପଶ୍ଚିମ ମୁଖରେ ଯାଇ ଖଣ୍ଡ ଦୂରେ
ମିଳିଥିବ ହୀରାଖଣ୍ଡ ନିକଟ ।

ହୀରାକୁଦ ହୀରାପାଇଁ ଅତୀତରେ ବିଶ୍ୱ ପ୍ରସିଦ୍ଧ ଥିଲା । ଅନେକ ଐତିହାସିକ ଓ ଗବେଷକମାନେ ଏ ସଂପର୍କରେ ବିଶ୍ୱାସଯୋଗ୍ୟ ତଥ୍ୟ ନିଜ ନିଜର ସନ୍ଦର୍ଭରେ ସ୍ଥାନ ଦେଇଛନ୍ତି । ପ୍ରାଚୀନ ରୋମ ସଭ୍ୟତାରେ ହୀରାକୁଦରୁ ମିଳୁଥିବା ହୀରା ଯଥେଷ୍ଟ ଆଦର ଥିଲା । ଉତ୍କଳମଣିଙ୍କ କବିତା ହୀରାକୁଦ ଓ ଏଠାରୁ ମିଳୁଥିବା ହୀରା, ମହାନଦୀ ଏବଂ ସମ୍ବଲପୁରକୁ ନେଇ ସମୃଦ୍ଧ । ଏ ସମସ୍ତ ସ୍ଥାନମାନଙ୍କୁ ଗୋପବନ୍ଧୁ ତାଙ୍କ କବିତାରେ ଯଥେଷ୍ଟ ଗୁରୁତ୍ୱ ଦେଇ ଲେଖିଛନ୍ତି –

ମହାନଦୀ ବକ୍ଷେ ଦୀପ ରମଣୀୟ
ସମ୍ବଲପୁରର ସୁଷମା ଖଣି
ମଣ୍ଡିଥିଲା ଦିନେ ହୀରକ ଯାହାର
ପୁରାତନ ରୋମ ରାଜ୍ୟେ ବିପଣ ।

ହୀରାକୁଦର ସମୃଦ୍ଧ ଅତୀତ ଓ ସ୍ମରଣୀୟ ସ୍ମୃତି ଗୋପବନ୍ଧୁଙ୍କ କବି ପ୍ରାଣକୁ ଆନ୍ଦୋଳିତ ଓ ବିମୋହିତ କରିଥିଲା । ସେ ପ୍ରାଣଭରି ଭଲ ପାଉଥିବା ହୀରାକୁଦର ହୀରକ ସ୍ମୃତିକୁ ବନ୍ଦୀଗୃହରେ ମନେ ପକାଇ କାରା କବିତା ର ସ୍ୱଦେଶ ଭାବନା ସ୍ଥାନ ଦେଇଛନ୍ତି । । ଗୋପବନ୍ଧୁଙ୍କ ଭାଷାରେ ଧୀବର ତନୟା ସ୍ମୃତି ବିଜଡ଼ିତ ହୀରାକୁଦର ଐତିହ୍ୟକୁ ମନେ ପକାଇ ନିଜକୁ ଆତ୍ମହରା କରିଥାନ୍ତି । ଗୋପବନ୍ଧୁଙ୍କ ଭାଷାରେ –

ସରିଛି ସଂପଦ ଏବେ ହୀରାକୁଦ
ଉପେକ୍ଷିତ ଧନହୀନ ସମ୍ମାନ
ଧୀବର କୁମାରୀ ଗଣଇ ଲହରୀ
ଗାଏ କେବେ ପଦେ ବିସ୍ମୃତ ଗାନ ।

ମହାନଦୀର ନୈସ୍ୱର୍ଗୀୟ ଶୋଭା ସୁଷମାରେ ଗୋବନ୍ଧୁଙ୍କର କବି ପ୍ରାଣ ହୋଇଛି ମନ୍ତ୍ରମୁଗ୍ଧ । ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କବି ଜୀବନ୍ୟାସ ଦେଇଛନ୍ତି ତାଙ୍କ କାଳଜୟୀ କବିତା । ପୂଣ୍ୟତୋୟା ମହାନଦୀ ଗୋପବନ୍ଧୁଙ୍କ ଦୃଷ୍ଟିରେ ତପ ବେଦୀ ସଦୃଶ୍ୟ । ପୂଣ୍ୟ ଉତ୍କଳର ଜୀବନ ରେଖା ମହାନଦୀର ମହିମା ଓ ମାହାତ୍ମ୍ୟକୁ ଗୋପବନ୍ଧୁଙ୍କ କବିତାରେ ପାଇଛି ସ୍ୱତନ୍ତ୍ର ପରିଚୟ । ମହାନଦୀର ମହନୀୟତାକୁ ସେ ଅନୁଭବ କରିଥିଲେ ଏବଂ ଉତ୍କଳୀୟମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ ନିଜ କବିତା ମାଧ୍ୟମରେ । ତେଣୁ ତାଙ୍କ ବର୍ଣ୍ଣନାରେ ଉଲ୍ଲେଖ ଅଛି –

ମହାନଦୀ ନୀର ଶଇଳ ସମୀର
ସେବନ୍ତି ସ୍ୱଚ୍ଛନ୍ଦେ ତନୟେ ଯାର

ଅଛି ମୋ ବିଶ୍ୱାସ ହେବେ ସେ ଅବଶ୍ୟ
ସ୍ୱାଧୀନତା ରଣେ ଦୃଢ଼ ପ୍ରକାର ।

ସମ୍ବଲପୁର ପ୍ରତି ଗୋପବନ୍ଧୁଙ୍କର ହୃଦୟରେ ଥିଲା ଅହେତୁକ ଆବେଗ । ବନ୍ଦୀଶାଳାରୁ ସମ୍ବଲପୁରର ଶୁଭ ସମାଚାର ଶୁଣିବା ପାଇଁ ବ୍ୟାକୁଳିତ ହୋଇପଡ଼ିଥିଲେ । ଉତ୍କଳର ଗଂଗା ସୌନ୍ଦର୍ଯ୍ୟମୟୀ ମହାନଦୀର ପବିତ୍ରଜଳକୁ ତାଙ୍କ ନିକଟକୁ ଆଣିବା ପାଇଁ ସମୀରକୁ ବିନମ୍ର ନିବେଦନ କରିଛନ୍ତି କାରା କବିତାର ଖଣ୍ଡବାକ୍ୟରେ । ଏ ସଂପର୍କରେ ତାଙ୍କର ସୁଚିନ୍ତିତ ମନ୍ତବ୍ୟ ଅତ୍ୟନ୍ତ ପ୍ରେରଣା ଦାୟୀ ଓ ଉତ୍ସାହପଦ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭାଷାରେ–

ସମ୍ବଲପୁରର ଶୁଭ ସମାଚାର
ଶୁଣାଅ ସଦୟେ ସମୀରବାରେ
ଉତ୍କଳ ଜାହ୍ନବୀ ଠାରୁ ମହାନଦୀ
ପୂଣ୍ୟ ଅମ୍ବୁକଣା ଆଣ ମୋ ଦ୍ୱାରେ ।

ମହାନଦୀ ଓଡ଼ିଆ ଜାତିର ଭାବାବେଗକୁ ହିତ ଜଡ଼ିତ ଯାହା ଗୋପବନ୍ଧୁଙ୍କ କବିତାରୁ ସ୍ପଷ୍ଟ ବାରି ହୋଇପଡ଼େ । ଗୋପବନ୍ଧୁଙ୍କ ବିଚାରଧାରାରେ ମହାନଦୀ ଓଡ଼ିଶାର ପ୍ରଭାବିତ କରିଅଛି । ମହାନଦୀକୁ ଆଦରକରି ଗୋପବନ୍ଧୁଙ୍କ କବିତା ଥିଲା ପ୍ରାଣସ୍ପର୍ଶୀ, ମନୋଜ୍ଞ ଓ ଚିତ୍ତାସ୍ପର୍ଶକ । ଗୋପବନ୍ଧୁଙ୍କ ଦୃଷ୍ଟିରେ ମହାନଦୀ ଓଡ଼ିଆ ଜାତି ପାଇଁ ଭଗବାନଙ୍କର ଆର୍ଶୀବାଦ ଓ ମହାର୍ଘ୍ୟ ଅବଦାନ । ଗୋପବନ୍ଧୁଙ୍କ କବିତାରେ ଉଲ୍ଲିଖିତ ହୋଇଛି ମହାନଦୀର ସୌନ୍ଦର୍ଯ୍ୟବୋଧତା, ଅବଦାନ ଓ ଜାତୀୟତାର ପ୍ରତୀକ ରୂପେ । ମହାନଦୀ ପ୍ରତି ଗୋପବନ୍ଧୁ ଥିଲେ ଅତ୍ୟନ୍ତ ଭାବପ୍ରବଣ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର,
ଖୋର୍ଦ୍ଧା, ମୋ ୮୮୯୫୧୦୪୭୫



# ଶିଳାଲିପି ଓ ଅନୁଶାସନରେ ଓଡ଼ିଆ ଭାଷାର ବିକାଶଧାରା

- ଡ଼କ୍ଟର ଲକ୍ଷ୍ମୀ ନାରାୟଣ ଦାଶ

ଓଡ଼ିଶାର ଶାସନ ଦୃଷ୍ଟିରୁ ବିଚାରକୁ ନେଲାବେଳେ ଜଣାଯାଏ ଯେ, ଶାସକମାନଙ୍କର ଅନୁଶାସନ ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଶାସକମାନଙ୍କର ଲିଖନୀକଳା ମାଧ୍ୟମରେ ଜଣାଯାଏ ତତ୍କାଳୀନ ଭାଷା, ଲିପି ଓ ପ୍ରତୀକକୁ ନେଇ ଆମେ ସେହି ସମୟର ଭାଷାକୁ ଜାଣିପାରିଥାଉ ସୁବିଧା ଦୃଷ୍ଟିରୁ ତାହାକୁ ଆମେ ବିଭିନ୍ନ ପର୍ଯ୍ୟାୟଭୁକ୍ତ କରିଥାଉ ସେହିଦୃଷ୍ଟିରୁ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା, ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ଓ ନବୀନ ଭାରତୀୟ ବା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ନାମରେ ବିଭକ୍ତ କରିଥାଉ ସେହି ଦୃଷ୍ଟିକୋଣରୁଏହାକୁ କେହି କେହି ମଧ୍ୟଭାରତୀୟ ଆର୍ଯ୍ୟଭାଷାକୁ ଓ ଅନୁଶାସନ ଅନୁଯାୟୀ ସ୍ତର ବିଭାଜନ କରିଛନ୍ତି ତାହାକୁ ନିମ୍ନରେ ପ୍ରଦତ୍ତ କରାଗଲା ଏହା ତିନୋଟି ସ୍ତର ଦେଇ ଗତି କରିଅଛି ଯଥା -

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରୁ ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଥମ ସ୍ତର

ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଦ୍ୱିତୀୟ ସ୍ତର

ଖ୍ରୀଷ୍ଟିୟ ଷଷ୍ଠ ଶତାବ୍ଦୀରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ତୃତୀୟ ସ୍ତର

**ପ୍ରଥମ ସ୍ତର:** ଅଶୋକଙ୍କର ଅନୁଶାସନ ସମୁହକୁ ପ୍ରଥମ ସ୍ତର ଭାଷା ଭାବେ ଗ୍ରହଣ କରାଯାଇଛି । ଏତଦ୍ ବ୍ୟତୀତ ଅଶୋକଙ୍କର ଶିଳାଲିପି ଏବଂ ହୀନଯାନ ମତାବଲମ୍ବୀ ବୌଦ୍ଧମାନଙ୍କ ପାଲି ସାହିତ୍ୟ ଇତ୍ୟାଦି ଅନଭୂତି କିନ୍ତୁ ଅନୁଶାସନର ଭାଷା ଗୁଡ଼ିକୁ ପ୍ରାମାଣିକ ଭାଷା ହିସାବରେ ଗ୍ରହଣ କରାଯାଇପାରେ । ଏତଦବ୍ୟତୀତ ଅଶୋକ ଶିଳାଲିପି ସମସାମୟିକ କେତୋଟି ଶିଳାଲେଖ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇଛି । ତାହା ଯେପରି ସୁତକାନୁଶାସନ ଏବଂ ଖାରବେଳ ଅନୁଶାସନ । ତେବେ ଏହି ଶିଳାଲେଖ ଗୁଡ଼ିକରେ ଭାଷା ଯେପରି ଥିଲା ତାହା ନିମ୍ନରେ ପ୍ରଦତ୍ତ ହେଲା ।

**ଅଶୋକାନୁଶାସନ:** ଅଶୋକ ଅନୁଶାସନ ଆମେ ଚାରୋଟି ଉପଭାଷାର ଅସ୍ତିତ୍ୱ ହୃଦୟଙ୍ଗମ କରୁ ସେଗୁଡ଼ିକ ହେଲା - (୧) ଉତ୍ତର ପଶ୍ଚିମା - ଅର୍ଥାତ୍ ଶହବାଦଗଡ଼ି ଏବଂ ମାନସେହେରା ଅନୁଶାସନ (୨) ଦକ୍ଷିଣ ପଶ୍ଚିମା - ଅର୍ଥାତ୍ ଗିର୍ନାର ଅନୁଶାସନ । (୩) ପ୍ରାଚ୍ୟ ମଧ୍ୟ - ଅର୍ଥାତ୍ କାଲସୀ ଏବଂ ଛୋଟ ଅନୁଶାସନ ଗୁଡ଼ିକ (୪) ପ୍ରାଚ୍ୟ - ଅର୍ଥାତ୍ ଧଉଳି ଜଉଗଡ଼ ଅନୁଶାସନ ଆଦି ।

ଉଲ୍ଲିଖିତ ଅନୁଶାସନ ଗୁଡ଼ିକର ପ୍ରଥମ ଭାଷା ହେଉଛି ଉତ୍ତର ପଶ୍ଚିମା ଏ ଭାଷାର ବିଶେଷତ୍ୱ ହେଉଛି ଯେ - ର ଏବଂ 'ଓ' କାର କ୍ଷୁଦ୍ର ବ୍ୟଞ୍ଜନ ଧ୍ୱନିର ବହୁଳ ପ୍ରୟୋଗ ଅଛି । ଯଥା ପ୍ରିୟ, ସ୍ରିୟକ ତଥା ଅସ୍ତି ଆଦି ।

ସେହିପରି ଦ୍ୱିତୀୟ ଉପଭାଷା ହେଉଛି ଦକ୍ଷିଣପଶ୍ଚିମା ଉପଭାଷା । ଏହି ଉପଭାଷାରେ ବୈଦିକ ସଂସ୍କୃତର ଯଥେଷ୍ଟ ପ୍ରଭାବ ଲକ୍ଷିତ ହୁଏ । ଏହାର ବିଶେଷତ୍ୱ ହେଉଛି - ଶ, ଷ ଏବଂ ସ ସ୍ଥାନରେ କେବଳ ଦନ୍ତ୍ୟ ସହକାର ପ୍ରୟୋଗ ଦୃଷ୍ଟି ଗୋଚର ହୁଏ । ସମୟ ବିଶେଷରେ ଦୃ > ରି ହୁଏ ଯେପରି ଏତାଦୃଶ>ଏତାରିଶ, ଯାଦୃଶ>ଯାରିଶ ଆଦି ।

ତୃତୀୟ ଉପଭାଷା ହେଉଛି ପ୍ରାଚ୍ୟମାଧ୍ୟମା ଏ ଭାଷାର ପ୍ରଧାନ ଲକ୍ଷଣ ହେଲା ସର୍ବତ୍ର 'ର' କାରର 'ଲ' କାର ହୁଏ 'ଶ' ତଥା 'ଷ'ର ଲୋପ ହୁଏ ନାହିଁ ପଦନ୍ତ ବିସର୍ଗ ଯୁକ୍ତ ଆକାର 'ଏ' କାରରେ ପରିଣତ ହୁଏ । ଅତ୍ୟଳ୍ପ ସ୍ଥାନରେ ପଦ ମଧ୍ୟବର୍ତ୍ତୀ 'ଓ' କାରର 'ଏ'କାର ହେବାର ଦେଖାଯାଏ । ପଦାନ୍ତ ଆକାର 'ଆ' କାର ହୁଏ 'ର' ଏବଂ 'ସ' କାର ଯୁକ୍ତ ବ୍ୟଞ୍ଜନ ଧ୍ୱନିର ସମୀଭବନ ହୋଇଥାଏ । ଯେପରି ଅସ୍ତି > ଅଥି, ସର୍ବତ୍ର > ସଭ ଇତ୍ୟାଦି ।

ଚତୁର୍ଥ ଉପଭାଷା ହେଉଛି ପ୍ରାଚ୍ୟଉପଭାଷା । ଏହି ଉପଭାଷାର ଲକ୍ଷଣ ଗୁଡ଼ିକ ପ୍ରାଚ୍ୟ ମଧ୍ୟମାର ସମାନ୍ୟ କେତୋଟି ନିୟମ ଛାଡ଼ି ଦେଲେ ଅନ୍ୟ ସବୁ ପ୍ରାଚ୍ୟ ମଧ୍ୟମାର ଅନୁବର୍ତ୍ତୀ କହିଲେ ଚଳେ । ବହିର୍ଭୁକ୍ତ ନିୟମ ଗୁଡ଼ିକ ହେଲା- ପଦାନ୍ତ ଅ-କାର ଯୁକ୍ତ ବିସର୍ଗରେ 'ଏ'କାରରେ ପରିଣତ ହୁଏ ଏହା ବ୍ୟତୀତ ପଦ ମଧ୍ୟରେ ଥିବା ଓ ଏ ହୁଏ । ଶ, ଷ,ସ ର କେବଳ 'ସ' ହୁଏ ର > ଲରେ ପରିଣତ ହୁଏ । ଉତ୍ତମ ପୁରୁଷ ସର୍ବନାମ ପ୍ରଥମା ଏକବଚନରେ ହଃ ହୁଏ ଉକ୍ତ ଉପଭାଷାର ପ୍ରମାଣ ଧୌଳିଗିରିର ଅନୁଶାସନରୁ ମିଳେ ।

ସୁତରାଂ ଏସବୁ ଅନୁଶାସନ ଗୁଡ଼ିକର ଉପଭାଷା ଭିନ୍ନ ଭିନ୍ନ ହୋଇଥିବାରୁ ଭିନ୍ନ ଭିନ୍ନ ରୂପ ପ୍ରତ୍ନତତ୍ତ୍ୱବିଦ୍ ମାନେ କଳ୍ପନା କରି ପ୍ରତ୍ୟେକର ବିଶେଷତ୍ୱ ପ୍ରଦାନ କରିଅଛନ୍ତି ।

**ସୁତକାନୁଶାସନ:** ଅଶୋକ ଶିଳାଲିପିର ସମସାମୟିକ ଆଉ ଗୋଟିଏ ଶିଳାଲିପି ଆମ୍ଭେମାନେ ଦେଖିବାକୁ ପାଉ । ତାହାହେଉଛି ସୁତକାନୁଶାସନ ଏହି ଶିଳା ଲେଖଟି ରାମଗିରି ପାହାଡ଼ ମଝି ଅଂଶରେ ଖୋଦିତ ହୋଇଛି । ଏହାର ପ୍ରଥମ ଶବ୍ଦଟି ସୁତନୁକା ହୋଇଥିବାରୁ ଏହାକୁ ସୁତନୁକା ଅନୁଶାସନ ବୋଲି କୁହାଯାଏ । ଏହି ଲିପିର ଭାଷା ଉପରେ ପ୍ରାଚ୍ୟ ଭାଷାର ପ୍ରଭାବ ପଡ଼ିଥିବାର ଦେଖାଯାଏ । ତଥାପି କେତେ ସ୍ଥଳରେ ସ୍ୱତନ୍ତ୍ର ମଧ୍ୟ ରହିଛି । ସେଗୁଡ଼ିକ ହେଲା 'ସ' ସ୍ଥାନରେ 'ଶ'ର ପ୍ରୟୋଗ 'ର' ସ୍ଥାନରେ 'ଳ'ର ବ୍ୟବହାର ଏବଂ ପୁଂଲିଙ୍ଗ ପ୍ରଥମାର ଏକବଚନରେ 'ଏ' ବିଭକ୍ତିର ପ୍ରୟୋଗ ଦୃଷ୍ଟିଗୋଚର ହୁଏ । ସୁତରାଂ ଏହିପରି କେତେକ ପରାଭିନ୍ନକୁ ଛାଡ଼ି ଦେଲେ ଅନ୍ୟ ସବୁ ପ୍ରାଚ୍ୟ ଭାଷାର ଭାଷା ସହିତ ସମାନ ଥିବାର ଅନୁମାନ କରାଯାଇପାରେ ।

**ଖାରବେଳ ଅନୁଶାସନ:** ଖାରବେଳ ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରି ପାହାଡ଼ରେ ତାଙ୍କର ରାଜ୍ୟ ଶାସନର ବିବରଣୀ ପ୍ରଦାନ କରିଅଛନ୍ତି । ଏଥିରେ ଦୀର୍ଘ ୧୬ ବର୍ଷର ବିବରଣୀ ଦେଖିବାକୁ

ମିଳେ । ଏହାର ଭାଷା ସଂପୂର୍ଣ୍ଣ ପ୍ରାଚ୍ୟ ନୁହେଁ । ଦକ୍ଷିଣ ପଶ୍ଚିମ ଉପଭାଷାର ପ୍ରଭାବ ଏହାର ଦେହରେ ବିଦ୍ୟମାନ ଗିର୍ନାର ଅନୁଶାସନ ସହିତ ଏହାର ଯଥେଷ୍ଟ ସାମ୍ୟ ଅଛି । ଏ ଅନୁଶାସନର ଭାଷା ପୁରାପୁରି ସାଧୁ ଭାଷା ଅଟେ । ଅଶୋକଙ୍କ ଅନୁଶାସନ ପରି ଏଥିରେ କଥିତଭାଷା ସ୍ଥାନ ପାଇପାରି ନାହିଁ । ପ୍ରାକୃତ ଉପରେ ସଂସ୍କୃତର ପ୍ରଭାବ ବିଶେଷ ଭାବରେ ପଡ଼ିଥିବାର ଲକ୍ଷ୍ୟ କରାଯାଇଥାଏ । କିନ୍ତୁ ପରବର୍ତ୍ତୀ କାଳରେ ସଂସ୍କୃତରେ ପ୍ରଭାବ ଉପରେ ଧୀରେ ଧିରେ କମି ପ୍ରାକୃତର ପ୍ରଭାବ ପ୍ରାଦେଶିକ ଭାଷାମାନଙ୍କ ଉପରେ ବଢ଼ିବାରେ ଲାଗିଲା ସୁତରାଂ ଏହି ସମୟରୁ ହିଁ ପ୍ରାକୃତ ଭାଷାର ପ୍ରସାର ଓ ପ୍ରଚାର ବେଶୀ ପରିମାଣରେ ହୋଇଥିଲା ।

**ଦ୍ୱିତୀୟ ସ୍ତର:** ଦ୍ୱିତୀୟ ସ୍ତର ଭାଷା ଖ୍ରୀ:ପୂ: ପ୍ରଥମ ଶତାବ୍ଦୀଠାରୁ ଆରମ୍ଭ ହୋଇ ଖ୍ରୀଷ୍ଟିୟ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତୃତ । କେତେକ ଶିଳାଲିପି ଓ ସାହିତ୍ୟକ ପ୍ରାକୃତ ଏହି ଭାଷାରେ ଦୃଷ୍ଟିଗୋଚର ହୋଇଥାଏ । ମହାରାଷ୍ଟ୍ର, ଶୌରସେନୀ, ଅର୍ଦ୍ଧମାଗଧୀ, ମାଗଧୀ ପୈଶାଚୀ ଏବଂ ବୌଦ୍ଧ ସଂସ୍କୃତ ଏହି ଭାଷାରେ ଓତପ୍ରୋତ ଭାବେ ଜଡ଼ିତ । ଏହି ଭାଷାର ପ୍ରଧାନ ଲକ୍ଷଣ ହେଲା । ସ୍ୱର ମଧ୍ୟସ୍ଥିତ ସ୍ପୃଷ୍ଟ ବ୍ୟଞ୍ଜନ ଅଳ୍ପ ପ୍ରାଣ ହେଲେ ଲୁପ୍ତ ହୁଏ ଏବଂ ମହାପ୍ରାଣ ହେଲେ 'ହ' କାରରେ ପରିଣତ ହୁଏ । ଯଥା- ଧୃତ > ହିତ > ଇଧୁ > ଇହି ଇତ୍ୟାଦି । ଏହି ଦ୍ୱିତୀୟ ସ୍ତରର ସ୍ୱର ମଧ୍ୟଗତ ଅଘୋଷକ ବ୍ୟଞ୍ଜନ ଭସ୍ମୀଭୂତ ହୁଏ । ଯେପରି ପ୍ରତିବିମ୍ବ > ପ୍ରତିସ୍ଥାପିତ, ପାହୁଡ଼ > ପ୍ରାକୃତ ତଥା ସ୍ୱର ମଧ୍ୟଗତ ଭସ୍ମିଭୂତ ବ୍ୟଞ୍ଜନ ଅଳ୍ପପ୍ରାଣ ହୁଏ ଯଥା – ମଅ > ମଗ୍ >ମଗ > ମୃଗ ଆଦି । ଏହି ସ୍ତରର ଭାଷାରେ ଶବ୍ଦ ଓ ଧାତୁ ରୂପ ସରଳୀକୃତ ହେଲା ଏବଂ କର୍ମ ଭାବବାଚ୍ୟରେ 'ତ' ପ୍ରତ୍ୟାୟାନ୍ତ ଅସମାପିକା କର୍ତ୍ତୃବାଚ୍ୟରେ ଅତୀତ କାଳରେ ସମାପିକା କ୍ରିୟାର ସ୍ଥାନ ଗ୍ରହଣ କଲା କର୍ତ୍ତାଛଡ଼ା ବିଭିନ୍ନ କାରକର ଅର୍ଥରେ ବିବିଧ ପଦ ଉପସର୍ଗ ରୂପରେ ଯୁକ୍ତ ହେବାକୁ ଲାଗିଲା ଏହି ମଧ୍ୟଭାରତୀୟ ଅର୍ଯ୍ୟାଭାଷାର ଦ୍ୱିତୀୟ ସ୍ତରର ନିଦର୍ଶନ ଆମ୍ଭେମାନେ ଆଶ୍ୱଘୋଷକର ନାଟକରୁ ତଥା ଖରୋଷ୍ଠୀ ଧମ୍ମପଦରୁ ମିଳେ । ଏହି ସ୍ତରରେ ଭାଷାର ପ୍ରାକୃତ ସହିତ ସମ୍ପର୍କ ହୋଇଥିବା ହେତୁ ପ୍ରାକୃତ ବୋଲି ମଧ୍ୟ କୁହାଯାଇପାରେଙ୍ଗ ।

**ତୃତୀୟସ୍ତର:** ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ତୃତୀୟ ସ୍ତର ଆମ୍ଭେ ଅପଭ୍ରଂଶ ଦେଖୁ । ଏହାର ସମୟ ଖ୍ରୀଷ୍ଟିୟ ଷଷ୍ଠ ଶତାବ୍ଦୀରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ବୋଲି ନିରୁପଣ କରାଯାଇପାରେ । ଏହିଭାଷା ସମସ୍ତ ତଥା କଥିତ ନବ୍ୟଭାରତୀୟ ଆର୍ଯ୍ୟଭାଷାର ଜନନୀ କହିଲେ ଅତ୍ୟୁକ୍ତି ହେବନାହିଁ ଏହି ଭାଷାରେ ସ୍ୱତନ୍ତ୍ର କିଛି ନିୟମ ନାହିଁ । ବିଶୃଙ୍ଖଳିତ ଅବସ୍ଥାରେ ନିୟମ ଗୁଡ଼ିକ ବିଦ୍ୟମାନ ଭାଷାବିତମାନେ ଏହି ଭାଷାକୁ ପ୍ରାକୃତ ନାମରେ ଆଖ୍ୟାତ କରିଥିଲେ ପରବର୍ତ୍ତୀ କାଳରେ ବୈୟାକରଣମାନେ ସଂସ୍କୃତ ବ୍ୟାକରଣକୁ ଲକ୍ଷ୍ୟ କରି ଏହି ଭାଷାର ମଧ୍ୟ ବ୍ୟାକରଣ ରଚନା କରିଥିଲେ ଏହି ଶ୍ରେଣୀର ପ୍ରାକୃତ ଭାଷା ମଧ୍ୟରୁ ପ୍ରଧାନ ଭାଷା ହେଲା – ମହାରାଷ୍ଟ୍ରୀ, ଶୌରସେନୀ, ଅର୍ଦ୍ଧମାଗଧୀ, ପୈଶାଚୀ ତଥା ଅପଭ୍ରଂଶ ଆଦି । ସୁତରାଂ ଏହି ସ୍ତରର ଭାଷା ବ୍ୟାକରଣ ନୀତି ନିୟମ ତଥା ସାହିତ୍ୟକ ଭାଷା ହୋଇ ନଥିବାରୁ ଅବିଳମ୍ବେ ସୁଦୁର ପ୍ରସାରୀ ହୋଇପାରିଥିଲା । ଅପଭ୍ରଂଶ ଭାଷା ପ୍ରାକୃତର ବିକଶିତ ରୂପ ହୋଇଥିବାରୁ ଚତୁର୍ଦ୍ଦଶ ବା ପଞ୍ଚଦଶ ଶତାବ୍ଦୀ ପରେ ଉତ୍ତର ଭାରତରେ ପାଞ୍ଚାଳୀ, ସିନ୍ଧୀ, ରାଜସ୍ଥାନୀ, ଗୁଜରାଟୀ, ମରାଠୀ, ମାଗଧୀ, ଓଡ଼ିଆ, ଆସାମୀ ଏହିପରି ୧୩ଟି ଭାଷାର ସମ୍ଭବ ହୋଇଥିଲା । ମହାରାଷ୍ଟ୍ରୀ ଅପଭ୍ରଂଶକୁ ଆର୍ଯ୍ୟବର୍ତ୍ତର ଭାଷା ବୋଲି କୁହାଯାଏ । ମାଗଧୀ ପୂର୍ବ ଭାରତରେ ଭାଷା ବିଶେଷ । ଜୈନମାନଙ୍କର ଗୃହୀତ ଭାଷାକୁ ଅର୍ଦ୍ଧମାଗଧି । ଏହି ଅର୍ଦ୍ଧମାଗଧି ଭାଷା ଦେହରୁ ଆମ ଓଡ଼ିଆ ଭାଷା ଜନ୍ମ ନେଇଛି ବୋଲି ପଣ୍ଡିତମାନେ ମତ ଦିଅନ୍ତି । ଏହି ଅପଭ୍ରଂଶକୁ କେହି କେହି ଅବହଟଠ ପର୍ଯ୍ୟାୟରେ ଭାଷା ବୋଲି କହିଥାଆନ୍ତି । ଏହାକୁ ସନ୍ଧ୍ୟାଭାଷା ବା ଶିଶୁଗୀତ ବୋଲି କୁହାଯାଏ । ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା 'ବୌଦ୍ଧଗାନ ଓ ଦୋହା' ଅପଭ୍ରଂଶ ଭାଷାରେ ଲେଖାହୋଇଥିବାର କୁହାଯାଏ । ଏହି 'ବୌଦ୍ଧଗାନ ଓ ଦୋହର' ଭାଷା ବହୁ ପରିମାଣରେ ଓଡ଼ିଆ ଭାଷାରେ ସୃଷ୍ଟିର କାରଣ ଅଟେ । ତେବେ ମୋଟା ମୋଟି ଏଠାରେ କୁହାଯାଇପାରେ ବିଭିନ୍ନ ପ୍ରାକୃତକୁ କେନ୍ଦ୍ର କରି ନବ୍ୟ ଭାରତୀୟ ଆର୍ଯ୍ୟ ଭାଷା ଜନ୍ମ ନେଲା ।

**ସଂପାଦକ**
**ତ୍ରିଧାରା ସାହିତ୍ୟ ସଂସଦ, ବ୍ରହ୍ମପୁର**
**୯୮୬୧୨୨୮୪୦୪**

# ନାନୀ

- ଲିପ୍ସା ପଟେଲ

ଘରଟା ଏବେ ପୂରା ଶୂନଶାନ । ଖାଁ ଖାଁ ଲାଗୁଛି ଦିନସାରା ଏବେ ବିନିତାକୁ । ଜୁହି ହଷ୍ଟେଲ ଚାଲିଗଲା । ଏଇ ତ କିଛିଦିନ ତଳେ ସେ ଓ ଶଶାଙ୍କ ତାକୁ ହଷ୍ଟେଲରେ ଛାଡ଼ି ଆସିଲେ । ରାସ୍ତାସାରା ସେ କାନ୍ଦି କାନ୍ଦି ଆସିଛି ଆଉତା ଜୁହି ହଷ୍ଟେଲ ରୁମରେ କାନ୍ଦୁଥିଲା । ସେ କେବେ ତା'ର ଜୀବନ ଧନକୁ ଏମିତି ଛାଡ଼ିବା ସପକ୍ଷରେ ନଥିଲା କିନ୍ତୁ ଶଶାଙ୍କର ଯେଉଁ ଚାକିରି, ଛୋଟବଡ଼ ସବୁ ସହରରେ ଘୂରି ବୁଲୁଛନ୍ତି ସେମାନେ । ତା'ଛଡ଼ା ଏଇ ବଡ଼ ସହରର ହଷ୍ଟେଲସବୁରେ କେତେ ଦୂରଦୂରାନ୍ତରୁ ପିଲା ଆସି ରହୁଛନ୍ତି କେବଳ ପାଠ ପଢ଼ିବାପାଇଁ ନୁହେଁ ଅନ୍ୟାନ୍ୟ ଗୁଣାତ୍ମକ ବିକାଶ ପାଇଁ ମଧ୍ୟ ସମସ୍ତ ସୁବିଧରେ ମିଳିପାରିବ ବୋଲି ମା, ବାପାମାନେ ବିଶ୍ୱାସ କରନ୍ତି । ଏହା ବ୍ୟତୀତ ଜୁହିର ପାଠପଢ଼ା ସହିତ ଡାକ୍ତରୀ ପ୍ରବେଶ ପରୀକ୍ଷାର ପ୍ରସ୍ତୁତି ପାଇଁ ଏହି ନିର୍ଣ୍ଣୟ ନେଇଥିଲେ ବିନିତା ଓ ଶଶାଙ୍କ । ଆଜିକାଲିର ପ୍ରତିଯୋଗିତାମୂଳକ ସଂସାର ଭିତରେ ପିଲାଙ୍କର ପ୍ରସ୍ତୁତି ମଧ୍ୟ ଯୋରଦାର ହେବା ନିହାତି ଦରକାର ।

ଘରେ ବିନିତାର କୌଣସି କାମରେ ମନ ଲାଗୁନି । ଜୁହିର ଲୁଗାପଟା, ଖେଳଣା, ବହିଥାକ,ସ୍ଲେଟବୋର୍ଡ଼, ବ୍ୟାଡ଼ମିଣ୍ଟନ ରାକେଟ୍ ସବୁକୁ ସେ ବାରମ୍ବାର ସଜାଡ଼ି ଦେଉଛି । ସେଇ ମୁହୂର୍ତ୍ତରେ ସେ ଜୁହିକୁ ନିଜର ଖୁବ୍ ପାଖରେ ଅନୁଭବି ପାରୁଛି । ହଷ୍ଟେଲରେ ନିୟମ ମଧ୍ୟ କଡ଼ାକଡ଼ି;ତେଣୁ ଯେତେବେଳେ ଇଚ୍ଛା କଲେ ମଧ୍ୟ ଫୋନ୍ କରି କଥା ହୋଇ ହେବନାହିଁ । ତଥାପି ଏବେ ନୂଆ ନୂଆ ରହଣି ବୋଲି ଦିନେ ଛାଡ଼ି ଦିନେ କଥା ହେବାକୁ ହଷ୍ଟେଲ ୱାର୍ଡ଼େନ୍ ଅନୁମତି ଦେଇଛନ୍ତି । ଜୁହି କେଉଁ କଥା ହୋଇପାରେ ନା ବିନିତା, ଦୁହେଁ କେବଳ ଧକେଇ ଧକେଇ କାନ୍ଦୁଥାନ୍ତି । ଏତାଦୃଶ ଦେଖି ଶଶାଙ୍କ ବିରକ୍ତ ହୋଇ କହନ୍ତି, ଏମିତି କରିବାର ଅଛି ତ ଫୋନ୍ କରିବା ଦରକାର ନାହିଁ । ବିନିତା ଯେ କୌଣସି ମତେ ନିଜକୁ ସମ୍ଭାଳି ଜୁହିକୁ ସାହସ ଦିଏ । ଖୁବ୍ ଶୀଘ୍ର ସେମାନେ ଦେଖା କରିବାକୁ ଯିବେ, ଆଗକୁ ଅମୁକ ଛୁଟି ଅଛି ସେତେବେଳେ ତାକୁ ଘରକୁ ନେଇ ଆସିବେ...ଏମିତି କହି କହି ତାକୁ ବୁଝାଏ । ତଥାପି ଜୁହି କାନ୍ଦେ, ଖୁବ୍ କାନ୍ଦେ । ମା ହାତରନ୍ଧା ଖାଇ ହେଉନି, ନିଜ ମନ ମୁତାବକ ଲୁଗାପଟା ପିନ୍ଧି ହେଉନି, କୁଆଡ଼େ ବୁଲି ଯାଇପାରୁନି, ଆଇସକ୍ରିମ୍ ଖାଇବାକୁ ଦେଉନାହାନ୍ତି.....ଏମିତି ଅନେକ ଅଭିଯୋଗ କରିଚାଲେ ଜୁହି । ବିନିତା ସାନ୍ତ୍ୱନା ଦେବା ଛଡ଼ା କିଛି ମଧ୍ୟ କରିପାରେ ନାହିଁ ।

କିଛିଦିନର କନ୍ଦାକଟା ପରେ ହଠାତ୍ ଜୁହି ଫୋନ୍‌ରେ କଥା ହେଲା ବେଳେ ଖୁବ୍ ଖୁସି ଜଣାପଡୁଥିଲା । ବିନିତା ପଚାରିବାରୁ ଜାଣିପାରିଲା ତା ଖୁସିର କାରଣ ହେଉଛି 'ନାନୀ' ।

-ଇଏ ନାନୀ କିଏ ?

- ଜୁହି କହିଲା, ତା'ଉପର ଶ୍ରେଣୀର ଝିଅଟିଏ ଯିଏ ତାଙ୍କ କୋଠରୀରେ ତାଙ୍କ ସହିତ ରହେ ।

-ଓଃ ଭଲକଥା । ତୁ ଏମିତି ହସିଖେଳି ସମସ୍ତଙ୍କ ସହିତ ରହିଥା' ଜୁହି । ଆସନ୍ତା ପୂଜାଛୁଟିବେଳେ ତୋତେ ନେବାକୁ ଯିବୁ । ଏମିତି କହି ବିନିତା କଥା ଶେଷ କରିଦିଏ ସିନା ସେହି ରହସ୍ୟମୟୀ ନାନୀ ବିଷୟରେ ଅନେକଥର ଭାବି ବସେ ।

ଆଜିକାଲି ଯୁଗରେ ପୁଅ, ଝିଅଠାରୁ ବେଶୀ ସାଂଘାତିକ ଝିଅ-ଝିଅ ଅବା ପୁଅ-ପୁଅର ସଂପର୍କ । ସମାଜରେ ସମଲିଙ୍ଗୀ ସମ୍ପର୍କର ଝଡ଼ ଅନେକ ପରିବାର ଭାଙ୍ଗି ଦେଉଛି । ଏହା ବ୍ୟତୀତ ଅପବାଦ, ଆତ୍ମହତ୍ୟା ଏସବୁ ଘଟଣା ବରାବର ଖବରକାଗଜ ପୃଷ୍ଠାରେ ଉଲ୍ଲେଖ ହେଉଛି । ନିଜକୁ ନିଜେ ବୁଝାଏ ବିନିତା । ତା ଜୁହିକୁ ସେ ଭଲ ସଂସ୍କାର ଦେଇଛି । ସେ ଏମିତି କିଛି କାମ କରିବ ନାହିଁ । ତଥାପି ମା ମନ ତ ସବୁବେଳେ ଆଶଙ୍କାରେ ଘେରି ରହିଥାଏ ।

ସବୁବେଳେ ଜୁହି ମୁହଁରେ ନାନୀ, ନାନୀ ଶୁଣି କେମିତି ଅସୁରକ୍ଷିତ ମନେ କରୁଥିଲା ବିନିତା । କିନ୍ତୁ କିଏ ତ ଅଛି ଏତେ ଦୂରରେ ତାଙ୍କ ଝିଅ ପାଖରେ ଯିଏ ଏତେ ଯତ୍ନ ନେଉଛି ଜୁହିର । ଜୁହି କହିବା ମୁତାବକ ଶ୍ରେଣୀରେ ଦୁଇଥର ଗାଳି ଖାଇଲା ପରଠାରୁ ନାନୀ ଯେତେବେଳେ ଜାଣିଲା ଜୁହିକୁ ବେଣୀ କରି ଆସେନି, ସେଦିନରୁ ସେହି ଦାୟିତ୍ୱ ସେ ନେଇଛି । ସୁନ୍ଦର ଭାବରେ ଦୁଇଟି ବେଣୀ ଧଳା ରିବନ୍ ଲଗାଇ କରିଦେଉଛି ନାନୀ । ଆଉ ଗାଳି ଖାଉନି ଜୁହି । ଏଥର ପୂଜାଛୁଟିରେ ଜୁହିକୁ ଆଣିବା ପାଇଁ ଗଲାବେଳେ ଯେମିତି ହେଉ ବିନିତା ଦେଖା କରିବ ସେ ଝିଅଟିକୁ ବୋଲି ମନେ ମନେ ଭାବିଛି । ଜୁହି ପୁଣି ବରାଦ୍ ଦେଇଛି ଏଥର ସମାନ ଲୁଗା କିଣାହେବ ତା ପାଇଁ ଓ ନାନୀ ପାଇଁ । ମାତ୍ର, ତା ମାପ ଜାଣିଲେ ତ ପୁଣି କିଣିବ ବିନିତା । ଆଉ ଏମିତିରେ ବି ଚିହ୍ନା ପରିଚୟ ନାହିଁ, ତା ଘରଲୋକ କ'ଣ ଭାବିବେ ? ଜୁହିକୁ ସେ ବୁଝାଇଦେବ । ଶଶାଙ୍କ ଏସବୁ ଶୁଣି ମଧ୍ୟ କିଛି ପ୍ରତିକ୍ରିୟା ଦିଅନ୍ତିନି । ଭଲକଥା, ନାନୀ ପାଇଁ ଅନ୍ତତଃ ହଷ୍ଟେଲରେ ଜୁହିର ମନ ଥୟ ଧରିଛି ।

ଆସନ୍ତା ରବିବାର ଜୁହି ସହ କଥାହେଲା ବେଳେ ଜୁହି ପୁଣି ପଚାରିଲା ମାମା, ଆମ ଦୁହିଁଙ୍କ ପାଇଁ ଡ୍ରେସ୍ ଆଣିଲ ?

– ବିନି ବାହାନା କରି କହିଲା, ତୋ ନାନୀର ମାପ ତ ମୋତେ ଜଣାନାହିଁ କିନ୍ତୁ ତୋ ପାଇଁ କିଣି ଆଣିବି ।

– ଝଟପଟ ଜୁହି କହିଲା, ଥାଉ ମାମା । ଏଇଠିକି ଆସିଲେ ଆମ ଦୁହିଁଙ୍କୁ ସାଂଗରେ ନେଇ କିଣିଦେବ ।

– ଝିଅର ଉପସ୍ଥିତି ବୁଦ୍ଧି ଓ ଜିଦିକୁ ଦେଖି ବିନିତା କେବଳ ହଁ କହିଲା ।

– ଜୁହି କହିଲା, ଜାଣିଛ ମାମା, ନାନୀର ମା' ନାହିଁ । ତେଣୁ ମୁଁ ଚାହେଁ ତୁମେ ବି ତାକୁ ମୋ ପରି ସ୍ନେହ କର ।

ଛଳଛଳେଇ ଗଲା ବିନିତା । ତା କୁନି ଝିଅଟି ତାହେଲେ ଏଇ ଦିନ କେଇଟାରେ ଏତେ ବଡ଼ ହୋଇଗଲାଣି ।

ପୂଜାଛୁଟି ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ବିନିତା ଓ ଶଶାଙ୍କ ହଷ୍ଟେଲରୁ ଜୁହିକୁ ନେବାପାଇଁ ଗଲେ । ଝିଅ ସହ ଦେଖା କରିବା ଖୁସିଠାରୁ ବିନିତା ମନରେ ଅଧିକ ଚିନ୍ତା ଥିଲା 'ନାନୀ' ନାମକ ଚରିତ୍ରକୁ ଦେଖିବା ପାଇଁ । କିନ୍ତୁ ସେଠାରେ ପହଂଚି ଜାଣିଲେ ଯେ ସେ ଏଇ ଦେଢ଼ ଘଣ୍ଟା ପୂର୍ବରୁ ଚାଲିଯାଇଛି । ଘରକୁ ଯିବା ପାଇଁ ସବୁ ପିଲାଙ୍କ ମନ ଉଚ୍ଛନ୍ନ ହେଉଥିଲା । ଜୁହିକୁ ସାଂଗରେ ନେଇ ଆସିଲାବେଳେକୁ ରାସ୍ତାସାରା ସେ କେବଳ ତା ନାନୀର କଥା ହିଁ କହୁଥିଲା ।

ନାନୀ ଖୁବ୍ ଭଲ । ରାତିରେ ଏକୁଟିଆ ଜୁହି ଡରୁଥିଲା ବୋଲି ସେ ତା ଖଟକୁ ଯୋଡ଼ିଦେଇ ଶୋଇଥିଲା । ହଷ୍ଟେଲରେ ଦୁଇଟି ଅଣ୍ଡାରୁ ଗୋଟିଏ ଅଣ୍ଡା ନାନୀ ଦେଇଦିଏ ଜୁହିର ଥାଳିରେ । ସେ ଜାଣିଥିଲା ଜୁହିକୁ ଅଣ୍ଡା ଭଲ ଲାଗେ ।

ମାମା ଜାଣିଛ, ନାନୀ ପୂରା ତୁମ ଭଳିଆ

କେମିତି ? ଏକ ଉଦାସିଆ ସ୍ୱରରେ ପଚାରିଲେ ବିନିତା ।

ତୁମେ ଯେମିତି ମାଛ କଣ୍ଟାକୁ ଡରି ମାଛ ଖାଅନି, ନାନୀ ବି ସେମିତି । କେତେଥର ମୁଁ କଣ୍ଟା ଛଡ଼େଇ ଦେଇଛି କିନ୍ତୁ ସେ ଖାଏନି ।

ଓଃ ତୁ କହୁଥିଲୁ ତାର ମା ନାହିଁ । କ'ଣ କେମିତି ?

ଜାଣିନି । ଏତେ କଥା ସେ କହିନି । ଖାଲି କହୁଥିଲା, ପିଲାବେଳେ ମା ମରିଗଲା । ତା ବାପା ମଧ୍ୟ ଦୂରରେ ରହନ୍ତି । ତେଣୁ ସେ ତାର ଅଜା ଆଈ ପାଖରେ ରହୁଥିଲା । ଗତ ଦୁଇବର୍ଷ ହେଲା ହଷ୍ଟେଲରେ ରହୁଛି ।

ଏତେ ନାନୀ, ନାନୀ ହେଉଛୁ ଆଉ ତାର ନାଁ କହିନୁ ତ ?

ଶଶାଙ୍କର କଥା ଶୁଣି ଜୁହି ଉତ୍ତର ଦେଲା ଶ୍ରାବଣୀ । ରାକ୍ଷୀ ପୂର୍ଣ୍ଣିମାରେ ତାଙ୍କ ଜନ୍ମଦିନ ।

କିଛି ସମୟ ଅଟକିଗଲା ବିନିତାର ନିଶ୍ୱାସ । ତା ଛାତି ଧଡ଼ଧଡ଼ କରୁଥିଲା । ଶ୍ରାବଣୀ .....ଶ୍ରାବଣୀର ଘର କେଉଁଠି ?

ତା ଗାଁରେ ଏତିକି କହି ଅନ୍ୟମନସ୍କ ହୋଇଗଲା ଜୁହି । କିନ୍ତୁ ବିନିତା ଚିନ୍ତାରେ ପଡ଼ିଗଲା ।

ପୁଣି ପ୍ରଶ୍ନ କଲା, ସେ ଝିଅର ଫଟୋ ଅଛି ତୋ ପାଖରେ ?

ନା, ମୋବାଇଲ କେଉଁଠି ରଖିଥିଲି ଯେ ଫଟୋ ଉଠାଇବି ।

ହଁ କହିଲା ବିନିତା ।

ଘରକୁ ପହଞ୍ଚି ବିନିତା ମୁଣ୍ଡରେ କେବଳ ଶ୍ରାବଣୀର ଚିନ୍ତା ଥିଲା, କେମିତି କେତେବେଳେ ଜୁହି ତା'ର ନାନୀର ପ୍ରସଙ୍ଗ ଉଠାଇଲେ ତା ବିଷୟରେ ଆଉ କିଛି ଜାଣିହେବ । ଏଇ ଅପେକ୍ଷାରେ ରହିଲା ବିନିତା । ଘରେ ସଂଗେ ସଂଗେ ଜୁହି ଫୋନ୍ ଲଗାଇଲା ଶ୍ରାବଣୀକୁ । ତା ଭଲମନ୍ଦ ପଚାରିଲା । ମାମା ସହ କଥା ହେବାପାଇଁ କହୁ କହୁ ଶ୍ରାବଣୀକୁ ଡାକ ଛାଡ଼ିଲେ ତା ଆଈ । ପରେ କଥା ହେବ କହି ଫୋନ୍ କାଟିଦେଲା ଶ୍ରାବଣୀ । ବ୍ୟାଗ ଖୋଲି ନିଜ ଜିନିଷପତ୍ର ରଖିଲାବେଳେ ସ୍କୁଲ ଡାଏରୀ ଆଣି ଦେଖାଇଲା ତା ମାମାକୁ । ଏତେ ଛୋଟ ଫଟୋ ଭିତରେ ଠିକ୍ ଭାବରେ ବିନିତା ଦେଖିପାରିଲା ନାହିଁ ଶ୍ରାବଣୀର ମୁହଁ ।

ପରଦିନ ଜୁହି ତା ମାମା ସହ ଲୁଗା କିଣିବାକୁ ଗଲାବେଳେ ନାନୀ ପାଇଁ ମଧ୍ୟ ଡ୍ରେସ୍ କିଣିବାକୁ ଜିଦ୍ କଲା । ମାପର ବାହାନା କରୁ କରୁ ଜୁହି ନିଜ ବ୍ୟାଗରୁ ବାହାର କଲା ହଳେ ଲୁଗା ।

ଇଏ କାହାର ଡ୍ରେସ୍ ?

ଇଏ ତ ନାନୀର ମାପ । ମୁଁ ହଷ୍ଟେଲରୁ ନେଇ ଆସିଥିଲି ।

ବିନିତା ନିରୁପାୟ ହୋଇ ସେଇ ମାପରେ ଠିକ୍ ଜୁହି ଭଳିଆ ଡ୍ରେସ୍ କିଣିବାକୁ ବାଧ୍ୟ ହେଲା । ଜୁହି ଖୁବ୍ ଖୁସି ଥିଲା । ବାର୍ଷିକ ଉତ୍ସବଦିନ ସେମାନେ ଏକାଭଳିଆ ଲୁଗା ପିନ୍ଧିବେ । ଶ୍ରାବଣୀ ମଧ୍ୟ ଜାଣିନି ଜୁହିର ଯୋଜନା ବିଷୟରେ ।

ପୂଜାଛୁଟି ସରି ସରି ଆସୁଥିଲା । ବିନିତାର ଦୁଃଖ ବଢ଼ି ଚାଲିଥିଲା । ଏଇ ଦିନ କେଇଟାରେ ତା ଜୁହି ପୁଣି ଚାଲିଯିବ ଓ ବିନିତା ଅପେକ୍ଷା କରିବସିବ ଆଗାମୀ ଛୁଟିକୁ । ଜୁହି ମଧ୍ୟ ଦୁଃଖିତ ଜଣାପଡୁଥିଲା । ଏବେ ଘରେ ସେ କେତେ ମଜା କରୁଛି । ନିଜ ମନ ମୁତାବକ ରହିପାରୁଛି । ତା ବାପାଙ୍କର ଗେହ୍ଲି ଝିଅ ଯାହା ବରାଦ୍ ଦେଲେ ସାମ୍ନାରେ ପହଂଚି ଯାଉଛି । କିନ୍ତୁ ହଷ୍ଟେଲକୁ ଗଲେ ନାନୀ ସହ ସମୟ ବିତାଇ ପାରିବ, ଏଇ ଖୁସି ଟିକକ ଜୁହି ଆଉ ହଷ୍ଟେଲ ନାଁରେ କାନ୍ଦୁନି କିମ୍ବା ଅଝଟ କରୁନାହିଁ ।

ବିନିତା ଓ ଶଶାଙ୍କ ଯାଇଥିଲେ ଜୁହିକୁ ଛାଡ଼ିବାପାଇଁ । ପୂର୍ବଦିନରୁ ହିଁ ପହଂଚି ସାରିଲାଣି ଶ୍ରାବଣୀ । ଖୁସିରେ ଜୁହି ତାକୁ ମା, ବାପା ସହ ଦେଖା କରାଇବାକୁ ଡାକି ଆଣିଲା । କିନ୍ତୁ ବିନିତା ତାକୁ ଦେଖି ଅଣନିଶ୍ୱାସୀ ହୋଇଗଲା । ଇଏ ତେବେ ଶ୍ରାବଣୀ । ବାଁ ଆଖି ଓ ଗାଲ ପାଖରେ ସେଇ କଳାମନ୍ଦା । ତା ଅତୀତ ଆଜି ତାହାରି ସାମ୍ନାରେ ଭିନ୍ନ ରୂପରେ ଛିଡ଼ା ହୋଇଥିଲା ।

ଶ୍ରାବଣୀ ଆସି ମୁଣ୍ଡିଆ ମାରିଲା, କିନ୍ତୁ ତାକୁ କୁଣ୍ଢେଇ ପାରିଲାନି ବିନିତା । ନିଜର ପଶ୍ଚାତାପ ହେତୁ ଅବା ନିଜର ଘୃଣ୍ୟ କର୍ମ ହେତୁ ସେ କେବଳ ଅନାଇ ରହିଲା ଶ୍ରାବଣୀକୁ । ଶ୍ରାବଣୀ...ବିନିତାର କୁମାରୀ ମାତୃତ୍ୱର ସନ୍ତକ । ସେଇ କଳାମନ୍ଦା, ରାକ୍ଷୀ ପୂର୍ଣ୍ଣିମାରେ ଜନ୍ମ । ବିନିତାର ମୁଣ୍ଡ ଘୁରିହେଉଥିଲା । ସ୍ୱତଃ ତା ମୁହଁରୁ ବାହାରି ଆସିଲା, ତୁମ ଗାଁ କ'ଣ ବିରାଜପୁର ? ଆଶ୍ଚର୍ଯ୍ୟ ହୋଇ ହଁ କହିଲା ଶ୍ରାବଣୀ । ଜୁହି ମଧ୍ୟ ଅନାଇ ରହିଥିଲା ତା' ମା'କୁ । ଶଶାଙ୍କ ଠିକ୍ ଜାଣିପାରିଲେ ବିନିତାର ସ୍ଥିତି । ତେଣୁ ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ସେ ହଷ୍ଟେଲ କର୍ତ୍ତୁପକ୍ଷଙ୍କୁ ଯିବା ପାଇଁ ଅନୁମତି ମାଗିଲେ । ବିନିତା କିନ୍ତୁ ଆଉ କିଛି କ୍ଷଣ ରହିବାକୁ ଚାହୁଁଥିଲା ଶ୍ରାବଣୀ ପାଖରେ; ମାତ୍ର ପାରିଲାନି । ଯିବା ପୂର୍ବରୁ ଜୁହି ଓ ଶ୍ରାବଣୀ କପାଳରେ ଗୋଟିଏ ଗୋଟିଏ ଚୁମା ଦେଇ ଗାଡ଼ିରେ ବସିଗଲା । ଆଖିରେ କେବଳ ଲଟକିଥିଲା ପ୍ରଶ୍ନବାଚୀ, ଆମେ କ'ଣ ଶଶାଙ୍କ ଆମ ଝିଅକୁ ନିଜ ସାଥିରେ କେବେ ଆଉ ନେଇପାରିବାନି ? ସେ ତ ଆମର ଶ୍ରାବଣୀ ଆମ ପ୍ରେମର ସନ୍ତକ ।

ଶଶାଙ୍କ ଓ ବିନିତା ଅନେକ ସମୟ ପର୍ଯ୍ୟନ୍ତ ନିରବ ଥିଲେ । ଚୁପଚାପ ଗାଡ଼ି ଚଳାଉଥିଲେ ଶଶାଙ୍କ । ବିନିତା ଗାଡ଼ିର ଝର୍କା ପଟୁ ବାହାରକୁ ଦେଖି ଲୁହ ଗଡ଼ାଇଚାଲିଥିଲା । ଏଥର ସେ ତାର ଗୋଟିଏ ନୁହେଁ ଦୁଇଟି ଝିଅଙ୍କୁ ହଷ୍ଟେଲରେ ଛାଡ଼ି ଆସିଥିଲା । ଶଶାଙ୍କ ଓ ବିନିତା ପାଠ ପଢ଼ିବା ସମୟରୁ ହିଁ ଖୁବ ନିକଟତର ହୋଇସାରିଥିଲେ । ଶଶାଙ୍କର ଚାକିରିକୁ ଅପେକ୍ଷା କରି କରି ବିନିତା ତାର ପିରବାର ଦ୍ୱାରା ଦିଆଯାଇଥିବା ସବୁ ପ୍ରସ୍ତାବକୁ ଏଡ଼ାଇ ଦେଉଥିଲା । ଶଶାଙ୍କ ବିଷୟରେ ଘରେ କହିବା ପାଇଁ ମଧ୍ୟ ସାହସ

ଜୁଟେଇ ପାରୁନଥିଲା । ବିନିତାର ବାରମ୍ବାର ବାହାଘର ପ୍ରସ୍ତାବକୁ ଏଡ଼ାଇବା ଦେଖି ତା ବାପା ଭୀଷଣ ରାଗି ଯାଇଥିଲେ । ତେଣୁ ଆଗଭଳି ଆଉ ଝିଅର କଲେଜ ଖର୍ଚ୍ଚ ଅବା ସହରକୁ ଯାଇ ସବୁକଥା ବୁଝାବୁଝି କରୁନଥିଲେ । ସେଇ ଦିନଗୁଡ଼ିକରେ ଶଶାଙ୍କ ଟ୍ୟୁସନ୍ ଓ କିଛି ପାର୍ଟଟାଇମ୍ କାମ କରି ନିଜ ଓ ବିନିତାର ପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଥିଲେ । ବିନିତା ଓ ତାଙ୍କର କିଛି ଦୁର୍ବଳ ମୁହୂର୍ତ୍ତର ପରିଣତି ହୋଇ ଜନ୍ମ ନେଇଥିଲା  ଶ୍ରାବଣୀ । ଶଶାଙ୍କର ପରାମର୍ଶକ୍ରମେ ବିନିତା ସେ ରାତିରେ ଯାଇ ଶ୍ରାବଣୀକୁ ଛାଡ଼ି ଦେଇଥିଲେ ବିନିତା ଘର ଅଗଣାରେ । ପରବର୍ତ୍ତୀ ସମୟରେ ତା ବାପା, ମା ସେଇ ଝିଅଟିକୁ ଆପଣେଇନେଲେ ନା ନାହିଁ ସେ ଖବର ମଧ୍ୟ ରଖୁନଥିଲେ ସେମାନେ ।

ଅନେକ ଦିନ ପରେ ଶଶାଙ୍କର ଚାକିରି ହେଲା । ତା'ପରେ ସେମାନେ କୋର୍ଟ ମ୍ୟାରେଜ୍ କଲେ । ଏଇ ଖବର ତାଙ୍କ ଘରକୁ ମଧ୍ୟ ପହଂଚି ଯାଇଥିଲା । କିନ୍ତୁ ତା ବାପା ତା'ର ଶ୍ରାଦ୍ଧ କରିଦେଇ ଗୋଟିଏ ଅନାଥ ଝିଅକୁ ଆପଣେଇ ନେବାର ଖବର ସେମାନେ ପାଇଥିଲେ । ଏବେ କିନ୍ତୁ ଶ୍ରାବଣୀ...ତା ନିଜ ରକ୍ତ, ତା' ମା' ବାପାଙ୍କ ଦ୍ୱାରା ଲାଳିତ ପାଳିତ ହେଲା ଜାଣି ଖୁସି ହେଉଥିଲା ବିନିତା, କିନ୍ତୁ ସେ ନିଜର ମାତୃତ୍ୱକୁ ପ୍ରତିପାଦନ କରିନପାରିବାର ଦୁଃଖ ଆହୁରି ବଳି ଯାଉଥିଲା ।

ପୁଣି ଥରେ ପଚାରିଲା ଶଶାଙ୍କ, ଆଉ କ'ଣ କେବେ ଆମେ ଆମ ଝିଅକୁ ନିଜ ପାଖକୁ ଫେରାଇ ଆଣିପାରିବା ନାହିଁ ?

ଶଶାଙ୍କ କିଛି ସମୟ ଚୁପ୍ ରହିଲା ପରେ କହିଲେ, ତୁମେ କ'ଣ ଚାହଁ ଯେ ତୁମ ବାପା ତୁମ ଭଳି ଶ୍ରାବଣୀକୁ ମଧ୍ୟ ଘୃଣା କରନ୍ତୁ ?

ତେବେ କେବଳ ଏତିକି ଜାଣି ଖୁସି ହୁଅ, ଆମର ଦୁଇ ଝିଅ ଦୁଇ ଭଉଣୀ ହୋଇ ଅନ୍ତତଃ ହଷ୍ଟେଲରେ ରହୁଛନ୍ତି । ଆମ ଜୁହିର ଭଲମନ୍ଦ ବୁଝିବାକୁ ତା ପାଖରେ ତା ନାନୀ ଅଛି ।

ପୁଣି ଗାଡ଼ି ଭିତରେ ଖେଳିଗଲା ନିରବତା..... ।

ଭବାନୀପାଟଣା ।



# ଗୁଣ୍ଡାଏ ପଖାଳ, ଢ଼ୋକେ ତୋରାଣୀ

- ପ୍ରାଚୀ ନନ୍ଦ

ସନ୍ତାନ ଭଗବାନଙ୍କର ଆଶୀର୍ବାଦ । ତେଣୁ ବାପ ପୁଅ, ଚାରିଝିଅ । ପରିବାର ଆହୁରି ବଢ଼ିଥାନ୍ତା । ହେଲେ ମ୍ୟାଲେରିଆରୁ ବୁଢ଼ା ଚାଲିଯିବାରୁ ସେତିକିରେ ପରିବାର ସୀମିତ । ବଡ଼ପୁଅ ଅଠର ବର୍ଷର ନହେଉଣୁ ଭଲ ପାଇ ଉଠାଇ ଆଣିଛି ଗୋଟେ ଝିଅକୁ । ରୋଜଗାର କରିବାକୁ କେହି ନାହିଁ ଖାଇବାକୁ ପଲେ । ବଡ଼ ପୁଅ ଆ ତା ଘରେ ମୂଲ ମଜୁରୀ କରି ଯାହା ରୋଜଗାର କରେ ସେଥିରେ ତା ସ୍ତ୍ରୀକୁ ପୋଷିବା ଅସମ୍ଭବ ହୋଇପଡ଼େ । ଯେବେଠୁ ବୋହୂ ଗର୍ଭବତୀ ହୋଇଛି ସେବେଠୁ ଚୁଲି ମୁହଁ ଦିଆଡ଼କୁ । ତା ରୁମରେ ପଡୁଛି ତାଲା, କାଳେ ତା ଚୁଡ଼ା ଚାଉଳ ଅନ୍ୟମାନେ ଖାଇଦେବେ ।

ପିଲାଗୁଡ଼ାକ କେତେ ଭୋକ ସହିବେ, ପେଟର ନିଆ ଆଖିରେ ଦାଉ ଦାଉ ହୋଇ ଜଳୁଥାଏ । ଘରେ ଭାଇ ଭାଉଜ ନଥିବା ସମୟରେ କାନ୍ଥ ଚଢ଼ି ଉପରବାଟେ ଥିବା ଫାଙ୍କ ଦେଇ ପସନ୍ତି ବଡ଼ଭାଇ ଘରେ । ରୋଷେଇ କରି ଖାଇବାକୁ ତର ନଥାଏ । ଭୋକ ବିକଳରେ କଂଚା ଅଟା, ଚାଉଳ ଚୋବାଇ ପକାନ୍ତି । ନାହିମୂଳର ଶୀରା ଖାଇ ଛିଣ୍ଡିଗଲା ପରି ଯନ୍ତ୍ରଣା ହୁଏ । କଂଚା ଅଟା ଖାଇ ଝାଡ଼ାରେ ବି ପଡ଼ିଲେ । ପେଟର ଭୋକ କ'ଣ ସେସବୁ ବୁଝେ ।

ମା' ତାର ଗାଁରେ କାହାର ଗୁହାଳ କାଢ଼ିଦିଏ ତ କାହା ବାସନ ମାଜିଦିଏ । ବଦଳରେ ସେମାନେ ଯେଉଁ ଖାଇବାକୁ ଦିଅନ୍ତି, ତାକୁ ଆଣି ପିଲାମାନଙ୍କ ତୁଣ୍ଡରେ ଦିଏ । ଗୋଟେ ପେଟ ମାପର ଖାଇବା ପୁରା ପରିବାରର ପେଟକୁ ବା କେମିତି ପୂରାଇ ପାରିବ ? ପିଲାମାନେ ବି ଧୀରେ ଧୀରେ ବଡ଼ ହେଉଥାନ୍ତି । ବଡ଼ ତଳକୁ ଦୁଇ ପୁଅ ସେମାନେ ଯାଇ ରହିଛନ୍ତି କଲିକତାର ବାବୁଘରେ । ତାଙ୍କ ଘରର ବାସିକାମ, ବୋଲହାକ କରନ୍ତି । ଖାନା ପିନା ଦରମା ବିନା । ସଭା ସାନ ଝିଅଟି ସୁନ୍ଦରୀ । ତାକୁ ଜଣେ ସନ୍ତାନହୀନ ଦମ୍ପତି କିଣି ନେଇଛନ୍ତି କୋଡ଼ି ଟଙ୍କାରେ । ଯାହେଉ ତା ଭାଗ୍ୟରେ ତ ଟିକିଏ ପରିବର୍ତ୍ତନ ଆସିଲା । ଝିଅ କରି ରଖିଛନ୍ତି । କିଛି ନହେଉ ଖାଇବାକୁ ତ ଗଣ୍ଡେ ଭଲରେ ପାଉଛି ।

ସବୁଦିନେ ପେଟକୁ ଖାଣ୍ଡିଆ କରି ପିଲାଙ୍କୁ ଦେଉ ଦେଉ ପେଟର ବିକଳତା ଆଖିରେ ପ୍ରକାଶ ପାଇଲାଣି । ସେତେବେଳେ ଚାରିଆଡ଼େ ଅଭାବ । ସବୁଦିନେ ବା ଖାଇବାକୁ ଦବ କିଏ ? ନିତି ଭିକାରୀକୁ ଦିଏ କିଏ ? ଦେଲେ ବି ଓଳିଏ ଦେବେ । ଏ ପୋଡ଼ା ପେଟତ ଥରକରେ ଶାନ୍ତ ହୁଏନି । ସବୁଦିନେ ମାଗିବାକୁ ବି ସଂକୋଚ ଲାଗେ । କେହି କେହି ଚିହ୍ନା ମୁହଁ ତ ଗଣ୍ଡାଏ ଖାଇବାକୁ ଦେବା ବଦଳରେ ସର୍ବସ୍ୱ ଲୁଟି ନେବାକୁ ପଛେଇ ନାହାନ୍ତି । ହେଲେ କ'ଣ କରିବ ଭିତରୁ ପେଟ ଯେତେବେଳେ କୋରି ପକାଉଛି, ସେତେବେଳେ ସବୁ ଲାଜ ସବୁ କୁଣ୍ଠା ଆସି ଭୋକର ଆତୁଆଳରେ ମୁଣ୍ଡ ଗୁଞ୍ଜନ୍ତି ।

ରାନୁ ବାଲତି ନେଇ ଦେଇ ଆସେ । ଲୋକେ ଘରେ ଫୋପାଡ଼ି ଦେଉଥିବା ପେଜ, ଖଟା ତୋରାଣୀକୁ ବାଲତିରେ ରଖିବାକୁ ନେହୁରା ହୁଏ । ବାଲତିରେ ଯାହା ମିଳେ ଆଣି ବେଲାରେ ଭାଗ କରିଦିଏ ପିଲାମାନଙ୍କ ଭିତରେ । ପଞ୍ଜରା ହାଡ଼ ଭିତରେ ପଶି ଯାଇଥାଏ ଚମଡ଼ା । ତୋରାଣି ଟିକେ ପାଇଁ  କାନ୍ଦୁଥାନ୍ତି ପିଲାଗୁଡ଼ା । ଆଖିରୁ ଧାର ଧାର ଲୁହ ଝରିଯାଏ । ପାଣି ତ ପରିସ୍ରାକୁ ନିଅଂଟ । ସେଥିରେ ବା ରଡ଼ଜଳା ନିଆଁକୁ କେତେ ସମୟ ରୋକାଯାଇ ପାରିବ । ଭୋକର ଦାଉ ପିଲାଙ୍କ ଆଖିରେ ସଇତାନି ଜଗାଉଥାଏ । ହିଂସ୍ରକ ହୋଇଉଠନ୍ତି ଅଧିକ ଘୋଟାଏ ତୋରାଣୀ ପାଇଁ ।

କୋଉଦିନ କାହାର ତିନି ଚାରି ଦିନର ପଚା ପଖାଳ ଫୋପଡ଼ା ହୋଇଥିଲେ, ସେଦିନ ଘରେ ଭୋଜି ପରି ଲାଗେ । ଗଣ୍ଡାଏ ଗଣ୍ଡାଏ ପଚା ପଖାଳ ପେଟକୁ ଯାଏ । କାହା ଖାଇବା

କଂସାରେ ମାଛି ପଡି ଯାଇଥିଲେ ରାନୁ ମାଛିଗୁଡ଼ାକୁ ଧୀରେ କରି ବାଛି ଦେଇ ଲୁଗା କାନି ଢ଼ାଙ୍କି ଘରକୁ ନେଇଆସେ, ପିଲାଙ୍କ ମୁହଁରେ ଆହାର ଦେବାକୁ ।

ଏମିତି ବି କେତେଦିନ ଚାଲନ୍ତା । ଲୋକେ ବିରକ୍ତ ହେଉଥାନ୍ତି । ଆରେ ଖାଲି ଖାଲିରେ ଲୋକଟାକୁ ପେଜ ତୋରାଣୀ ଦେଇ ଲାଭ କ'ଣ । ଆମ ଗୋରୁ ଗାଈ ଖାଇଲେ ଲାଭ ଅଛି । ଗାଈ ଖାଇଲେ କ୍ଷୀର ଦେବ, ତାକୁ କାହିଁକି ଦେବା । ଫଳରେ ଘରକୁ ବେଶ କିଛି ଦିନ ହେବ ଆସୁଥିବା ପେଜ ତୋରାଣୀ ବି ବନ୍ଦ ହୋଇଗଲା । ପିଲାଗୁଡ଼ା ରକ୍ତ ମୁଖା ହୋଇ ଗଲେଣି । ଦୁନିଆରେ କ'ଣ ହଉଚି କ'ଣ ନାହିଁ ତାକୁ କିଛି ଜଣା ନାହିଁ, କି ଜାଣିବାର ଆବଶ୍ୟକତା ତା'ର ନାହିଁ । ତା ଦୁନିଆ ତ ପଚା ତୋରାଣୀର ଚକା ଭଉଁରୀରେ ଉବୁଟୁବୁ ।

ରାସ୍ତାରେ କିଏ ଜଣେ ଫୋପାଡ଼ି ଦେଇଯାଇଛି କଂସାଏ ଭାତ । ହୁଏତ କୁକୁରକୁ ଦେଇଥିବ । ତାକୁ ବାଛି ବାଛି ଲୁଗା କାନିରେ ବାନ୍ଧି ନେଇ ଆସିଲା ଘରକୁ । ଦି ଚାରି ମୁଠା ଭାତ କାହାକୁ ଦେବ ? ସମସ୍ତଙ୍କ ପେଟରେ ଭୋକ । କାନି ପାରିଦେବା କ୍ଷଣି ଝାମ୍ପି ପଡ଼ିଲେ ପଲକ ସାରା । ଯିଏ ଖାଇବ ସେ ....ଲଢ଼େଇରେ ବଡ଼ ଭାଇ କୁକୁର ପରି କାମୁଡ଼ି ଝୁଣି ପକାଇଲା ତା ସାନ ଭାଇକୁ । ଖାଇବାକୁ ତ ନାହିଁ । ଡାକ୍ତର ଦେଖାନ୍ତା କୁଆଡୁ । ରାତି ବେଳକୁ ପିଲାଟା ମରିଗଲା । ମଣିଷ ବିଷ ଯେ ସବୁଠୁ ମାରାତ୍ମକ । ସକାଳେ ସାହି ପଡ଼ିଶା ଶବ ଦେଖନ୍ତେ ଗୋଟେ ଗୁଜବ ଖେଳିଗଲା । ରାନୁ ଡାହାଣୀ । ଲୋଭରେ ତା ପିଲାକୁ ଖାଇଦେଇଛି । ତାକୁ ଆଉ କେହି ଦ୍ୱାରକୁ ଉଠେଇଲେନି । ତା ପାଇଁ ସବୁ ସମ୍ବେଦନା ଯେପରି ଘୃଣାରେ ରୂପାନ୍ତରିତ ହୋଇଗଲା । ସେ ଘରକୁ ଗଲେ ପିଲାଙ୍କ ଉପରେ ବି ଖାଦ୍ୟ ଉପରେ ତା ନଜର ପଡ଼ିଲେ ଦେହ ଖରାପ ହେବ । ପିଲାଙ୍କ କଲିଜା ଶୋଷି ନେବ ବୋଲି ତା ମୁହଁ ଉପରେ ସମସ୍ତେ ଦ୍ୱାର ପକାଇ ଦିଅନ୍ତି । କାନ୍ଦିବାକୁ ବି ତା ଆଖିରେ ପାଣି ନାହିଁ କି ତା ଦେହରେ ବଳ ନାହିଁ ।

ବାହାଘର ବେଳେ ହେଁ ମୋଟାର ରାନୁ ହାଡ଼ ପଞ୍ଜରା ଧରିବୁଲୁଛି । ଦେଖିଲେ ରାନୁ ବୋଲି ଚିହ୍ନି ହେବନି । ଭୋକର ଦାଉ ତା ଆଖିକୁ ଡାହାଣିଆ କରି ଦେଇଛି । ଅନ୍ୟ କାହାର ଖାଇବା ଦେଖିଲେ ସେ ଆଖି ଫେରାଇ ଆଣି ପାରୁନି । ସେଥିପାଇଁ ତ ତାକୁ ରାସ୍ତାରେ ଦେଖିଲେ ବି ଲୋକ ଭଲମନ୍ଦ ଶୁଣାଇ ଦୂରଦୂର୍ ଖିନ୍ ଖିନ୍ କରି ଚାଲି ଯାଉଛନ୍ତି ।

ଦିନେ ରାତିରେ ରାନୁ ଗାଁର ସମସ୍ତଙ୍କ ଘରକୁ ଯାଇ କବାଟ ବାଡ଼େଇଛି । ସେଦିନ ଥିଲା କୁମାର ପୂର୍ଣ୍ଣିମା । ପେଟର ଜ୍ୱାଳା ଜୀବନକୁ ତା ଅକାଳରେ ଖାଇଦେଇଛି । ଯନ୍ତ୍ରଣା ସହି ନପାରି ଅତି ବିକଳରେ ସେ ଦୌଡ଼ିଛି, ଚିତ୍କାର କରି ଡାକିଛି । କେହି ଖୋଲି ନାହାନ୍ତି କବାଟ, ଆହା କରିବାକୁ ବି କେହି ଆସି ନାହାନ୍ତି । ତାର ବିକଟାଳ ରଡ଼ି ଶୁଣି ସମସ୍ତେ ଠାକୁର ଘରେ ଦୀପ ଜାଳିଛନ୍ତି । ନିଜ ଘର ପିରବାର, ପିଲା ଛୁଆଙ୍କୁ ଡାହାଣୀ ପ୍ରକୋପରୁ ରକ୍ଷା କରିବା ପାଇଁ ।

ସକାଳେ ଗାଁର ଜଣକ ଘର ତୁଳସୀ ଚଉରା ପାଖରେ କୁକୁର ପରି ମୋଡ଼ି ହୋଇ ଶୋଇଛି ରାନୁ । ଯେତେ ଡାକିଲେ ବି ଉଠୁନି । ସେ ଆଉ ଉଠିବନି । ପେଟର ଦାଉ ତା'ର ସରଳ ଜୀବନକୁ ଭାଂଗି ମୋଡ଼ି କରିଦେଇଛି ଚକ୍ର ପରି ବଙ୍କା । ରାନୁ ତ ଚାଲିଗଲା । ଗାଁର ପିଲାମାନଙ୍କୁ ଆଶ୍ୱସ୍ତ କରିଦେଲା । ଗାଁରୁ ଭୟ ବି କୁଆଡ଼େ ଚାଲିଗଲା ।

# ମଣିଷ ହାଟ

- ଲୀଳାବତୀ ମହାପାତ୍ର

ଅଇନାରେ ନିଜ ମୁହଁ ଦେଖି ଚମକି ଉଠିଲା ଆଲିଶା । ତାକୁ ବସନ୍ତ ହେବା ଦିନରୁ ସେ ଅଇନା ସମ୍ମୁଖକୁ ଆସିନଥିଲା । କଣା କଣା ହୋଇଥିବା ଗାଲକୁ ଦେଖି ଚକ୍ଷୁରୁ ଧାର ଧାର ଅଶ୍ରୁ ବୋହିବାକୁ ଲାଗିଲା । ଅତୀତର ଅବସ୍ଥିତିର ଅତଳ ଗର୍ଭରେ ସେ ଲୀନ ହୋଇଗଲା ।

ଥିରିଥିରି ପାଦ ଥାପି ଯେତେବେଳେ ଯୌବନର ପ୍ରଥମ ଛୁଆଁ ତା' ଦେହ ମନଭିତରେ ପ୍ରବେଶ କଲା ସେ ଅନାବନା ହୋଇ ଉଠିଲା । କେତେବେଳେ ପରୀରାଜ୍ୟର ପରୀହୋଇ ଅତୁଳ ସୁଖ ସମୃଦ୍ଧି ଉପଭୋଗ କରିବାକୁ ଲାଗିଲା ତ ଆଉ କେତେବେଳେ ମନପବନ ଘୋଡ଼ାରେ ବସି ରୂପରାଜ୍ୟର ରାଜକୁମାରୀ ଭାବରେ ନିଜକୁ ସଜ୍ଜିତ କଲା । ରୂପସାଜସଜ୍ଜାରେ ମସ୍‌ଗୁଲ ହୋଇ ରହିବାକୁ ସେ ଚାହୁଁଥିଲା । ଯୌବନ ଦୋଳିରେ ବସି ସାରା ସଂସାରରର ସୁଖକୁ ଉପଭୋଗ କରିବାରେ ମଜ୍ଜି ଯାଉଥିଲା ।

ବେଶୀ ଭଲ ପାଉଥିଲା ମୁହଁରେ କ୍ରିମ ପାଉଡ଼ର ଟିକିଏ ଲଗାଇ କାନରେ ଝୁମୁକା ହଳେ ପିନ୍ଧି ମୁହଁ ହଲାଇ ହଲାଇ କଥା କହିବାକୁ । ଭାବନା ରାଜ୍ୟରୁ ଫେରି ଯେତେବେଳେ ସେ ତା ବା କୁ ଦେଖେ ତା ପାଟିରୁ କଥା ବାହାରେନାହିଁ । ଦୁଇବେଳା ଦୁଇମୁଠା ଖାଦ୍ୟ ଯୋଗାଡ଼ କରିବାପାଇଁ ତା ବା ପରିଶ୍ରମ କରି କରି ପେଟଟି ପିଠିକୁ ଲାଗିଗଲାଣି । ମାଁ ଛେଉଣ୍ଡ ଝିଅଟି ମନର କଥା କାହାକୁ କହିବ ? ମାଁ ନାହିଁ ଯାହାର ସାହା ନାହିଁ ତାହାର ।

ତା ମନକୁ ପଢ଼ିଲା ପରି ମୁହଁ ବୋଲା ମାଉସୀ ସେଦିନ ତା ପାଇଁ କ୍ରିମ ପାଉଡ଼ର ଧରି ଆସିଥିଲେ । ତା' ସାଂଗକୁ କାନ ପାଇଁ ଝୁମୁକା ହଳେ ଆଲିଶା ସେଦିନ ବହୁତ ଖୁସି ହୋଇ ମାଉସୀଙ୍କ ଚର୍ତୁପାର୍ଶ୍ୱରେ ଘିରିଘିରି ହୋଇ ବୁଲିଥିଲା । ଏଣିକି ପ୍ରତିଦିନ ମାଉସୀ ତା ପାଇଁ କିଛି ନା କିଛି ଧରି ଘରକୁ ଆସନ୍ତି । ଦିନେ ମାଉସୀ ତାକୁ ଚାକିରୀର ପ୍ରଲୋଭନ ଦେଖାଇଥିଲେ । ସେ କିନ୍ତୁ ବା'କୁ ଛାଡ଼ି କେଉଁଆଡ଼େ ଯିବନି ବୋଲି ସଫା ସଫା ମନା କରିଦେଇଥିଲା ।

ତାଙ୍କରି ବସ୍ତିର ଚାରିପାଞ୍ଚଜଣ ଝିଅ ମଧ୍ୟ ଯାଉଛନ୍ତି କହି ବା' ତାକୁ ଯିବାକୁ ବାଧ୍ୟ କରିଥିଲେ । ମାଉସୀ ରୂପରେ ସେ ରାକ୍ଷସୀଟିଏ ଥିଲେ । ସେମାନଙ୍କୁ ଆଣି ଜାମୁକାଶ୍ମୀର ଗୋଟିଏ ଘରେ ନଜର ବନ୍ଦୀ କରି ରଖିଲେ । ଘରର ଯାବତୀୟ କାମ କରାଉଥିଲେ । କିଏ ଯଦି ଆପତ୍ତି କରୁଥିଲା ତାକୁ ନିର୍ମମ ଭାବରେ ମାଡ଼ ମାରୁଥିଲେ ।

ଆଲିଶା ମେଟ୍ରିକ୍ ଫେଲ୍ ହୋଇଛି । ଟିକେ ଚାଲାକ ଅଛି । ସେଥିପାଇଁ ପ୍ରତିଦିନ ସଂଧ୍ୟା ସମୟରେ ତାକୁ ପାଖ ହୋଟେଲକୁ ରୁଟି ଆଣିବା ପାଇଁ ପଠାଇଥାନ୍ତି । ବାଟରେ କୌଣସି ବ୍ୟକ୍ତି ସହିତ କଥାବାର୍ତ୍ତା କରିବା ପାଇଁ କଡ଼ା ତାଗିଦ୍ ହୋଇଥାଏ । ଆଲିଶା ରୁଟି ଆଣିବାକୁ ଯିବା ସମୟରେ ଗୋଟିଏ ସ୍ତ୍ରୀଲୋକ ତା ପାଖକୁ ଲାଗିଆସି ଧୀର ଗଳାରେ କହିଲେ ତୁ ଏଠାରୁ ଚାଲିଯା ନହେଲେ ତୋ ଜୀବନ ନର୍କ ହୋଇଯିବ ।

ଏକଥା ପଦକ ହାତୁଡ଼ିରେ ବାଡ଼େଇ ହେଲାପରି ତା କର୍ଣ୍ଣଗହ୍ୱରରେ ବାଡ଼େଇ ହୋବାକୁ ଲାଗିଲା ଚର୍ତୁଦିଗ ଅନ୍ଧକାର ଦେଖାଗଲା । ଆଗପଛ ଜଣା ନାହିଁ । ନୂଆଜାଗା । ରାସ୍ତା ଜଣାନାହିଁ । ରାତ୍ରୀର ଅନ୍ଧକାରରେ ଭୟଭୀତ ହୋଇ ସଡ଼କ ଦାଢ଼ରେ ବସିପଡ଼ିଲା । ଏ ସମୟରେ ଜଣେ ବୃଦ୍ଧ ବ୍ୟକ୍ତି ତାକୁ ସହାୟତାର ହାତ ବଢ଼ାଇଥିଲେ । ନିଜ ଘରକୁ ନେଇଯାଉଥିଲେ । ସେମାନେ କେବଳ ଦୁହେଁ ବୁଢ଼ାବୁଢ଼ୀ ରହୁଥିଲେ । ତାକୁ ବାଧ୍ୟ କରିଥିଲେ ଝିଅପରି ତାକୁ ତାଙ୍କ ପାଖରେ ରଖିବେ ବୋଲି । ସେ କିନ୍ତୁ ଆଉ କାହାକୁ ବିଶ୍ୱାସ କରୁନଥିଲା । ତା'ର ଏକାଜିଦ୍ ସେ ଓଡ଼ିଶା ଫେରିବ ତା ବା' ପାଖକୁ ।

ସେଦିନର ସ୍ୱର୍ଣ୍ଣାଭ ସୂର୍ଯ୍ୟକିରଣ ତା ପାଇଁ ନୂତନ ଆଶାର

ଆଲୋକ ନେଇ ଆସିଥିଲା । ବୃଦ୍ଧ ଜଣକ ତାକୁ ଦିଲ୍ଲୀ ଯାଉଥିବା ବସ୍‌ରେ ବସାଇ ଦେଇଥିଲେ । ସେ ଦିଲ୍ଲୀରୁ ଭୁଲରେ ଝାଡ଼ଖଣ୍ଡ ଆସୁଥିବା ଟ୍ରେନରେ ବସି ପଡ଼ିଥିଲା । ଭୋକରେ ତାର ହସା ଉଡ଼ି ଯାଉଥାଏ । କପର୍ଦ୍ଦକ ଶୂନ୍ୟତାର ଅବସ୍ଥା ଅନୁମାନ କରି ବଗିରେ ବସିଥିବା କେତେକ ସ୍ତ୍ରୀଲୋକ ତାକୁ ପଚରାଉଚରା କରିଥିଲେ । ତା'ର ଦୁଃଖଦ କାହାଣୀ ଶୁଣି ସେମାନଙ୍କ ଆଖିରେ ଲୁହ ଆସିଯାଇଥିଲା । ତାକୁ କିଛି ଖାଇବାକୁ ଦେଇଥିଲେ । ଝାଡ଼ଖଣ୍ଡ ଷ୍ଟେସନରେ ରେଲୱେ ପୋଲିସଙ୍କ ସହାୟତା ନେଇ ତାକୁ ରାଉରକେଲାକୁ ଆସୁଥିବା ଟ୍ରେନରେ ବସାଇ ଦେଇଥିଲେ । ଘରେ ପହଞ୍ଚି ସେ ବା'କୁ ଧରି ଖୁବ୍ କାନ୍ଦିଥିଲା ।

ସେ ଯେ ଖାଲି ସ୍ୱାଧୀନ ହେଲେ ଚଳିବନି । ପୋଲିସ ଷ୍ଟେସନକୁ ଯାଇ ପୋଲିସ ଆଗରେ ସବୁକଥା କହିଲା ଓ ତା ସାଥୀମାନଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲା । ସେହି ସମୟରେ ମୁକ୍ତିକାନ୍ତ ସହିତ ତାର ଦେଖା ହୋଇଥିଲା । ତା'ର ସାହସୀକତା ତଥା ବୁଦ୍ଧିମତାରେ ଖୁସି ହୋଇ ମୁକ୍ତିକାନ୍ତ ତାକୁ ଜୀବନ ସାଥୀ କରିଥିଲା ।

ସାବନା ରଂଗର ହୃଷ୍ଟପୃଷ୍ଟ ପାଞ୍ଚଫୁଟ ପାଞ୍ଚଇଞ୍ଚର ବଳିଷ୍ଠ ପୁରୁଷ ମୁକ୍ତିକାନ୍ତ । ସେ ଚଷା ପୁଅ । ଚାରି ଏକର ଜମିର ମାଲିକ । ପର୍ଯ୍ୟାୟ କ୍ରମେ ଫସଲକରେ । ସୁଖଦୁଃଖରେ ଘର ଚଳି ଯାଉଥିଲା । ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ । ବର୍ଷା ଋତୁରେ ବର୍ଷାର ଦେଖାନାହିଁ । ଲଘୁଚାପ ଜନିତ ବର୍ଷା । ଏହି ବର୍ଷା ଓ ଦଲାଲ ଚାଷୀମାନଙ୍କୁ ଅସ୍ତବ୍ୟସ୍ତ କରି ପକାନ୍ତି । ଏ ବର୍ଷ ପିଆଜ ଚାଷ ଆରମ୍ଭରୁ ଦଲାଲ ଓ ମହାଜନ ମାନେ ଧସିପସି ଆସିଲେ ବା'ଙ୍କ ଗ୍ରାମ ଭିତରକୁ ମଞ୍ଜି ବୁଣିବା ସମୟରୁ ଅର୍ଥର ଲାଳସା ଦେଖାଇ ତାଙ୍କ କାମ ହାସଲ କରିନେଲେ ।

ଆର୍ଥିକ ଦୁର୍ବଳସ୍ତରରେ ଥିବା ଚାଷୀ ବା କ'ଣ କରିପାରେ ? ସେଥିପାଇଁ ତାଙ୍କ ପଖାଳ କଂସା ପାଖରୁ ପିଆଜ ଉଭାନ ହୋଇଗଲାଣି । ଏ ବର୍ଷ ଆଲିଶା ମୁକ୍ତିକାନ୍ତକୁ ବାଧ କରି ତା ନାମ ଦେଇ କହିଥିଲା ଏହାକୁ ବିକ୍ରିକରି ଚାଷ କରିବା ପାଇଁ । ତେଣୁ ସେ ପିଆଜ ଟିକେ ଖାଇବାକୁ ପାଉଛି । ଗରୀବଙ୍କ ପଖାଳ ପାଖରେ ଲୁଣ ଓ ପିଆଜ ଛଅ ତିଅଣ ନ ଭଜାଠାରୁ ବଳକା ହୋଇପଡ଼େ ।

ଆଜି ଯିବୁନି କି ? କେତେ ସମୟ ସେ ଅଇନା ଆଗରେ ଛିଡ଼ା ହେବୁ । ମୁକ୍ତିକାନ୍ତର ଡାକରେ ଆଲିଶା ପ୍ରକୃସ୍ଥିତ ହେଲା । ତାର କଣା କଣା ହୋଇ ଯାଇଥିବା ଗାଲରେ କ୍ରିମ ପାଉଡ଼ର ଲଗାଇଲା । ବାଛି ବାଛି ଛିଟ ଲୁଗାଖଣ୍ଡେ ପିନ୍ଧିଲା । କଥାରେ ଅଛି ଭେକ ଥିଲେ ଭିକ ମିଳେ । କେଉଁ ଦିନରୁ ତେଲ ଟୋପାଏ ବାଜି ନଥିବା କେଶକୁ ପାଣିଲଗାଇ ଖୋପାଟିଏ ପକାଇଲା । କୋରଡ଼ରେ ପଶିଯାଇଥିବା ଚକ୍ଷୁରେ କଜ୍ୱଳ ଲଗାଇଲା ।

ତା'ର ଏପରି ନିଜକୁ ସଜାଇ ହେବାର କାରଣ ମଧ୍ୟ ଅଛି । ସେ ଅନୁଭବ କରିଛନ୍ତି ବାବୁମାନଙ୍କ ପ୍ରଥମ ପସନ୍ଦ ସୁନ୍ଦରିଆ ମୁହଁ । ସେ ନିଜର ସରଞ୍ଜାମ ସବୁ ଧରି ମୁକ୍ତିକାନ୍ତ ସହିତ ମଣିଷହାଟ ଅଭିମୁଖେ ଯିବାକୁ ଆରମ୍ଭ କଲା ।

ଖୋଦ୍ ରାଜଧାନୀ ଭୁବନେଶ୍ୱରର କଳ୍ପନା ଛକରେ ମଣିଷହାଟ ବସେ । ବ୍ୟବସାୟୀ ତାର ଜିନିଷ ଗୁଡ଼ିକର ପସରା ମେଲାଇଲା ପରି ଏ ହାଟରେ ମଣିଷମାନେ ନିଜ ନିଜର ପସରା ମେଲାଇ ବସିଥାନ୍ତି । ଠିକ୍ ଆଠଟା ହୋଇଗଲେ ଠିକାଦାର ମାନେ ଆସି ସେମାନଙ୍କର ମୂଲ୍ୟ ନିରୂପଣ କରନ୍ତି । ଦେଢ଼ଶହ ଟଙ୍କା ନେଇ ଆଜି କାମକୁ ଯିବୁ ? ମୁଣ୍ଡ ହଲାଇ ହଁ ଭରିଲା । ନିଜର ଜିନିଷ ପତ୍ର ଧରି ଗାଡ଼ିରେ ଯାଇବସିଲା । ପିଲାମାନଙ୍କ ପାଇଁ ଗୁଲୁଗୁଲା ଓ ମାଛଟିକିଏ କିଣି କରି ଆଣିବ । ଆଇଁସ ଟିକେ ହେଲେ ମୁକ୍ତିକାନ୍ତ ସହ ପିଲାମାନେ ଖୁସିରେ ଖାଇଥାନ୍ତି । ଦେଖିଲା ମୁକ୍ତିକାନ୍ତ ବସିଛି ତା'ର ବୋଧେ ଏ ଯାଏ ମୂଲଚାଲ ହୋଇନାହିଁ ।

ବେକାରୀ ଅଳ୍ପବୃଷ୍ଟି ଏ ମଣିଷ ହାଟକୁ ଗହଳ କରିଦେଉଛି ଠିକାଦାରଙ୍କୁ ଭାରି ପୋଷାଉଛି । ଏତେ ଲୋକଙ୍କ ହାଉଯାଉ ଭିତରେ ସେମାନଙ୍କର ମୂଲ୍ୟ କମି କମି ଯାଉଛି ।

ରଂଗିଲାଛକ, ରାଉରକେଲା - ୭

# ଓଡ଼ିଆ ଭଣ୍ଡାରକୁ ନାରୀ କବିମାନଙ୍କ ଅବଦାନ

- ପ୍ରେରଣା ପାତ୍ର ।

ସାହିତ୍ୟ ଚିର ପରିବର୍ତ୍ତନଶୀଳ ସମାଜ ସହିତ ଏହାର ନିତ୍ୟ ସମ୍ପର୍କ ରହିଥିବା ହେତୁ ସାମାଜିକ ଜୀବନ ଧାରା ଜନରୁଚ ଓ ଲୋକ ସଂସ୍କୃତି ପରିବର୍ତ୍ତନ ହେବା ସଂଗେ ସଂଗେ ସାହିତ୍ୟର ତଦନୁଯାୟୀ ରୂପ ପରିବର୍ତ୍ତନ ଘଟିଥାଏ । ଏହାଛଡ଼ା ସମୟ ପ୍ରବାହରେ ଲୋକ ମୁଖର ଭାଷା ବିବର୍ତ୍ତିତ ହେବା ସଂଗେ ସଂଗେ ସାହିତ୍ୟର ଆଙ୍ଗିକ ରୂପରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଓଡ଼ିଆ ସାହିତ୍ୟର ପ୍ରଥମ ଅବସ୍ଥା ଓ ଆଜିର ଅବସ୍ଥା ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଏହି ପାର୍ଥକ୍ୟ ଗୋଟିଏ ସ୍ତର ଦେଇ ଆସିନାହିଁ ।

ପର୍ଯ୍ୟାୟକ୍ରମେ ଓଡ଼ିଆ ସାହିତ୍ୟ ତାର ରୂପ ବଦଳାଇ ଅଧୁନାତନ ଅବସ୍ଥାରେ ଉପନୀତ ହୋଇଛି । ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟର ଯେଉଁ ପରିବର୍ତ୍ତନ ସଂଶୋଧିତ ହୋଇ ଅଛି ସେହି ପର୍ଯ୍ୟାୟ ଗୁଡ଼ିକୁ ଆମେ ସାହିତ୍ୟର ଯୁଗ ନାମ ଆଖ୍ୟାୟିତ କରିଥାଉ । ଯଥା – ପ୍ରାକ୍ ସାରଳା ଯୁଗ, 'ସାରଳାଯୁଗ', ପଞ୍ଚସଖା ଯୁଗ. ମଧ୍ୟ ଯୁଗ, ରୀତିଯୁଗ, ପ୍ରଗତିବାଦୀ ଯୁଗ, ସବୁଜ ଯୁଗ, ଏହି ପରି ଭାବରେ ଓଡ଼ିଆ ସାହିତ୍ୟରେ ଯୁଗର ସୃଷ୍ଟି ହୋଇଛି ।

ଓଡ଼ିଆ ସାହିତ୍ୟରେ ପ୍ରାକ୍ ସାରଳା ଯୁଗରୁ ଲେଖିବା ପରମ୍ପରା ଆରମ୍ଭ ହୋଇ ଯାଇଥିଲା । ପ୍ରାକ୍ ସାରଳା ଯୁଗର ନାଥ ସାହିତ୍ୟଠାରୁ ଆରମ୍ଭ ହୋଇଥିଲା ପରେ ପରେ ସାରଳା ଦାସଙ୍କ ମହାଭାରତ ଠାରୁ ଆରମ୍ଭ କରି ସବୁଜ ଯୁଗର କବିମାନଙ୍କ ରଚନା ଆମ ଓଡ଼ିଆ ବାଣୀ ଭଣ୍ଡାରକୁ ଅନେକ ଅବଦାନ ରହିଛି । ଗଳ୍ପ, କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ଇତ୍ୟାଦି ଲେଖକ, କବି, ପ୍ରାବନ୍ଧିକ, ଗାଳ୍ପିକ ଔପନ୍ୟାସିକମାନେ ରଚନା କରି ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଓଡ଼ିଆ ବାଣୀ ବା ସାହିତ୍ୟ ଭଣ୍ଡାରରେ କେବଳ କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ ଇତ୍ୟାଦିମାନଙ୍କ ଅବଦାନ ରହିଛି । କେବଳ ପୁରୁଷମାନେ ଓଡ଼ିଆ ବାଣୀ ଭଣ୍ଡାରକୁ ସୁଦୃଢ଼ କରିଛନ୍ତି ତାହା ନୁହେଁ ନାରୀମାନଙ୍କର ଅବଦାନ ମଧ୍ୟ ଓଡ଼ିଆ ବାଣୀ ଭଣ୍ଡାରକୁ ସୁଦୃଢ଼ କରିଛି । ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଠିକ୍ ସେହିପରି ପୁରୁଷ ଓ ନାରୀ ଉଭୟଙ୍କର ଅବଦାନ ଓଡ଼ିଆ ବାଣୀ ଭଣ୍ଡାରକୁ ସୁଦୃଢ଼ କରିଛି । କେବଳ ପୁରୁଷସାହିତ୍ୟ ରଚନାର ସ୍ରଷ୍ଟା ନୁହେଁ ବରଂ ନାରୀ ମଧ୍ୟ ସାହିତ୍ୟ ରଚନାର ସ୍ରଷ୍ଟା ।

ପ୍ରାଚୀନ ପରମ୍ପରା ରୀତିରେ ସେତିକି ସ୍ୱାଧୀନ ମିଳୁନଥିଲା ଯେତିକି ଗୋଟିଏ ପୁରୁଷକୁ ମିଳୁଥିଲା । ଯାହାଫଳରେ ନାରୀ ତା ମଧ୍ୟରେ ଥିବା ପ୍ରତିଭା, ଜ୍ଞାନକୌଶଳକୁ ପରିପ୍ରକାଶ କରି ପାରୁନଥିଲା । ସେ କେବଳ ରଚନା କରିଚାଲିଥିଲା ତାର ଲେଖନୀକୁ ସେ ସମଗ୍ର ବିଶ୍ୱ ଆଗରେ ପ୍ରକାଶ କରି ପାରୁନଥିଲା । ସମୟର ପରିବର୍ତ୍ତନ ଫଳରେ ଏବଂ ଲୋକମାନଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଫଳରେ ସେ ଧୀରେ ଧୀରେ ତାର ପ୍ରତିଭା ଜ୍ଞାନକୌଶଳ ଇତ୍ୟାଦିକୁ ଲୋକଙ୍କ ଆଗରେ ପରିପ୍ରକାଶ କଲା ।

ଯାହାଫଳରେ ତାର ମନ ଭିତରେ ପ୍ରେରଣାର ଉତ୍ସାହ ଜାଗ୍ରତ ହେଲା ଏବଂ ସେ ମଧ୍ୟ କବିତା, ଗଳ୍ପ, ଉପନ୍ୟାସ, ଭ୍ରମଣକାହାଣୀ, ଲୋକଗୀତ ଇତ୍ୟାଦି ରଚନା କଲା । ଲୋକ ଗୀତର ସ୍ରଷ୍ଟା ଭାବେ ଆମେ ନାରୀକୁ ଗ୍ରହଣ କରୁ । ପରବର୍ତ୍ତୀ ସମୟରେ ନାରୀ ମଧ୍ୟ ଓଡ଼ିଆ ବାଣୀ ଭଣ୍ଡାରରେ ନିଜର ଗୋଟିଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲା । ସମସ୍ତ କ୍ଷେତ୍ରରେ ତା'ର ଅବଦାନ ରହିଲା । ଯଥା – ନନ୍ଦିନୀ ଶତପଥୀ, ପ୍ରତିଭା ରାୟ, ବୀଣାପାଣି ମହାନ୍ତି, କୁନ୍ତଳାକୁମାରୀ ସାବତ ଇତ୍ୟାଦି ନାରୀ ଲେଖିକାମାନଙ୍କର ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ଯଥେଷ୍ଟ ଅବଦାନ ରହିଛି । ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି –

୧. ରମାଦେବୀ ଚୌଧୁରୀ – ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜସେବି ଓ ପ୍ରାବନ୍ଧିକ । ସେ ଅଳ୍ପ କେତୋଟି ପ୍ରବନ୍ଧ ଲେଖିଛନ୍ତି

ଓ ଜୀବନପଥେ ନାମକ ଏକ ଆତ୍ମଜୀବନୀ ଆମ ସାହିତ୍ୟବାଣୀ ଭଣ୍ଡାରକୁ ତାଙ୍କର ଅମୂଲ୍ୟ ଦାନ ରହିଛି । ସେ ସର୍ବଦା ନାରୀସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ କେବେ ହେଲେଭୂଲି ନାହାନ୍ତି । ସେ କହିଛନ୍ତି ଯେ ନାରୀକୁ ପରିବାରସେବା ସହିତ ସମାଜସେବା ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ । ସେ ୧୯୮୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

୨. କୁନ୍ତଳା କୁମାର ସାବତ – ଅନ୍ୟ ଏକ ବିଶିଷ୍ଟ ନାରୀକବି ଭାବେ ସେ ପରିଚିତ । ତାଙ୍କ ରଚନାବଳୀ ଗୁଡ଼ିକ ହେଲା – ଭ୍ରାନ୍ତି, କାଳିବୋହୂ, ରଘୁଅରକ୍ଷିତ, ନିଅତୁଣ୍ଡି, ପରଶମଣି ଇତ୍ୟାଦି ଉପନ୍ୟାସ । ଓଡ଼ିଆଙ୍କ କାନ୍ଦଣା, ସ୍ଫୁଲିଙ୍ଗ, ଅଞ୍ଜଳି, ଅର୍ଚ୍ଚନା ଇତ୍ୟାଦି ତାଙ୍କର କବିତା ଯାହା ଓଡ଼ିଆ ସାହିତ୍ୟ ପାଁ ଏକ ବିଶେଷ ଅବଦାନ ।

୩. ସାରଳା ଦେବୀ – ସେ କେବଳ ସ୍ୱାଧୀନତା ସଂଗ୍ରାମୀ ନୁହଁନ୍ତି ସେ ଜଣେ ବିଶିଷ୍ଟ ସମାଲୋଚିକା ସାହିତ୍ୟିକ ଥିଲେ । କବି ଗୋପାଳକୃଷ୍ଣ ପ୍ରତିଭା, ସାରଳା ମହାଭାରତୀୟ ନାରୀ ଚରିତ୍ର ଓ କୁନ୍ତଳା କୁମାରୀଙ୍କ କବି ପ୍ରତିଭା ଏହି ତିନୋଟି ଗ୍ରନ୍ଥ ତାଙ୍କୁ ସାହିତ୍ୟ ସମାଲୋଚିକା ଭାବରେ ପ୍ରତିଷ୍ଠା କରାଏ । ପଞ୍ଚପ୍ରଦୀପ ନାମକ ଗଳ୍ପ ସଂଚୟନରେ ରଚିତ ଗଳ୍ପ ଗୁଡ଼ିକରେ ସମାଜ ସଚେତନ ମନୋଭାବର ପରିଚୟ ପ୍ରଦାନ କରିଛନ୍ତି ।

୪. ସୀତାଦେବୀ ଖଡେଙ୍ଗା – ଦ୍ୱାରା ରଚିତ ତିନୋଟି ଉପନ୍ୟାସ ହେଲା – ଅଗ୍ରଜ ଓ ପ୍ରତ୍ୟାବର୍ତ୍ତନ ସେ ଉପନ୍ୟାସ ରଚନା କରିବା ସହିତ ସେ ନାଟକ, ଗଳ୍ପ ଓ ପ୍ରବନ୍ଧ ମଧ୍ୟ ରଚନା କରିଥିଲେ । ସହୋଦର, ମନ୍ଦିର ପ୍ରବେଶ, ନାରୀ ଇତ୍ୟାଦି ତାଙ୍କର ରଚିତ ନାଟକ ।

୫. ମନମୋହିନୀ ଦେବୀ – ଅନ୍ୟଜଣେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ବରିଷ୍ଠ କବୟିତ୍ରୀ । ସେ ତାଙ୍କର ପ୍ରତିଭା ପୂର୍ଣ୍ଣ ରଚନା ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଝରଣା, ଅଶୋକବନରେ ବୈଦେହୀ ସୀତା, ଅଶ୍ୱିନୀକୁମାର ଗୀତିକା, ଗୀତାଳି, ପୁଷ୍ପଳି ଇତ୍ୟାଦି କବିତା ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

୬. ବିଦ୍ୟୁତପ୍ରଭା ଦେବୀ – ଅନେକ କବିତା ଲେଖି ଓଡ଼ିଆ କାବ୍ୟ ସାହିତ୍ୟକୁ ପରିପୂର୍ଣ୍ଣ କରିଛନ୍ତି । ସବିତା, ଉତ୍କଳ ସାରସ୍ୱତ ପ୍ରତିଭା, ମରୀଚିକା, ବିହାୟସୀ, ବନ୍ଦନିକା, ଝରା ଶିଉଳୀ, ଯାହାକୁ ଯିଏ, ସଞ୍ଚୟନ ଆଦି ତାଙ୍କ ରଚିତ କବିତା । ସଞ୍ଚୟନ କବିତା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

୭. ନନ୍ଦିନୀ ଶତପଥୀ – ସେ ଏକାଧାରରେ ଜଣେ କବି, ଗାଳ୍ପିକ ଓ ଅନୁବାଦିକା । ଉତ୍ତର ପୁରଷ ତାଙ୍କର ଏକମାତ୍ର କବିତା ସଂକଳନ । ତାଙ୍କ କବିତାର ମୁଖ ପୃଷ୍ଠଭୂମି ହେଲା ଦେଶର ଦୁର୍ନୀତି, ଦୁଃଖୀ, ନିରନ ଜନତାଙ୍କ ଦୁର୍ଦ୍ଦଶା ଇତ୍ୟାଦି ଥିଲା ତାଙ୍କ କବିତା ରଚନାର ମୁଖ୍ୟ ଶୀର୍ଷକ । ତାଙ୍କ କବି କର୍ମ ଯେତିକି ମାନବବାଦୀ ସେତିକି ବାସ୍ତବ ମଧ୍ୟ ।

୮. ବାନଜା ଦେବୀ – ସେ ଜଣେ ସଫଳ କଥା ଶିଳ୍ପୀ ହେଲେ ହେଁ କବିତା ରଚନାରେ ମଧ୍ୟ ସେ ପଛରେ ନଥିଲେ । ସେ ନାରୀ ଜୀବନକୁ ଆଖି ଆଗରେ ରଖି କବିତା ରଚନା କରିଥିଲେ । ନାରୀ ଜୀବନରେ ଥବା ପ୍ରେମ, ବିଷାଦ, ନିଃସଂଗତା, ସ୍ୱପ୍ନ କମନା ଇତ୍ୟାଦି ତାଙ୍କ କବିତାରେ ରୂପାୟିତ । ତାଙ୍କ ରଚିତ କବିତା ଗୁଡ଼ିକ ହେଲା ବନହଳଦୀ, ବର୍ଷାର ବାଳିକା, ଭୂମି ଲଗ୍ନ, ସୁନରେଭରି ନାଆ ଇତ୍ୟାଦି ତାଙ୍କର କବିତା ସଂକଳନ ।

୯. ପ୍ରତିଭା ଶତପଥୀ – ସେ ତାଙ୍କ କବିତା ସୁନ୍ଦର ସୁନ୍ଦର ଚିତ୍ରକଳ୍ପ ଓ ପ୍ରତୀକ ଆଦିର ପ୍ରୟୋଗ କରି ସୁନ୍ଦର ସୁନ୍ଦର ଶବ୍ଦ ସଂଯୋଜନା କରି କବିତା ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସୁଦୃଢ଼ କରିଛନ୍ତି । ତାଙ୍କ ଦ୍ୱାରା ରଚିତ କବିତାଗୁଡ଼ିକୁ ହେଲା – ଅସ୍ତ ଜହ୍ନର ଏଲିଜି, ସାହାଡ଼ା ସୁନ୍ଦରୀ, ନୀୟତ ବସୁଧା, ନିମିଷେ ଅକ୍ଷର, ମହାମେଘ, ଗ୍ରସ୍ତ ସମୟ ଇତ୍ୟାଦି । ନିମିଷେ ଅକ୍ଷର କବିତା ସଂକଳନ

ପାଇଁ ୧୯୮୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଶବରୀ କବିତା ସଂକଳନ ପାଇଁ ୧୯୯୨ ମସିହାରେ ଶାରଳା ପୁରସ୍କାର ଏବଂ ତନ୍ମୟଧୂଳି କବିତା ସଂକଳନ ପାଇଁ ୨୦୦୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନୀତ ହୋଇଥିଲେ ।

୧୦. ଶକୁନ୍ତଳା ଦେବୀ – ପ୍ରତିଭା ଶତପଥୀ ପରେ ପରେ ଶକୁନ୍ତଳା ଦେବୀଙ୍କ କବିତାରେ ଚିତ୍ରକଳ୍ପ ଓ ପ୍ରତୀକ ଆଦିର ପ୍ରୟୋଗ ଦେଖିବାକୁ ମିଳିଥିଲା । ତାଙ୍କ ରଚିତ କବିତାଗୁଡ଼ିକ ହେଲା କାଚ ଝୁଲଣା, ଭିଜା ଗୟସ, ବିପରୀତ ଲୋଟାଣି, ଅନନ୍ତ ଶୟନ ଇତ୍ୟାଦି ସେ କବିତା ରଚନା କରିଥିଲେ । ଅନନ୍ତ ଶୟନ କବିତା ସଂକଳନ ପାଇଁ ସେ ୧୯୮୯ ରେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

୧୧. ପ୍ରତିଭା ରାୟ – ଜଣେ ବହୁ ଚର୍ଚ୍ଚିତ ଔପନ୍ୟାସିକ । ତାଙ୍କର ଉପନ୍ୟାସ ଗୁଡ଼ିକ ହେଲା ଯାଜ୍ଞସେନୀ, ଶିଳାପଦ୍ମ, ଆଶାବରୀ, ଅପରିଚିତା, ଅରଣ୍ୟ, ଦୁଇଟି ଢ଼େଉ, ମଗ୍ନମାଟି, ବର୍ଷ ବସନ୍ତ ବୈଶାଖ, ମହାମୋହ ଇତ୍ୟାଦି ତାଙ୍କ ରଚିତ ଶ୍ରେଷ୍ଠ ଉପନ୍ୟାସ । ଯାଜ୍ଞସେନୀ ଉପନ୍ୟାସ ପାଇଁ ତାଙ୍କୁ ଜ୍ଞାନପୀଠ ପୁରସ୍କାର ଲାଭ କରିଛନ୍ତି ।

ଏହାପରି ଭାବରେ ଓଡ଼ିଆ ବାଣୀ ଭଣ୍ଡାରରେ ନାରୀମାନଙ୍କର ଅବଦାନ ଅନେକ ରହିଛି । ଯାହା ଆଜି ଆମ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛି ।




# ଗଳ୍ପସ୍ପର୍ଦ୍ଧା

- ଦୁଷ୍ମନ୍ତ ବେହେରା

ସୋମବାର

ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି । ସେଇ ଗ୍ରାମରେ ବଟକୃଷ୍ଣ ଦଳେଇଙ୍କ ପରିବାର ବାସ କରନ୍ତି । ପରିବାର କହିଲେ ସ୍ତ୍ରୀ ରାଧାଦେଇ ପୁଅ ମୁନା ଦଳେଇ । ହସଖୁସିରେ ଚଳି ଆସୁଥିଲା ବଟକୃଷ୍ଣଙ୍କ ପରିବାର । ସତେ ଯେମିତି ବଟକୃଷ୍ଣଙ୍କ ଚାଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା । ଦିନଗୁଡ଼ାକ ସରିସରି ଯାଉଥିଲା ।

ହଠାତ୍ ପରିବାରରେ ବିପଦ ମାଡ଼ି ଆସିଲା । ବଟକୃଷ୍ଣଙ୍କ ଦେହ ଜ୍ୱରରେ ଖଇ ଫୁଟୁ ଥିବା ଭାଗ୍ୟର ଖେଳ ଦାଉ ସାଜିଗଲା ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା । ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ ।

ପରିବାର ଉପରେ ବୋଝଉପରେ ଲଳିତା ବିଡ଼ା ପଡ଼ିଲା ପରି ପଡ଼ିଲା । ସେପାଖେ ପୁଅ ମୁନା ପାଠ ପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସରେ ସେବା କ'ଣ କରି ପାରିବ । କିଛି ଉପାୟ ନପାଇ ରାଧାଦେଇ ସିଲେଇ ମେସିନ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟରେ ଚଳି ଯାଆନ୍ତି ।

ମୁନା ଏପରି ବଦମାସ ହେଉଥିଲା କି ଗାଁ କଳି ଘରକୁ ଆଣୁଥିଲା । ଗାଁର ଲୋକେ କିଛି କିଛି ମୁନା ବିରୋଧରେ କହି ଆସନ୍ତି । ଛୋଟରୁ ବଡ଼ ପର୍ଯ୍ୟନ୍ତ କିଛି ନା କିଛି ବଦମାସ କରେ । ଗରିବ କୁଡ଼ିଆର ମୁନା ଏତେ ବଦମାସ ତଥାପି ଗାଁ ଲୋକେ ତାକୁ ଭଲ ପାଆନ୍ତି । ଅତି ଶ୍ରଦ୍ଧାରେ ଡାକନ୍ତି ମୁନାରେ....

ଘରର ଦୁଃଖ ଗୁଡ଼ାକ ଆଖି ଆଗରେ ନାଚି ଉଠୁଥିଲା, ହୃଦୟ ଅନେକ କଥା କହିଦେଉଥିଲା । ଏଇ ମାଟି ପାଇଁ କିଛି କରିବି ।

ରାଧାଦେଇଙ୍କ ହାତରେ ଫର୍ମଟିକୁ ଧରି ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କିଛି ଗୋଟେ କରିବି । ଦେଶ ଜାତିର ଟେକ ରଖିବି । ରାଧାଦେଇଙ୍କ ହାତରେ ଥିବା ଫର୍ମ ମୁନା ଆଡ଼କୁ ବଢ଼େଇ ଦେଇ କହିଲେ ଏଇନେ ସମୟ ଆସିଛି ଚାକିରି ପାଇଁ ଦରଖାସ୍ତ କରିଛି ,କିଛିଦିନ ଗଲାପରେ ଚାକିରିର ଇଣ୍ଟରଭ୍ୟୁର ତାରିଖ ବାହାରିଲା । ମୁନା ଇଣ୍ଟରଭ୍ୟୁ ଦେବା ପାଇଁ ବାହାରିଗଲେ ଏଇ ବାହାରିବା ବାଟରେ ରାଧାଦେଇଙ୍କ ଆଖିରୁ ଧାରଧାର ଲୁହ ମାଟି ଉପରେ ପଡ଼ି କହୁଥିଲା ତୁ ଯା ଲଘିଂଯା ମୁଁ ତ ସାଥିରେ ଅଛି ।

କିଛି ମାସ ଗଲାପରେ ଚାକିରି ଚିଠି ଆସି ପହଞ୍ଚିଲା ରାଧାଦେଇଙ୍କ ପାଖରେ । ଚିଠିଟିକୁ ଧରି ଗରିବ କୁଡ଼ିଆରେ ଯେ ହସ ଫୁଟିବ ଏ ଦୁନିଆ ମାଟିର ନାଁ ରଖିବ । ଆଜି ଯେ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା । ଭାରତର ସୈନିକରେ ଯୋଗଦେବା ପାଇଁ ଓ ଗାଁର ସମସ୍ତ ଲୋକମାନେ ରେଳ ଷ୍ଟେସନକୁ ଛାଡ଼ି ଆଣିଲେ । ଆସିବା ବାଟରେ ଅନେକ କଥା ଗୁଡ଼ିଏ ମନେ ପଡ଼ି ଯାଉଥିଲା । ବଦମାସ ପିଲାଟି କ'ଣ ଆଉ ବଦମାସ ହେବ । କିଏ ଲାଗିବ ଯେ ଆମ ସହିତ କାହା ପାଖକୁ ଯାଇ ଗୁହାରି କରିବା । ଏଇ କଥା ଭାବୁ ଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ । ମୁନା କହିଲା ମୋ ଗାଁର ବଣ ପାହାଡ଼ଗଛ, ଲତା ଝରଣା ଓ ଲୋକମାନଙ୍କୁ କହିଦେଇ ଯାଉଛି ସମସ୍ତେ ଭଲରେ ରହିବ ।

ଦୁଇବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚିଠି ଆସି ପହଞ୍ଚିଲା । ରାଧାଦେଇ ଚିଠିକୁ ଖୋଲି ପଢ଼ିଲେ ।

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ ଜୀବନ ଦେଇଛି ମୁନା ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ

ପଶି ଆସୁଥିଲେ । ଶତ୍ରୁମାନଙ୍କୁ ପଶାଇ ନ ଦେବା ପାଇଁ ଦୃଢ଼ ଜବାବ ଦେଇ ସହିଦ୍ ହୋଇଛି ।

ଜୟହିନ୍ଦ୍

ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ବୋହି ଆସିଲା । ପାଟିରୁ ଧୀର ସ୍ୱରରେ ବାହରିଲା ମୁନା...

ଜନ୍ମଭୂମିର ମାଟି ପାଇଁ
ରକ୍ତ ଠୋପା ଦେଇଛୁ
ଏ ମାଟି ତୁମକୁ ଧାରି
ଗର୍ବ କରୁଥିବ ଫୁଲେଇହୋଇ ।
ଗାଉଥିବ ଗାଥା ତୁମର
ସ୍ୱର ଶୁଭୁଥିବ ଚଉଦିଗେ
ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ
ଜନନୀର ଟେକ ଶୁଭୁଛି ଭବନେ ।
କ'ଣ କହିବି ଭାରତ ମାଆଲୋ
ଜୀବନ ରକ୍ତ ଦେଇ ତୋ
ଚରଣ ଧୋଇଛି ମୋ ପୁତ୍ର
ମହିମା ତୋହର କୋଟି ମହାନତା ।
ମୃତ୍ୟୁକୁ କୋଳେ ଧରି
ମୃତ୍ୟୁକୁ କୋଳେ ଧରି...

ଭାରତ ମାତାକି ଜୟ ଏତିକି କହି ରାଧାଦେଇଙ୍କ ଆଖିରୁ ଲୁହ ଠୋପେ ଚିଠି ଉପରେ ପଡ଼ି ମାଟିରେ ପଡ଼ିଲା । ଏ ଗାଁ ଏ ମାଟି ଏ ବଣ ପର୍ବତ ବୀର ପୁତ୍ରର ସ୍ୱର ଶୁଭୁଥିଲା ମୁନା ସେଠି ରାଧାଦେଇ ଟଳି ପଡ଼ିଲେ ସବୁଦିନ ପାଇଁ ...


ରାସୋଳ, ମୁଣ୍ଡିଆପଷି, ଢ଼େଙ୍କାନାଳ ।


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ବିରଳ ମାତୃତ୍ୱ

- କଲ୍ୟାଣୀ ହୋତା

ଆମ ଘରର ଠିକ୍ ବାହାର ଫାଟକର ବାମ ପାର୍ଶ୍ୱରେ ନଡ଼ିଆ ଗଛଟେ ଲାଗିଛି । ବେଳେବେଳେ ସମୟ ସୁଯୋଗ ଦେଖି ମୁଁ ତାହାର ଯତ୍ନ ନିଏ । ସଂନ୍ଧ୍ୟା ସମୟରେ ଛାତ ଉପରକୁ ଯାଇ ପାଣି ପାଇପ୍ ମାଧ୍ୟମରେ ନଡ଼ିଆ ଫୁଲ ଗୁଡ଼ାକୁ ପାଣି ସିଞ୍ଚେ । ଲୁଣ ବିଞ୍ଚେ..ଲୁଣର ଛୋଟ ଛୋଟ ପୁଡ଼ିଆ କରି ଗଛ ଉପରକୁ ଫୋପାଡ଼ି ଖଞ୍ଜି ଦିଏ । ଗୋଟେ କାଉ ଦମ୍ପତି ସେଠାରେ ରହୁଛନ୍ତି । କି ବିଚିତ୍ର ଏ ସୃଷ୍ଟିର ଲୀଳା । ସେମାନେ କେମିତି ଜାଣନ୍ତି କେଜାଣି ଅଣ୍ଡା ଦେବା ସମୟ ଆସିବା ପୂର୍ବରୁ ବସା ବାନ୍ଧିବାରେ ଲାଗି ପଡ଼ନ୍ତି ।

ଖୋଜି ଖୋଜି କାଠି କୁଟା ସଂଗ୍ରହକରି ତାଙ୍କ ପସନ୍ଦର ବସାଟିଏ ବାନ୍ଧନ୍ତି । ସେମାନେ ଦୂରରେ ଏକ ଗଛରେ ବସି ତାଙ୍କ ଆଡାଗୁଡ଼ିକୁ ଲକ୍ଷ୍ୟ କରୁଥାନ୍ତି । ସେ ପାଖ ଛାଡ଼ି କୁଆଡ଼େ ଯାଆନ୍ତି ନାହିଁ । ଆଉ କେତେଦିନ ପରେ ପକ୍ଷୀ ଶାବକଙ୍କ ଚେଁ ଚେଁ କଳନାଦରେ ଗୁଞ୍ଜରିତ ହେବ ତାଙ୍କ ଝାଳବୁହା ବସା । ସତରେ କି ବିରଳ ମାତୃତ୍ୱ । ମାଁ ନ ହେଉଣୁ ଛାତିରେ ସମୁଦ୍ରେ ମମତା ।

ମୁଁ ଦିନେ ସଂଧାରେ ନଡ଼ିଆଗଛରେ ପାଣି ସ୍ପ୍ରେ କରିବାକୁ ଛାତ ଉପରକୁ ଯାଇଛି । ସେମାନେ ଦୂରରେ ଏକ ଗଛ ଉପରେ ଥାଇ ତାଙ୍କ ଅଣ୍ଡା ଉପରେ ନଜର ରଖିଥିଲେ । କ୍ଷିପ୍ର ବେଗରେ ଉଡ଼ି ଆସି ମୋ ଶିରରେ ଖୁମ୍ପି ବାରମ୍ବାର ଆଘାତ କଲେ । ମୁଁ ପୁରାପୁରି ଭାବେ ଅନ୍ୟମନସ୍କ ଥିଲି, ବହୁତ କଷ୍ଟରେ ନିଜକୁ ରକ୍ଷା କରି ଘର ଭିତରକୁ ଆସିଲି ।

ଏତିକିରେ ସରିନି ମୋ କଷ୍ଟ । ଯୋଉଠି ଯେତେବେଳେ ଦେଖିଲେ ଖୁମ୍ପିଚାଲିଲେ ମୋତେ । ପୁଣି ଦିନେ କମ୍ପ୍ୟୁଟର କ୍ଲାସରୁ ଫେରୁଥିଲି ଚଳନ୍ତା ଗାଡ଼ି ଉପରକୁ ଆସି ମୋ ମୁଣ୍ଡରେ ଆଘାତ କଲେ । ଆଉ ବାହାରକୁ ଜମା ବାହାରି ପାରିଲିନି । ସବୁବେଳେ ନିଜକୁ ଛୋଟ ମନେ କଲି । ମୋତେ ସବୁବେଳେ ଏଥିପାଇଁ କଷ୍ଟ ଲାଗେ ଯେ ଉଚ୍ଚ ଚେତନା ଶକ୍ତି ଥିବା ମଣିଷଟିଏ ହୋଇ ମୁଁ ଗୋଟେ ସାଧାରଣ ପକ୍ଷୀ ପାଖରେ କେତେ ବଡ଼ ଦୋଷୀ ହୋଇଗଲି । ଧିକ ମୋ ବିଚାର ଶକ୍ତି ।

ସବୁବେଳେ ମୋତେ ବ୍ୟତିବ୍ୟସ୍ତ ଲାଗେ ଯେ ମୁଁ ଏ ନିଷ୍ପାପ ସରଳ ଜୀବନ ଦୁଇଟିକୁ କିପରି ବୁଝାଇବି ଯେ ମୁଁ ମୋର ଅଜାଣତରେ ତାଙ୍କ ବସାରେ ପାଣି ସିଞ୍ଚିଛି । ଦୀର୍ଘ ସମୟ ଧରି ମୋତେ ମୋ କର୍ମଫଳକୁ ଭୋଗିବାକୁ ପଡ଼ିଥିଲା । ମୋତେ ସବୁବେଳେ ସତର୍କରେ ରହିବାକୁ ପଡୁଥିଲା । ଭୁଲ୍ ତ କରିସାରିଛି ଆଉ କିଛି ଉପାୟ ନାହିଁ ଭାବି ସହି ଯାଉଥିଲି ।

ଥରେ ସେମାନେ ତାଙ୍କ କୁନି ଛୁଆଙ୍କୁ ନୂଆ ନୂଆ ଉଡ଼ିବା ଶିଖାଉଥିଲେ । ଆମ ଫାଟକ ଫାଙ୍କ ପଟୁ ଗୋଟେ ଛୁଆ ପସିଗଲା ଆଉ ବାହାରି ପାରିଲା ନାହିଁ । ମା କାଉଟି ଘର ଗେଟ୍ ପାଖରେ ଜଗି ବସିଲା । ଘରର କାହାକୁ ବାହାର କରି ଦେଲେନି । ସମସ୍ତଙ୍କୁ ଖୁମ୍ପି ଖୁମ୍ପି ହଇରାଣ କରିଦେଲେ । କାଉ ଜାତିଙ୍କ ଏକତା ବହୁତ । କୋଉଠି ଥିଲେ କେଜାଣି ସଂଗେ ସଂଗେ କାଉ ଦଳବଳ ପହଞ୍ଚି ଗଲେ । ସେ ରାସ୍ତା ଦେଇ କାହାକୁ ଯିବାକୁ ଦେଲେ ନାହିଁ । ଦିନସାରା ଏ ପାଲା ଲାଗିଲା । ରାତିରେ କେତେବେଳେ କେମିତି ସେ ଛୁଆଟିକୁ ଉଦ୍ଧାର କଲେ । ମୁଁ ଠିକ୍‌ରେ ଜାଣିନି ମୋ ଶାଶୁ କହନ୍ତି ସେ କାଉଛୁଆଙ୍କୁ ଯଦି ମଣିଷ ହାତ ବାଜିଯାଏ ତାକୁ ଆଉ ସେମାନେ ଗ୍ରହଣ କରନ୍ତି ନାହିଁ । କାରଣ କ'ଣ ହେଇଥାଇପାରେ ବିଭିନ୍ନ ଭାବନା ମୁଣ୍ଡକୁ ଆସୁଛି ।

ଦେଖୁଦେଖୁ ମୋ ପିଲାମାନେ ବଡ଼ ହୋଇଗଲେ । ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଚାରିବର୍ଷ ମୁଁ ବାହାରେ ରହିଲି । ଭିତରେ ମୁଁ ଏକଥା ବି ଭୁଲି ଯାଇଥିଲି । ପଢ଼ାସାରି ଘରକୁ ଫେରିଲି...ଦିନେ ଆଚାର ଶୁଖାଇବା ପାଇଁ ଛାତକୁ ଯାଇଛି ତ ପୁଣି ଖୁମ୍ପି ଆସିଲେ । ମୁଁ ପ୍ରାଣ ବିକଳରେ ଘରକୁ ପଶିଲି ।

ଆଉ ଚିନ୍ତା କଲି ପ୍ରକୃତରେ ମୁଁ ଜଣେ ଦୋଷୀ...ନଚେତ୍ ଏଇ ନିରୀହ ପକ୍ଷୀ ଦୁଇଟି ପାଖେ ଦୀର୍ଘ ସମୟର ଅନ୍ତରାଳରେ ବି କ୍ଷମାର ପାତ୍ର ହୋଇପାରିନି ?

ତାପରେ ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା । ସେହି ନଡ଼ିଆ ଗଛତଳେ ଗୋଟେ ଭଙ୍ଗା କଡ଼େଇଟେ ରଖିଲି ଆଉ ସବୁଦିନେ ଦୁଇବେଳା ସେଥିରେ ଖାଦ୍ୟ ଦେଲି । ଅନ୍ୟଏକ ପାତ୍ରରେ ପାଣି ଦେଲି । ସକାଳୁ ନଅଟା ବେଳେ କିଛି ରୁଟି ଆଣି ଖଣ୍ଡ ଖଣ୍ଡକରି ପକାଇ ଦିଏ । ଦୁଇ କାଉ ଆସି ଖାଆନ୍ତି ଆଉ କିଛି ତାଙ୍କ ଛୁଆ ପାଇଁ ନେଇଯାଆନ୍ତି ।

ଆଜି ମୁଁ ବହୁତ ଖୁସି ଯେ ତାଙ୍କ ନିଷ୍ପାପ ହୃଦୟକୁ ମୁଁ ଜୟ କରିପାରିଛି । ଆଉ ଥରେ ଭୀଷଣ ବର୍ଷା ବହୁତଦିନ ଧରି ଲାଗି ରହିଲା । ମୋ ଆଖି ଆଗରେ ଗୋଟିଗୋଟି କରି ସବୁ ଛୁଆ ମରି ତଳେ ଗଳି ପଡ଼ିଲେ । ମୋତେ ବହୁତ କଷ୍ଟ ହେଲା ଯୋଉ ମା ଦିନେ ନିଜ ସନ୍ତାନଙ୍କ ସୁରକ୍ଷା ପାଇଁ ମଣିଷକୁ ହନ୍ତସନ୍ତ କରିଦେଇଥିଲା ସେ ଆଜି ପ୍ରକୃତିର ଦାଉ ଆଗରେ ନୀରବଦ୍ରଷ୍ଟା ପାଲଟି ଯାଇଛି । ସତରେ ତାଙ୍କ କିଂକର୍ତ୍ତବ୍ୟବିମୂଢ଼ ମନ କେତେ ଯେ ମର୍ମାହତ ହୋଇଥିବ ତା'ର ହିସାବ କିଏ ରଖିବ...ସେ ତ ଗୋଟେ ସାଧାରଣ ପକ୍ଷୀ । ମୁଁ ଛୋଟବେଳେ ଆଉ ଏବେବି ବହୁତଥର ଦେଖିଛି ଲୋକେ ବାଟୁଳି ଧରି ମଜାମଜାରେ ନିଜ ମନର ଅମୋଦପ୍ରମୋଦ ପାଇଁ ଅବା ଖାଦ୍ୟ ପାଇଁ କେତେ ଯେ ନିରୀହ ପକ୍ଷୀଙ୍କୁ ବୃକ୍ଷରୁ ଟଳେଇ ଦିଅନ୍ତି । ଛୋଟ ଛୋଟ ବୁଦାରେ ନିଆଁ ଲଗାଇ ଅଣ୍ଡା ଓ ଉଡ଼ି ପାରୁନଥିବା ଛୋଟ ଛୋଟ ପକ୍ଷୀ ଶାବକଙ୍କୁ ପୋଡ଼ିଖାଇ ଦିଅନ୍ତି..ତାଙ୍କ ମାଙ୍କ ଅନୁପସ୍ଥିତିରେ ।

ଆଉଥରେ କେତୋଟି ଖଳ ପ୍ରକୃତିର ଲୋକ ଗୋଟେ କାଉକୁ ଧରି ତା'ର ଦୁଇଟି ଥଣ୍ଟକୁ ଆଲୁମିନିୟମ ତାରରେ ଗୋଡ଼ାଇ କାଉମାନଙ୍କୁ ରଂଗ ବେରଂଗ କରି ଛାଡ଼ିଦିଅନ୍ତି । ଯଦି ଆମେ ସେ ପକ୍ଷୀମାନଙ୍କ ସ୍ତରକୁ ଯାଇ ଚିନ୍ତା କରିବା ନିଶ୍ଚୟ ବୁଝିପାରିବା ଗୋଟେ ପକ୍ଷୀର ମନସ୍ତତ୍ତ୍ୱକୁ...

ସବୁ ପକ୍ଷୀ ଗୋଟେ ରଂଗର ଥିବେ ଆଉ ଗୋଟେ ପକ୍ଷୀ ବ୍ୟଙ୍ଗାତ୍ମକ ଭାବେ ଚିତ୍ରିତ ହୋଇ ତା ପକ୍ଷୀ ଦୁନିଆରେ କେତେ ଉପହାସିତ ହେଉଥିବ ଚିନ୍ତା କରନ୍ତୁ । ଏ ଅପମାନରେ ସେ ଡାଳ ଉହାଡ଼ରେ ଲୁଚି ଲୁଚି ଜୀବନ ହରାଇ ଥାଏ । ଅନ୍ୟ ପକ୍ଷୀ ମାନେ ତାକୁ ଖୁମ୍ପି ଖୁମ୍ପି ଡଳିତଳାନ୍ତ କରିବା ଦୃଶ୍ୟ ବି ମୁଁ ଦେଖିଛି ।

ଏହା ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ ତ କ'ଣ ? ଭଗବାନ ଆମକୁ ବଳବୁଦ୍ଧି ଦୁନିଆର ଶ୍ରେଷ୍ଠ ଜୀବ କରି ଗଢ଼ିଛନ୍ତି ବୋଲି ଆମେ କ'ଣ ସେ ଦୁର୍ଲ୍ଲଭ ଆଶୀର୍ବାଦକୁ ଏମିତି ଉପଯୋଗ କରିବା ? ସଂସାରରେ ବିଭିନ୍ନ କିସମର ସୁସ୍ୱାଦୁ ଖାଦ୍ୟ ଈଶ୍ୱର ଆମ ପାଇଁ ରଖିଛନ୍ତି...ଆମେ କ'ଣ ସେମାନଙ୍କୁ ମାରି ଖାଇଲେ ହିଁ ଆମ ପେଟ ପୁରିବ ? ସୃଷ୍ଟିନିୟନ୍ତାଙ୍କ ନିୟମକୁ ଭଂଗ କରିବା ପାଇଁ କିଏ ଆମକୁ ଅଧିକାର ଦେଇଛି ? ସେମାନଙ୍କ ଜଗତରେ ସେମାନଙ୍କୁ ଖୁସିରେ ରହିବାକୁ ଦେଇ ଆମ ଦୁନିଆରେ ଆମେ ଶାନ୍ତିରେ ରହିବା ସତରେ କ'ଣ କଷ୍ଟଦାୟକ ?

ସାମାନ୍ୟ ପକ୍ଷୀଜାତି ହେଲେ ବି ଏକ ବିରଳ ମାତୃତ୍ୱର ପରିଚୟ ଦେଇଛନ୍ତି ଏହି କାଉ ଦମ୍ପତି । ମାତୃତ୍ୱ ଏକ ଅନନ୍ୟ ଶାଶ୍ୱତ ଭାବଧାରା । ହେଲେ ମଣିଷ ସର୍ବଶ୍ରେଷ୍ଠ ଜୀବ ହୋଇ ମଧ୍ୟ ଆଜି ବୁଦ୍ଧି ବିବେକ ହରାଇ ଦେଇଛି । ମାନବିକତାର ଜଞ୍ଜିରରେ ବନ୍ଧା ହୋଇଥିବା ମାନବ ଆଜି ମୁକୁଳି ଯାଇଛି...ସୀମାରେଖା ଟପି ଅଫେରା ଯାତ୍ରୀଟିଏ ସାଜି ବହୁ ଦୂରକୁ ଚାଲି ଯାଇଛି ଆଉ ଫେରିବା କଷ୍ଟସାଧ୍ୟ ।

ପାରାବେଢ଼ା, ଶ୍ରୀରାମ ନଗର, ଜୟପୁର, କୋରାପୁଟ ।

# ମାଳତୀ

- ଗାଳ୍ପିକ କେଶବ ଚନ୍ଦ୍ର ନାୟକ

ଗୌଡ଼ଗୁଡ଼ା ଏକ ଆଦିବାସୀ ଗାଁ । ମାଲକାନଗିରି ନିକଟରେ ଅବସ୍ଥିତ । ଅଧିକାଂଶ କୋୟା ଜନ ଜାତିର ଲୋକମାନେ ଏହି ଗାଁରେ ବସବାସ କରନ୍ତି । ପ୍ରତ୍ୟେକ ଜନଜାତି ଗାଁର ସ୍ୱତନ୍ତ୍ର ପରିଚୟ ଅଛି । ସେଇ ପରି ଗୌଡ଼ଗୁଡ଼ା । ଗାଁର ପରିବେଶରେ କିଛି ତାଳ ଗଛ ଓ  ଖଜୁରୀ ଗଛ ଧାଡ଼ି ଧାଡି ଚାରିଆଡ଼େ ଦେଖିବାକୁ ମିଳେ । ଗାଁ ଦାଣ୍ଡର କଡ଼େ କଡ଼େ ବଡ଼ ବଡ଼ ତେନ୍ତୁଳି ଗଛ, ପୁରୁଣା କାଳିଆ ଦେଶୀ ଆମ୍ବଗଛ କେତୋଟି କେଉଁ ଅତୀତ କାଳର ସ୍ୱାକ୍ଷର ବହନ କରୁଛି । ଗାଁ ପାଖା ପାଖି ଧାନ ବିଲ । ଖାଇ ଜମିରେ ବର୍ଷାଦିନେ ପାଣିଜମେ । ଆଦିବାସୀ ଭାଷାରେ ମୁଣ୍ଡା ଜମି କହନ୍ତି । ଏଇ ଜମିରେ ଧାନ ହୁଏନି କାରଣ ଖାଲୁଆ ଜମିରେ ଗାଁର ସବୁ ପାଣି ପଶି ଛୋଟିଆ ପୋଖରୀ ପାଲଟି ଯାଏ, ଧାନ ବୁଣିଲେ କି ରୋଇଲେ କିଛି ହୁଏନି । ଧାନ ନହେଲା ନାଇଁ । ସେଥିପାଇଁ ଚିନ୍ତା ନାହିଁ । ବର୍ଷା ଚାରିମାସ ମୁଣ୍ଡା ଜମିରେ ପାଣିଜମେ । କେରାଣ୍ଡି, ଦଣ୍ଡେଇ, ଗଡ଼ିଶା, ଚେଂଗ, କଉ, କଣ୍ଟିଆ ମାଛ ପାଣିରେ ହାଉଯାଉ ହୁଅନ୍ତି । ସେଇ ମୁଣ୍ଡାରୁ ମାଛ ଧରି ନିଜେ ତରକାରୀ କରି ଖାଇବାକୁ ପଡ଼େ । କିଛି ଦାନ ପୁଣ୍ୟରେ ଯାଏ । ପାଣି ଶୁଖିବା ପୂର୍ବରୁ ମୁଣ୍ଡାରୁ ପାଣି ଖେଳି କରି ସବୁ ମାଛ ଧରା ହୁଏ । ବେଶି ମାଛ ହେଲେ ପୋଡ଼ି ସାଇତା ଯାଏ । ଆଦିବାସୀ ନୁନୀମାନେ ସ୍ଥାନୀୟ ହାଟ ବଜାରରେ ପୋଡ଼ା ଶୁଖୁଆକୁ ଦନାରେ ଭାଗ ପକେଇ ବିକନ୍ତା । ଯୁଗ ଯେତେ ଆଗଉ ପଛେ ଆଦିବାସୀଙ୍କ ଯାଏ ଆସେ କେତେ ? ସେମାନଙ୍କୁ ନୁନୀମାନେ କି ଧଙ୍ଗିଡ଼ୀମାନେ ଫଳ ମୂଳ କି ପନି ପରିବା ଯାହା ବି ହାତକୁ ବିକି ଆଣନ୍ତି କେବେ ନିକିତିରେ ଓଜନ କରି ଦିଅନ୍ତି ନାହିଁ । ସବୁ ଜିନିଷକୁ ଭାଗ ଭାଗ କରିବିକନ୍ତି । ଏମିତି ଆଦିବାସୀ ସମାଜର ନିଆରା ପରମ୍ପରା ରହିଛି ।

ମାଛ ଜଗିବା ପାଇଁ ମୁଣ୍ଡା ଜମି ହିଡ଼ରେ ଲାଡ଼ି ତିଆରି ହୁଏ । ଜଙ୍ଗଲରୁ ଖୁଣ୍ଟି ଖମ୍ବ ଅଣାଯାଇ ଲାଡ଼ି ବନାଯାଏ । ଉପର ଛାଉଁଣି ବରଡ଼ା ପତର କୁଡ଼ିଆରେ ଭାଡ଼ି ହୁଏ । ଭାଡ଼ି ଉପରେ ଶୋଇବାକୁ ପଡ଼େ । ମାଲକାନଗିରି ଜିଲ୍ଲାର ସବୁ ଆଦିବାସୀଙ୍କ ମୁଣ୍ଡା ଜମିରେ ଲାଡ଼ି ତିଆରି ହୁଏ । ଏହା ଏକ ଆଦିବାସୀ ଜମିର ସଂକେତ । ଯେ କୌଣସି ଫସଲ ଅମଳ ବେଳେ ରାତ୍ର ଜଗିବାକୁ ହୁଏ ଲାଡ଼ିରେ । ମାଲକାନଗିରି ଅଞ୍ଚଳରେ ବାରାହ ଓ ଭାଲୁ ସଂଖ୍ୟା ବେଶୀ । ବରାହ କି ଭାଲୁ ଫସଲ ନଷ୍ଟ କରିଦେବେ । ଏଣୁ ରାତିରେ ବଣ ଜନ୍ତୁମାନଙ୍କୁ ଘଉଡାଇବାକୁ ପଡ଼େ । ଭାଡ଼ି ନକଲେ ରାତିରେ ଶୋଇଲେ ବିପଦ, ଜଂଗଲିଆ ଜାଗା ତଳେ ଶୋଇଲେ ବିଷାକ୍ତ ସାପ କାମୁଡ଼ିବାର ଭୟ ବେଶି ଅଛି । ଭାଲୁ କି ବରାହ କାମୁଡିବାର ସମ୍ଭାବନା ଅଧିକ । ଆଦିବାସୀ ନୁନୀମାନେ ଟୁକୁଲୀମାନେ ଗଲାବେଳେ ଭାଲୁ ସାଂଗରେ ମୁହାଁମୁହିଁ ହୋଇ ଆକ୍ରମଣର ସମ୍ମୁଖୀନ ହୁଅନ୍ତି । ଧାନ ଅମଳ ସମୟରେ ମଧ୍ୟ ବିଲମାଳରେ ଭାଲୁ ବରାହ ସହ ଆଦିବାସୀ ଲୋକମାନଙ୍କ ଭେଟ ଭେଟି ହେବାକୁ ପଡ଼େ । ବହୁ ଜାଗାରେ ଭାଲୁ ସହ ଗୋଟେ ଘମାଘୋଟ ଲଢ଼େଇ ହେବାର ଶୁଣିବାକୁ ମିଳେ । କେବେ ଭାଲୁ ମଣିଷକୁ କାମୁଡ଼େ ତ ମଣିଷ ଭାଲୁକୁ ପିଟି ଘଉଡାଇ ଦିଏ । ସବୁ ଠାରୁ ମାଇ ଭାଲୁ ସହିତ ଛୋଟ ଛୁଆ ଥିଲେ ବଡ଼ ଆକ୍ରମଣାତ୍ମକ ଘଟଣା ଘଟେ । ମାଇ ଭାଲୁ ସେ ସହଜରେ ହାବୁଡ଼ ପଡ଼ିଲେ ଛାଡ଼େ ନାହିଁ ।

ପ୍ରତି ହିଂସା ପରାୟଣ ହୋଇ ମଣିଷକୁ ଆକ୍ରମଣ କରେ । ତଥାପି କୋୟାମାନେ ସାହାସୀ । ସଂଘର୍ଷ କରି ଜୀବନ ନିର୍ବାହ କରିବାର ଜାଣନ୍ତି । ସେମାନେ ହିଂସ୍ର ଜନ୍ତୁଙ୍କୁ ଡରି କ'ଣ ଜଂଗଲ ଛାଡ଼ି ଦେବେକି ? ଜଂଗଲ ପରା ଆଦିବାସୀଙ୍କ ମାଆ ଆଉ

ସେମାନଙ୍କ ଜୀବନ ଜୀବିକା କୋୟାମାନେ କଟିରେ ଖଣ୍ଡେ କଛା ବା ଲେଙ୍ଗୁଟି ପିନ୍ଧନ୍ତି । ମୁକୁଳା ଓସାରିଆ ଛାତି । ପିଚା ଦି'ଟା ବାହାରକୁ ଖୋଲା ରହେ । କାଳିଆ କାଳିଆ ବଳିଷ୍ଠ ଚେହେରା । ମୋଟା ମୋଟା ନିଶା ଲମ୍ବା ଲମ୍ବା କେଶ ଗୁଚ୍ଛ । ଚୁଟିକୁ ବନ୍ଧାହୁଏ ସୂତା କି କପଡ଼ା ଧଡ଼ିରେ । ବେକରେ ରସର ବଳା । କାନ ପାଖରେ ଖୁଞ୍ଚା ହୁଏ ଅଧା ଜଳାପିକା । କାନ୍ଧରେ ଖଣ୍ଡେ ବାଉଁଶ ନିର୍ମିତ ଧନୁ ଆଉ ଟାଙ୍ଗିଆ ହାତରେ କୋଡେଟି ତୀର ଶୋଭାପାଏ । ଏହା ହିଁ ଆଦିବସୀ କୋୟାର ପରିଚୟାଘରୁ ବିଲ କି ବଣ ବୁଦାକୁ ବାହାରିଲେ କୋୟାମାନେ ଏମିତି ବେଶଭୂଷାରେ ଯାଆନ୍ତି । କାଳେ ଜଂଗଲିଆ ରାସ୍ତାରେ ହିଂସ୍ରଜନ୍ତୁ ସହ ଭେଟଭାଟ ହୋଇପାରେ । କୋୟାମାନେ ହେଟାବାଘ, ଭାଲୁ, ବରାହ କବଳରୁ ନିଜକୁ ସୁରକ୍ଷା ପାଇବା ପାଇଁ ଅସ୍ତ୍ରଶସ୍ତ୍ରରେ ପ୍ରସ୍ତୁତ ହୋଇଥାନ୍ତି । ଜୀବନରକ୍ଷା ପ୍ରଥମ କାର୍ଯ୍ୟ । ତାପରେ ଅନ୍ୟକିଛି । ଆଦିବସୀମାନଙ୍କର ବିଲ ମାଳରେ ମାଳ ମାଳ ମହୁଲ ଗଛ । ପ୍ରତିବର୍ଷ ଗଛରେ ମହୁଲ ଫୁଲ ଫୁଟେ । ଫୁଲ ଫୁଟି ତଳେ ଟପ୍ ଟପ୍ ଝରେ। ବସନ୍ତ ଋତୁରେ ପତ୍ରଝଡ଼ା ଦିଏ ଗଛର ବୁଢ଼ା ପାଚିଲା ପତ୍ର ସବୁ । ମାସ ସାରା ମହୁଲ ଗଛ ମୂଳେ ଶୁଖିଲା ପତ୍ର ବହଳ ଓସାରରେ ପଡ଼ିଥାଏ । ମହୁଲ ଫୁଲ ଶୁଖିଲା ପତ୍ର ଉପରେ ବର୍ଷା ପରି ଟପ୍ ଟପ୍ ପଡ଼େ । ଶୁଣିବାକୁ ଖୁବ ଭଲ ଲାଗେ । ମହୁଲରେ ଗଛରେ ଫୁଲଆସିଲେ ବହୁତ ସୁନ୍ଦର ଦିଶେ । ଗଛରେ ଗୋଟେ ବି ପତ୍ର ନଥାଏ । ଗଛ ସାରା ମହୁଲ ଫୁଲର ଝୁମ୍ପା । ସେହି ମହୁଲ ଫୁଲ ସଂଗ୍ରହ କରିବାକୁ ନୁନୀମାନେ, ଧାଂଗିଡ଼ିମାନେ ଟୁକିଲମାନେ ଦଳ ଦଳ ହୋଇ ଯାଆନ୍ତି । ତାକୁ ଆଣି ଗାଁରେ ଯିଏ ଯାହାର ଦାଣ୍ଡରେ ପଟି ପାରି ଶୁଖାନ୍ତି । ଶୁଖି ଗଲାପରେ ମହୁଲ ଫୁଲ ବିକ୍ରି ହୁଏ । ସାହୁକାରମାନେ ମହୁଲ ଫୁଲକୁ ସାପ୍ତାହିତ ହାଟରୁ ଆଦିବାସୀଙ୍କଠାରୁ ସଂଗ୍ରହ କରନ୍ତି । କେହି କେହି ଆଦିବାସୀ ଗାଁକୁ ଗାଁ ବୁଲି ବୁଲି ମହୁଲ ସଂଗ୍ରହ କରନ୍ତି । ଆଦିବାସୀମାନେ ନିଜ ପାଇଁ କିଛି ମହୁଲ ରଖିଥାନ୍ତି । କାରଣ ମହୁଲରୁ ମହୁଲୀ ମଦ ତିଆରି ହୁଏ । ମହୁଲୀ ହେଉଛି ଆଦିବସୀଙ୍କ ପ୍ରିୟ ପାନୀୟ । ଦୈନିକ ମହୁଲୀ, ପେଣ୍ଡ୍ରହ ପିଇବାକୁ ପଡ଼େ । ବାର ମାସରେ ଯେତେ ପରବ ପଡ଼େ ମହୁଲୀ ମଦ ଉପରେ ନିର୍ଭର । ବିନା ମହୁଲୀ, ବିନା ଜଂଗଲୀ ମାଉଁସରେ କି ପରବ । ପିଲାର ଜନ୍ମ ଦିନରେ ବାହା ପୁଆଣିରେ ପର୍ବ ପର୍ବାଣୀରେ ମହୁଲୀ ବିନା ଉତ୍ସବ ଜମେ ନାହିଁ । ମହୁଲୀ ପିଇ ନାଚ ଗୀତ ହୁଏ । ମାଦଳର ତାଳେ ତାଳେ ନାଚରେ ଧାଂଗିଡ଼ିମାନେ ନାଚନ୍ତି । କୋୟା ପୁରୁଷମାନେ ମୁଣ୍ଡରେ ଗୟଳ ଶିଂଘର ମୁକୁଟ ପିନ୍ଧନ୍ତି । ମୁକୁଟର ଆଗରେ କଉଡ଼ି ମାଳ ମାଳ ଝୁଲୁ ଥାଏ । ମୁକୁଟ ଉପରେ କେରାଏ ପକ୍ଷିର ପର । ଲମ୍ବା ଲମ୍ବା ମାଦଳ ଏକ ପାଖେ ହାତରେ ଓ ଅନ୍ୟ ପାଖେ ଛୋଟିଆ କାଠିରେ ବାହୁ ନାଦ କରାଯାଏ । କୋୟା ତରୁଣୀମାନେ ଦଳ ବନ୍ଧ ହୋଇ ଢ଼େମସା ନାଚ ନାଚନ୍ତି । ଧାଂଗିଡ଼ିମାନେ ମଧୁର କଣ୍ଠରୁ କେତେ ପେମର କବିତା ଛୁଟେ, କେତେ ବିରହ ସଂଗୀତର ମୂର୍ଚ୍ଛନା ତୋଳେ । ଧଂଗଡ଼ା ଧାଂଗିଡ଼ୀର ପ୍ରେମ ସଂଗୀତରେ ମତୁଆଲା ହୁଏ ବନ ଭୂମୀ । ପ୍ରେମ ନିବେଦନ କରେ । ଭଲ ପାଇବାର ମନ ଦିଆ ନିଆର ମାଧ୍ୟମ ପାଲଟେ ମହୁଲୀ ରସାମହୁଲୀ ବି ପୂଜାରେ ଲାଗେ । ମହୁଲୀ ଟୋପେ ଗାଁ ଠାକୁରାଣୀ କି ନଦେଲେ ପୂଜା ହୁଏନା । କୁକୁଡ଼ା ଗଞ୍ଜା ମାଆ ଠାକୁରାଣୀଙ୍କ ଗୁଡ଼ି ନିକଟରେ ବଳୀ ଚଢ଼ିଲେ ମଧ ମୁହଲୀ ଟୋପେ ମାଂକୁ ନଦେଲେ ନଚଳେ । ଗାଁ ଠାକୁରାଣୀ କହିଲେ ଖଣ୍ଡେ ପଥର । ଗଛ ମୂଳେ ଖୋଲା ଆକାଶମୂଳେ ପୂଜାପାଏ । ପଥର ଦେହରେ ପୁଳା ପୁଳା ସିନ୍ଦୂର ମଖା ହୋଇଛି । କଥାରେ ଅଛି ମାନିଲେ ଦେବତା, ନମାନିଲେ ପଥର । ପୂଜା କରିବା ପାଇଁ ସବୁ ଗାଁରେ ପୂଜାରୀ ଥାଏ । କାହା ଦେହରେ ଡୁମା ଆସିଲେ କି କା ଦେହ କାଇଲାରେ ବାଧକ ହେଲେ ମାଆଙ୍କ ନିକଟରେ ଓ୍ୱାଡ଼େ ପୂଜା କରି କାଳେସୀ ଲାଗେ । କାଳସୀକୁ ମାଆ ଠାକୁରାଣୀ ସବାର ହୁଏ । ସେ ଆଗତ ଭବିଷ୍ୟତ କହେ । ଗୁଣି ଗାରେଡ଼ି ଡୁମା କଥା କହେ । ସବୁ ପୂଜା ସବୁ ଜାନିଯାତରାରେ ମହୁଲୀ ଲୋଡ଼ା । ମଶାଣିରେ ମଡ଼ା ପୋଡ଼ିଲେ ବି ମହୁଲୀ ଦରକାର । ଡୁମା (ପ୍ରେତ) ଶାନ୍ତି ପାଇଁ କୁକୁଡ଼ା ବଳୀ ସହ ମହୁଲୀ ତୁମ୍ବେ ଲୋଡ଼ା । ହାଟ ବାଟରେ ବି ମହୁଲୀ ବିକ୍ରି ବଟା ହୁଏ । ମହୁଲୀ ସୁଖ ଦୁଃଖର ସାଥି । ଆଦିବାସୀମାନଙ୍କ ଜୀବନ ଜୀବିକା ପାଇଁ ଦି'ପଇସା ଆୟର ମାଧ୍ୟମ ଏହି ମହୁଲୀ

ରସ । ମହୁଲୀ ହସ କାନ୍ଦ ସୁଖ ଦୁଃଖ ଜନ୍ମ ମରଣ ସବୁରି ସାଥୀ । ହାଡ଼ଭାଂଗା ପରିଶ୍ରମ ବେଳେ ଢ଼ୋକେ ମାରି ଦେଲେ ଦେହର ସବୁ ବ୍ୟଥା ବେଦନା ଛୁ । ଦେହଟା ଉଶ୍ୱାସ ହୋଇଯିବ । ମହୁଲ ଫୁଲରୁ ଫଳ ହୁଏ । ଏହି ଫଳକୁ ଟୋଲା କୁହାଯାଏ । ଟୋଲା ମଂଜିରୁ ତେଲ ବାହାରେ । ଆଦିବାସୀମାନେ ଟୋଲାରୁ ତେଲ ବାହାର କରି ବ୍ୟବହାର କରନ୍ତି । ଟୋଲା ମଂଜି ବିକି ଦି'ପଇସା କମାନ୍ତି ।

ଗୌଡ଼ଗୁଡ଼ା ଗାଁରେ କିଛି ଘର ଦାଣ୍ଡ ଦୁଆର ଆଗରେ ସଲପ ଗଛ ଠିଆ । ପ୍ରାୟ ଆଦିବାସୀ ଗାଁରେ ପଲପ ଗଛ ଦେଖିବାକୁ ମିଳେ । ଖରାଦିନେ ଖଜୁରୀ ତାଡ଼ି, ସଲପ ରସ କୁଆଡ଼େ ପେଟ ଥଣ୍ଡା କରେ । ଖରାଦିନେ ଆଦିବାସୀମାନେ ଖଜୁରୀ ଗଛ ଓ ସଲପ ଗଛର ଟିଁର କାଟି ମାଟି ଠେକି ବସାନ୍ତି । ସକାଳେ ଗଛରେ ଚଢ଼ି ରସ କାଢ଼ନ୍ତି । ସଜ ରସ ମିଠା ଲାଗେ । ଟିକେ ବାସୀ ହେଲେ ଖଟା ଲାଗେ । ଖଟା ହେଲେ ନିଶା ଲାଗେ । ଏହି ସଲପ ରସ ଓ ଖଜୁରୀ ତାଡ଼ି ଆଦିବାସୀଙ୍କ ଅତି ପ୍ରିୟ ପାନୀୟ । ଯାହାକୁ ଯାହା ଇଚ୍ଛା ପାନ କରନ୍ତି । ବାଟୋଇମାନେ ମଧ୍ୟ ଡାବୁ ଦେଇ ରସ ପାନ କରନ୍ତି । ଗଛ ମୂଳେ ମିଠା ଖଟା ରସ ଲାଉ ତୁମ୍ବା ନାଡ଼ରେ ପିଆଯାଏ । କେହି କେହି କଂଚା ତାଳପତ୍ର ଡଂଗାବନାଇ ପାନ କରନ୍ତି । ଆଦିବାସୀ ଗାଁରେ ଘୁଷୁରୀ ମାଳ ମାଳ । ଘୁଷୁରୀ ଏକ ଲାଭ ଜନକ ବ୍ୟବସାୟ । ଗୋଟେ ମାଈ ଘୁଷୁରୀ ଥରକେ ବାର ଚଉଦ ଛୁଆ ପକାଏ । ଘୁଷୁରୀ ଦେବୀଙ୍କ ନିକଟରେ ବଳୀ ପଡ଼େ । ଘୁଷୁରୀ କୋୟାମାନଙ୍କ ଜୀବିକା ନିର୍ବାହରେ ସହାୟକ ହୁଏ । ପ୍ରାୟ ସବୁ କୋୟା ଗାଁରେ ଘୁଷୁରୀ ପାଳନ କରାଯାଏ । ବର୍ଷାଦିନେ କୋୟା ଗାଁ ଦାଣ୍ଡରେ ଚାରିଆଡ଼େ ଘୁଷୁରୀ ମଳରେ ପରିପୂର୍ଣ୍ଣ ଦୁର୍ଗନ୍ଧରେ ନାକ ଟୁଂଟା ଦେବାକୁ ପଡ଼େ । କିନ୍ତୁ ସବୁଦିନିଆ ଲୋକମାନଙ୍କୁ ଘୁଷୁରୀ ମଳ ବାସେନି । ମଳରେ ଗାଁ ପରିବେଶ ପ୍ରଦୂଷିତ । ତଥାପି ପିଲାମାନେ ଯେତେବେଳେ ଝାଡ଼ା ଫେରନ୍ତି ମାଆମାନଙ୍କୁ ଝାଡ଼ା ସଫା କରିବାକୁ ପଡ଼େନି । ଯେଉଁଠି ଥିଲେ ବି ଘୁଷୁରୀ ଧାଇ ଆସି ଝାଡ଼ାକୁ ସାଂଗେ ସାଂଗେ ସଫା କରିନେବ । ଦେଶୀ କୁକୁଡ଼ା ଘରେ ଗରେ ପାଳନ କରନ୍ତି । ମାଈ କୁକୁଡ଼ା ଅପେକ୍ଷା ଗଂଜାର ଚାହିଦା ବେଶୀ । ବଳୀ ପାଇଁ ଦେଶୀ ଗଂଜାର ଭାଉ ବେଶୀ । ଲଢ଼ୁଆ ଗଂଜାର ଦାମ ସବୁଠୁ ଅଧିକା । ଗଂଜା ଲଢ଼େଇ ଆଦିବାସୀ ହାଟଗୁଡ଼ିକରେ ପ୍ରତି ସପ୍ତାହରେ ଚାଲେ ।

ଗଂଜା ଗୋଡ଼ରେ ଛୋଟିଆ ଛୁରୀ ବନ୍ଧାଯାଇ ଲଢ଼େଇ କରାଯାଏ । ଖେଳାଳୀମାନେ କଳା, ନାଲିଆ, ଗଂଜା ଜିତାପଟ ପାଇଁ ବାଜି ଲଗାନ୍ତି, ଯେଉଁ ଗଂଜା ଜିତେ ସେଇ ପାଲ୍ଲିର ଖେଳାଳୀମାନେ ଡାବୁ ନେଇଯାଆନ୍ତି । ଗାଁରେ ଅଧିକାଂଶ ଖପର ଛାଉଣି ଘର, ମାଟି କାନ୍ଥ । କାହାର ଝଟିମାଟି କାନ୍ଥକୁ ବରଡ଼ା ପତର ଛାଉଣି । କାହାର ସରକାରୀ ଯୋଜନାରେ ମୋ କୁଡ଼ିଆ, ଇନ୍ଦିରା ଆବାସ ଘର ଦେଖିବାକୁ ମିଳେ ।

ଶୁକ୍ରା ମାଡ଼କାମୀର ଘର ଗୌଡ଼ଗୁଡ଼ାରେ । ବୟସ ୫୦ ଉପରେ ଟିପିଲାଣି । ସ୍ତ୍ରୀ ରଇବାରୀ । ପୁଅ ଦି'ଜଣ । ବଡ଼ ପୁଅ ଆଦି । ସାନ ପୁଅ ସୋମା । ଏଇ ଚାରିପ୍ରାଣୀକୁ ନେଇ ସଂସାର । ଶୁକ୍ରାର ବାପା ଭର୍ମା କେବେ ଠାରୁ ଆରପାରିକି ଗଲାଣି । ମାଆ ଗୁରୁବାରୀ ମଧ୍ୟ ଆଖି ବୁଜି ଦେଲାଣି । ତାଂକର ଜମି କେତେ ଅଛି ଶୁକ୍ରାକୁ ଜଣା ନାଇ । ଶୁକ୍ରାର ବଡ଼ଭାଇ ଜଗା ଚାଷ କରୁଛି । ତାର ପିଲା ଝିଲା ସାତ । ବହୁ କୁଟୁମ୍ବି । ତେଣୁ ସେ ତାଠାରୁ ଧାନ କି ଫସଲ ଭାଗ ନିଏନି । ଜମିବାଡି ବି ଭାଗ ହୋଇନି । କୋୟାମାନଙ୍କର ଶହ ଶହ ଏକର ଜମି ଜେଜେ ପଣଜେଜେ ନାଁରେ ପଟ୍ଟା ଅଛି । କିନ୍ତୁ ପିଢ଼ି ପରେ ପିଢ଼ି ଭାଗ ବଣ୍ଟା ହୋଇନି ।

ଶୁକ୍ରା ଓ ତା ସ୍ତ୍ରୀ ରଇବାରୀ କୁଲି ଦୁଃଖ କରି ପରିବାର ଚଳାନ୍ତି । ଶୁକ୍ରା କେବେ କେବେ ଜଂଗଲରୁ କାଠ ଓ ଅଂଗାର ଆଣି ବିକେ । ରଇବାରୀ ଜଂଗଲକୁ ଯାଇ ଜଂଗଲୀ ଶାଗ, କନ୍ଦା, ଛତୁ, କେନ୍ଦୁ, ଖଜୁରୀ କୋଳି, ବରକୋଳି, ନରକୋଳି ଆମ୍ବ ଆଣି ହାଟ ବାଟରେ ବିକେ । ଯେତେବେଳେ ଯାହା ସୁବିଧା ସେଇ କାମ କରି ବଂଚନ୍ତି । ଦିନକୁ ଦିନ ଦୁଇ ପ୍ରାଣୀଙ୍କ ବୟସ ବଢୁଛି । ଶୁକ୍ରାର ଅବସ୍ଥା ଏବେ ଆଗ ଭଳି ଭଲ ନାହିଁ । ଘରେ ଛୋଟା କେମ୍ପା ହୋଇ ପଡ଼ିଛି । ରଇବାରୀ ହାତକୁ ଚାହିଁ ରହିଛି । ଦିନେ ଜଂଗଲକୁ ଯାଉଥିଲା ଶୁକ୍ରା । ଭାଲୁ ସହ ହାବୁଡ଼ ହେବାରୁ ଭାଲୁ ସହ ଲଢ଼େଇ କରି ଗୁରୁତର ହୋଇଥିଲା । ସାଂଗରେ ଥିବା କେତେକ

ଲୋକ ଶୁକ୍ରାକୁ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଆଣିଥିଲେ । ଦୀର୍ଘଦିନର ସରକାରୀ ମେଡ଼ିକାଲରେ ଚିକିତ୍ସା ପରେ ଜୀବନଟା ଫେରିପାଇଲା ସତ, ହେଲେ ହାତ ଗୋଡ଼ ଶୁକାର ଅଚଳ ହୋଇଗଲା । ଶୁକ୍ରାର ବଡ଼ପୁଅ ଆଦି ଓ ସାନ ପୁଅ, ସେମା ଗାଁରେ କୁଲି ମଜୁରୀ ନକରି ଆନ୍ଧ୍ରକୁ ଖଟିବାକୁ ଯାଆନ୍ତି । ସେମାନେ ବର୍ଷେ ଆଠ ମାସ ବାହାର ରାଜ୍ୟରେ ଦାଦନ ଖଟନ୍ତି । ବର୍ଷା ଦିନହେଲେ କାମ ଅଭାବରୁ ଗାଁକୁ ଆସନ୍ତି । ପିଲା ଦି'ଟା ବଡ଼ ହେବାରୁ କିଛି କିଛି ଶୁକ୍ରାର ସଂସାର ଚାଲେ । ଏବେ ପୁଅର ବୟସ ହେଲାଣି । ଆଦିବାସୀ ସମାଜରେ ପୁଅର ବୟସ ପନ୍ଦରରୁ ଅଧିକ ହେଲେ ବୁଢ଼ା କନିଆ ମିଳିବା କଷ୍ଟ । ଝିଅର ବୟସ ଯେତେ ଅଧିକ ହେଲେ ବି ଆଦିବାସୀ ସମାଜରେ ସେ ବୁଢ଼ି ହୁଏନା । ଶୁକ୍ରାର ବଡ଼ ପୁଅ ଆଦି ପାଲକୋଣ୍ଡାରୁ ଜାତି ଝିଅକୁ ଉଦୁଲିଆ ଆଣିଛି । ଧାଂଗଡ଼ା ଧାଂଗିଡ଼ୀମାନେ ପୁଆ ପୁଇ ହେବାରୁ ଘରକୁ କନିଆ ହୋଇ ଆସିଛି । କୂଳ ଲୋକେ ଆସିଛନ୍ତି ପାଲକୋଣ୍ଡାରୁ ଗୌଡ଼ଗୁଡ଼ାକୁ । ଜାତି ଭାଇକୁ ଭୋଜି ଦେବ । କନିଆ ପିତାକୁ ପୋଷିଥିବା ପାଉଣା ଦେବ । ଦୁଇ ଗାଁର ଜାତି ଭାଇମାନେ ବସି କୋୟା ଜାତିର ନିୟମ ସବୁ କାମ ତୁଲାଇଲେ । ଭୋଜି ଭାତ, ମାଉଁସ, ମଦ ପାଣି ହେଲା । ବାଜା ବାଜିଲା । ଧାଂଗଡ଼ା ଧାଂଗିଡ଼ିମାନେ ନାଚିଲେ ଗୀତ ଗାଇ ଗାଇ । ମହୁରୀ, ଢ଼ୋଲରେ ଗାଁ ଦାଣ୍ଡ ଦୁଲୁକିଲା । ବାହା ପୁଆଣି ସରିଲା । କୁଣିଆମାନେ ଯାହା ଘରକୁ ଗଲେ ଆଦି ଆଉ ଆଗ ଭଳି ଗାଁକୁ ଆସୁନି । ତା କନିଆକୁ ନେଇ ତା ଶ୍ୱଶୁର ଘରେ ରହୁଛି । କେବେ କେମିତି ଗୌଡ଼ଗୁଡ଼ାରେ ପୂନେଇ ପରବରେ ଆସେ । ଘଣ୍ଟେଦିଘଣ୍ଟା ରହି ପୁଣି ଚାଲିଯାଏ ତା ଶ୍ୱଶୁର ଗାଁକୁ । ହାତରେ ବପା ମାଆକୁ କାଣି କଉଡ଼ିଟିଏ ଦିଏନା । ତଥାପି ଶୁକ୍ରା ତା ବଡ଼ ପୁଅ ହାତକୁ ଚାହେଁନା । ତା ବାଟରେ ସିଏ । ସାନ ପୁଅ ସୋମ ମାଥିଲିରୁ ଏଇ ଶୀତଦିନେ କନିଆ ଆଣିଛି । ସେ ବି ଉଦୁଲିଆ ଆଣିଛି । ବୋହୂଟି ଭାରି ସରଳ । ନିରୀହ । ଭଲ ଝିଅଟି । ବୋହୂ ନା ମାଳତୀ । ବାପା ମା ଛେଉଣ୍ଡ । ଅଜା ଘରେ କାମ ଧାମ କରି ବଡ଼ ହୋଇଛି । ଶାଶୁ ଶ୍ୱଶୁର ନିକଟରେ ସେ ରୁହେ । ସାନ ପୁଅ ସୋମା ଆନ୍ଧ୍ରଯାଏ ଦାଦନ ଖଟିବାକୁ । ଇତି ମଧ୍ୟରେ ସୋମାର ଝିଅଟେ ପୁଅଟେ ଜନମ ହେଲାଣି । ସୋମା ଅନେକ ସ୍ୱପ୍ନ ଦେଖୁଛି । ତା ପୁଅ ଝିଅକୁ ପାଠ ପଢ଼ାଇବ । ସ୍କୁଲକୁ ପଠାଇବ । ସେ ସିନା ପାଠ ଝାଟ ପଢ଼ି ପାରିଲାନାହିଁ । କିନ୍ତୁ ଯେତେ କଷ୍ଟ ହେଲେବି ସେ ଆନ୍ଧ୍ରରେ ଖଟିବ ତା ପୁଅ ଝିଅକୁ ପାଠ ପଢ଼ାଇବ । ବେଶୀ ରୋଜଗାର କରି ତା ସ୍ତ୍ରୀ ମାଳତୀକୁ ପଠାଇବ । ସୋମାଟା ଏକ ଜିଦିଆ ଯୁବକ । ସେ ଟିକେ ଆଧୁନିକ ଆଡ଼କୁ ଗତି କଲାଣି । ବିଶାଖା ପାଟଣା ସହରରେ ରହୁଛି । ବିଲଡର ପାଖରେ କାମ କରୁଛି । ସହରୀ ଜୀବନର ପ୍ରଭାବ ତାକୁ ପଡୁଛି । ସେ ବେଳେବେଳେ ଆଦିବାସୀ ହୋଇ ଜନ୍ମ ହେବାଟା ଧିକ ବୋଲି ମନେ ମନେ ଭାବେ । ପୁଣି ଗରିବ ହୋଇ ଜନ୍ମ ନେବାଟା ଅଭିଶପ୍ତ । ବିଶାଖା ପାଟଣାରେ ରହି ସେ ତା ନିଜ ହାତରେ କେତେ ଉଚ୍ଚ ଉଚ୍ଚ କୋଠା ଗଢ଼ିଛି । କୋଠାଗୁଡ଼ିକରେ କେତେ ରଂଗ ବୋଳିଛି । ଆକାଶଛୁଆଁ କୋଠା । ଦେଖିଲେ ମନ ଲୋଭେଇ ଯିବ । ମାତ୍ର ତା ଗାଁର ଘର କି କଦର୍ଯ୍ୟ । ଦିନରେ ସୂର୍ଯ୍ୟ ଆଉ ରାତିରେ ତାରା ଦିଶିବ । ଏଠାରେ ସୁନ୍ଦର ସୁନ୍ଦର ପକ୍କା ରାସ୍ତା, ଗାଁରେ ଅସନା ମାଟି ରାସ୍ତା । ବର୍ଷାଦିନେ ଗାଁରେ କାଦ ପଚପଚ । ଏଠାରେ ସିନେମାଘର, ହୋଟେଲ । ବିଜୁଳି ଆଲୁଅ ହୋଟେଲ ଗାଡ଼ି ମଟର ପେଁପାଁ । ମନେ ହୁଏ ସତରେ ସହରଟା ସରଗପୁରୀ । ହାତ ପାହାନ୍ତାରେ ସବୁ ଏଠି ମିଳେ । ଗାଁରେ କିସ ଅଛି । ସବୁ ସେଠି ବେକାର । ଜୀବନ ପାଇଁ ରିତିମତ ସଂଘର୍ଷ ଭୋକର ଭୂଗୋଳ,.... ଏମିତି ସୋମା ଗାଁକୁ ନେଇ କେତେ କ'ଣ ଭାବେ ।

ଆଗରୁ ସେ ଇଟା ଭାଟିରେ କାମ କରୁଥିଲା । ପରେ ବିଲଡର କଂପାନୀରେ ରହି ଇଟା ବଢ଼ାଇବା, ବାଲି ସିମେଣ୍ଟ ଗୋଳାଇବା କାମ କରୁକରୁ ହେଲପର ହେଲା ରଂଗ ମିସ୍ତ୍ରୀ ହେଲା । ଏବେ ରାଜମିସ୍ତ୍ରୀ । ଇଂଜିନିୟର କହିବା ପକ୍କାରେ ଇଟା ଯୋଡ଼େଇ କାମ କରେ । ଭଲ ମିସ୍ତ୍ରୀ କାମ କରୁଛି ବୋଲି କଂପାନୀରବାବୁ ସୋମା ଉପରେ ଭାରି ଖୁସୀ । ସୋମାର ପକେଟରେ ଦିନକୁ ଦିନ ଦି'ପଇସା ହେଲା । ସେ ବାହାରକୁ ଗଲେ ଫୁଲ ପେଣ୍ଟ ସାର୍ଟ ପିନ୍ଧେ । କାମବେଳେ ଲୁଂଗି ପିନ୍ଧେ । ମୁଣ୍ଡରେ ଗାମୁଛାଭିଡ଼େ ।

ଦେହରେ ମଇଳା ଗଂଜି ଗୋଟେ ଲଗାଏ । ନାଲିନେଳି ଚଷମା ପିନ୍ଧେ । ରବିବାର ହେଲେ ସିନେମା ଯାଏ । ତେଲୁଗୁ ହିରୋପରି ନିଜକୁ ସଜାଏ । ଚୂଳ କାଟେ । ରଂଗ ବେରଂଗର ଟୋପି ମୁଣ୍ଡରେ ପିନ୍ଧେ । ସହରୀ ଜୀବନ ଆଉ ପଲ୍ଲୀ ଆଦିବାସୀ ଜୀବନ ଶୈଳୀ କାହିଁ ଆକାଶ କାହିଁ ପାତାଳ । ସୋମା ମନେ ମନେ ଭାବେ କିଛି ପଇସା ସଂଚୟ ହେଲେ ମାଳତୀ ଆଉ ତା ପୁଅ ଝିଅକୁ ଏଇ ସହରରେ ଆଣି ସବୁଦିନ ପାଇଁ ରଖିବ । ବଡ଼ ମଣିଷ କରିବ । ମୁଣ୍ଡ ଗୁଂଜିବକୁ ବଡ଼ ନହେଲେ ନାହିଁ ଛୋଟ ଟିଣ ଛପର ଘରଟିଏ ବି କରିବ । ଜାଗାଟିଏ କିଣିବ । ସେ ତ ବୁଢ଼ା ହେଇ ଯାଇନି । ମାଳତୀକୁ ୨୨ବର୍ଷ । ଆଉ ସୋମାକୁ ୨୦ ବର୍ଷ ।

ସୋମା ଗାଁକୁ ବର୍ଷାଦିନେ ଆସେ । ତା ବେଶ ପୋଷାକ ଦେଖି ଗାଁର ବୁଢ଼ା ଠୁ ଭେଣ୍ଡିଆ ଯାଏ ବଡ଼ ବଡ଼ ଆଖିରେ ଚାହାନ୍ତି । ଭଲମନ୍ଦ ପଚାରନ୍ତି । ସୋମା ଗାଁର ବଡ଼ମାନଙ୍କୁ ସମ୍ମାନ ଧର୍ମ କରେ । ତା ସାଂଗ ସାଥିମାନଙ୍କୁ ସ୍ନେହ କରେ । ସେ ଏକ ମିଶାଣିଆ ପିଲା । ପର ଆପଣା ଭେଦଭେଦ ମନରେ ନାହିଁ । ଖୁସିବାସୀ ହେବା ପାଇଁ କିଏ ମାଲ ପାଣି କେବେ ମାଗିଲେ ଦିଏ । ସେ ଏତଟା କଂଜୁସ ନୁହେଁ । ଗାଁରେ ସେ ଯେତେ ଦିନ ରହିବ ସମସ୍ତେ ତାକୁ ଭଲପାଇବେ । ମଲାଗଲା ସଂସାରରେ କିସ ଅଛି । କିଏ କିସ ଆଣିଛି ଯେ କିଏ କିସ ନେ ବା ସୋମା ମାଳତୀ ପ୍ରେମ କରି ବାହାହୋଇଛି । ଏଥର ସୋମା ମାଳତୀ ପାଇଁ ଏକ ଉପହାର ଆଣିଛି ମୋବାଇଲ ।ସୋମା ଦୂର ବିଦେଶ ଗଲେ ମାଳତୀ ସହ ସୁଖଦୁଃଖ ହେବ । ପିଲାମାନଙ୍କ ଭଲମନ୍ଦ ପଚାରିବ । ସୋମା ତା ସ୍ତ୍ରୀ ପାଇଁ ଢ଼େର ଶାଢ଼ୀ ସାୟା, ବ୍ଲାଉଜ ଆଣିଦେଇଛି । ପୁଅ ଝିଅଙ୍କ ପାଇଁ ଦାମିକା ଡ୍ରେସ ଆଣିଛି । ମାଳତୀ ପାଇଁ ବେକକୁ ସୁନା ମାଳି, କାନକୁ କାନଫୁଲ, ନାକକୁ ନାକ ଚଣା ଆଣିଦେଇଛି । ମାଳତୀ ମନ ଭାରି ଖୁସି । ସତରେ ସୋମା ତାକୁ କେତେ ଭଲପାଏ ।

ମାଳତୀ ପିଲା ବେଳୁ ବାପାମାଆଙ୍କ ସ୍ନେହ ଶ୍ରଦ୍ଧା ପାଇନି । ଯୁବତୀ ହେଲାଯାଏ ସେ କେତେ ଦୁଃଖ କଷ୍ଟରେ ଚଳି ଆସିଛି, ସୋମାର ହାତ ଧରିଲାପରେ ତା ଭାଗ୍ୟ ବଦଳିଗଲା । ମାଳତୀ ନୂଆ ଶାଢ଼ୀ ନୂଆ ଚୁଡ଼ି ନୂଆ ସାୟାବ୍ଲାଉଜ ପିନ୍ଧିବା ସେନା ତେଲ ମୁଣ୍ଡରେ ଲଗାଇ କେଶକୁ ବାନ୍ଧିଲା । ଗଳାରେ ସୁନା ମାଳି, କାନଫୁଲ ନାକଚଣା ନାଇଲା । ମଥାରେ ସିନ୍ଦୂର, କପାଳରେ ସିନ୍ଦୂର ଟୋପା ପାଦରେ ଅଳତା ନାଇଲା । ବଣ ମଲ୍ଲୀ ଫୁଲ ମେଂଚେ କବରୀରେ ଖୋସିଲ । ସମ୍ମୁଖରେ ଦର୍ପଣ । ସତରେ ମାଳତୀ କି ସୁନ୍ଦରୀ ଦିଶିଲା । ମୁରୁକି ମୁରୁକି ହସିଲା । ସୋମା ମାଳତୀର ରୂପ ଦେଖି ବିସ୍ମିତ ହୋଇଗଲା । ବାଃ ମାଳତୀ ସତରେ ସିନେମା ହିରୋଇନ ଠାରୁ କେଉଁ ଗୁଣରେ କମ୍ କି ? ସେ ଏକା ଲୟରେ ଲୋଭେଇ ମାଳତୀକୁ ଚାହିଁଲା । ମାଳତୀ ସୋମାର ଆଖିରେ ଆଖି ମିଶେଇ ଚାହିଁ ପାରିଲା ନାହିଁ । ସେ ଲାଜେଇଗଲା । ମାଳତୀ କହିଲା – ତୁ ମତେ କାଇଟା ଦେଖିସୁ ନି କି ? ସୋମା କହିଲା ଦେଖସି ତୁଇ ଆଜି କାଇ ସୁନ୍ଦ୍ରୀ ଲାଗସି । ଦେହରେ ଟିକେ ସୋମା ମାଳତୀ ଦେହରେ ଗୋଲାପୀ ଅତର ଢ଼ାଳି ଦେଲା । ମାଳତୀ ଦେହ ବାସିଲା ମହ ମହ । ସୋମା ବି ତା ନୂଆ ଜିନ୍ ପେଣ୍ଟ ସାଟ ପିନ୍ଧିଲା । ମାଳତୀକୁ ଆଜି ସଂଜରେ ମାଲକାନଗିରି ସହରକୁ ବୁଲେଇ ନେବ । ବହୁଦିନପରେ ମାଳତୀ ଆଉ ସୋମାର ମିଳନ । ପିଲା ଦି'ଟାକୁ ଜେଜମା ହାତରେ ଧରେଇ ଦେଇ ଦୁହେଁ ଚାଲିଲେ ଗାଁ ଦାଣ୍ଡରେ । ଯିଏ ଦେଖିଲା ଦଣ୍ଡେ ଚାହିଁଲା । ସତେ ସୋମା ଆଉ ମାଳତୀ ରାଧାମାଧବ ଯୋଡ଼ି ।

ସୋମଟା ଆନ୍ଧ୍ର ଯାଇ ଭଲ ପଡ଼ିଗଲା । ଦିପଇସା ରୋଜଗାର କଲା । ମାଇପ ପାଇଁ ସୁନା, ଲୁଗାପଟା ସବୁ କିଣିଲା । ସବୁ ଟୁପୁରଟାପର ହେଲେ । ପତିପତ୍ନୀ ମାଲକାନଗିରିରେ ପହଂଚିଲେ । ମାଳତୀର ଘର କରଣା ଜିନିଷ, ଡାଲି, ଚାଉଳ ଯାହା ମନକୁ ଆସିଲା କିଣିଲା । ସୋମା ହୋଟେଲରେ ମାଳତୀକୁ ପେଟେ ଜଳଖିଆ ଖୁଆଇଲା । ହସଖୁସିରେ ଘରକୁ ଫେରିଲେ ଦୁହେଁ । ମାଳତୀକୁ ସଂସାରଟା ସରଗ ପରି ଲାଗିଲା । ଦିନେ ମାଳତୀ କହିଲା – ଏଇ ମାଟି ଘରଟାରେ ବରଷା ହେଲେ ବଡ଼ ଅସୁବିଧା, ଉପରେ ବରଡ଼ା ପତର ଛାଉଣି, ପାଣି ଗଳୁଛି । ସୋମା କହିଲା – ତୁ ଚିନ୍ତା କରେନା, ମୁଇଁ ତତେ ବିଶଖାପାଟଣା ନେଇଯିବି ତୁଇ ସେଇଟି ରଇବୁ । ମୋର ଗାଁରେ ରହିବାର ଇଚ୍ଛା

ନାହିଁ । ମାଳତୀ କହିଲା – ଭଲ କାତା ଏତେ ତାବୁ କାଇ ମିଳିନାନି ଆଛେ ।

ସୋମା କହିଲା ଡେର ଲାଗେ ମୁଇଁ ସବୁ କରିବି ।

ବର୍ଷାମାସ ସରିଲା । ଗାଁ ସାରା ସବୁଜ ଧାନ କ୍ଷେତର ମାୟା । ଡଂଗର ସାହାଡ଼ ସବୁଠି ସବୁଜ ସୁନ୍ଦର । ଚାଷବାସ ସରିଛି । ମାଳତୀ ପୁଅଟିକୁ କାଖରେ କାଖେଇଛି । ବଡ଼ ଝିଅଟା ଦାଣ୍ଡରେ ଠିଆହୋଇଛି । ସୋମା ବାହାରିଲା ହାତରେ ବ୍ୟାଗ ଖଣ୍ଡିକ ଧରି ବିଶାଖପାଟଣା ଯିବ । କୋଠା ବାଡ଼ି କାମରେ ଶ୍ରମଦାନ କରିବ । ଯାହା ଆଣିଥିଲା ବସି ଖାଇ ସରିବା ଉପରେ । ମାଲିକ ମଧ ତାକୁ ଚାରିପାଂଚ ଥର ଫୋନଫାନ କଲାଣି । ଡେରି କଲେ ଲାଭ କିସ । ସୋମାର ଅନେକ ସ୍ୱପ୍ନ ଅଛି । ତା ପିଲାମାନଙ୍କୁ ପାଠ ପଢ଼ାଇବ । ମାଳତୀକୁ ସହରରେ ରାଣୀ କରି ରଖିବ । ସୋମା ଗାଁରୁ ପାଦ କାଢ଼ିଲା । ପିଲା ଦିଟାକୁ ମାଳତୀ ଧରି ସୋମାକୁ କିଛି ବାଟ ବାଟେଇ ଦେଲା ।

ସୋମା ଟାଟା କଲା ହାତହଲେଇ । ମାଳତୀ ବି ହାତ ହଲେଇଲା । ସୋମାକୁ କହିଲା – ଗଲେ ଫୁନୁ କରିବୁ । ସୋମା ମୁଣ୍ଡ ହଲାଇଲା । ମାଳତୀ ଘରକୁ ଫେରୁ ଫେରୁ ତା ଦୁଇ ଆଖିରେ କେତେବେଳ ଦୁଇ ଧାର ଲୁହ ନିଗିଡ଼ି ଗଲା ସେ ଜାଣିନି । ସୋମା ରାଜମିସ୍ତ୍ରୀ କାମ କରେ । ଦେହ ପା ଭଲ ନଲାଗିଲେ ଟିକେ ଔଷଧ ପାଣି କରେ । ଦିନ ରାତି ଖଟେ । ସୋମା ଏବେ ମାଳତୀକୁ କହିଲା ବ୍ୟାଙ୍କରେ ଖାତା ଖୋଲିବା ପାଇଁ । ମାଳତୀ ବ୍ୟାଙ୍କରେ ଖାତା ଖୋଲିଲା । ସୋମା ପ୍ରତି ମାସରେ ମାଳତୀ ପାଖକୁ ଟଂକା ପଠାଏ । ରାତିରେ ଫୋନ କରି ସୁଖ ଦୁଃଖ ହୁଏ । ବଡ଼ ଝିଅ ବେବି ଚାରିବରଷ ହେଲାଣି । ମାଲକାନଗିରି ଇଂଗିଲିଶ ମିଡ଼ିୟମରେ ନାଁ ଲେଖେଇଲା ମାଳତୀ । ବେବିକକୁ ନିତି ନିତି ଯତନ କରି ଅଟୋରେ ପଠାଏ । ଅଟୋବାଲା ନିତି ନେବା ଆଣିବା କରେ । କେଇମାସ ଭିତରେ ବେବି ଏ.ବି.ସି.ଡ଼ି ଜାଣିଲାଣି । ମାଳତୀ ପାଠ ସିନା ପଢ଼ିନି ହେଲେ ତା ଝିଅର ବହିଖୋଲି ସଂଜରେ ଡିବିରୀ ଲଗାଇ ପଢ଼ାଏ । ଖନି ଖନି ତୁଣ୍ଡରେ ବେବି ଏ ବି ସି ଡି ଡାକେ । ମାଳତୀ ବେବି ଠାରୁ ଜାଣିଲାଣି ଇଂଗିଲିଶ ପାଠ । ମାଳତୀର ମନ ଉଛନ୍ନ ତା ଝିଅ ଇଂଗିଲିଶ ପଢୁଛି । ଠିକ୍ ସମୟରେ ମାସକୁ ମାସ ଇସ୍କୁଲ ପଇସାଟା ବାନ୍ଧି ଦେଉଛି ମାଳତୀ । ଅଟୋ ପଇସା ଦେଇ ଦେଉଛି । ବେବିକୁ ଟିଫିନ ଡବା ଦେଇ ଅଟୋରେ ବସାଇ ଟାଟା କରୁଛି ।

ମାଳତୀ ଏବେ ରାଣୀ । ଦିନକୁ ଦିନ ଭିନ୍ନ ଭିନ୍ନ ନୂଆ ଶାଢ଼ି ପିନ୍ଧେ । ଦେହକୁ ସଜାଏ । ମୁହଁରେ ବାସେନା ପାଉଡ଼ର ମାଖେ । ଗାଁ ଦାଣ୍ଡରେ ଗଲାବେଳେ ଟୋକାଙ୍କ ନଜର ଟିକେ ପଡ଼େ । ଚିକ୍କଣ ଚାକ୍କଣ ଉଦିଆ ଜହ୍ନପରି ମାଳତୀର ମୁହଁ । ଟିକେ ହସିଦେଲେ ମନଟା ଟାଣି ହୋଇଯାଏ ତା ଆଡ଼କୁ । ଦିଅର ଭାଉଜ ଥଟ୍ଟା କରୁ କରୁ କେଉଁ ଦିଅର କହିପକାଏ..ତୁମେ କି ସୁନ୍ଦର ଦିଶୁଛ ଆଛେ । ମାଳତୀ ହସିଦିଏ ..କିଛି କହେନା । ମାଳତୀ ଟିକେ ଗହମ ରଂଗର ତନୁ ପାତଳୀ ଝିଅ । ଗୋଲମୁହଁ । ଟିକେ ହସୁରୀ ଆଉ ଟିକେ ଲାଜେଇ । ପୁନେଇ ପରବରେ ଧାଂଗିଡ଼ୀମେଳରେ ଢ଼େମସା ନାଚେ । ଭଲ ସୁରିଲା କଣ୍ଠରେ ଗୀତଗାଏ । ଏମିତି ଖୁସିବାସୀରେ ଦିନ ବିତେ । ମାଳତୀ ରନ୍ଧା ବଢ଼ା କରି ଘରେ ରହେ । ପିଲାଂକ ଯତ୍ନନିଏ । ବାହାରକୁ ପାଇଟି କରିବାକୁ ଯାଏନି । ସୋମା ମନା କରିଛି । ସେ ତ ବିଦେଶ ଯାଇ ମୁଠା ମୁଠା ଟଂକା ଅର୍ଜୁଛି ମାଳତୀ କାଇଁ ଖରା ତରାରେ ଖଟିବ ତା ଗୋରା ଦିହଟା କଳା ପଡ଼ିଯିବ ଯେ । ଆଦିବାସୀ ସମାଜରେ ଟିକେ ଭିନ୍ନ ପରମ୍ପରା ଅଛି । ଘରର ମୁରବୀ ସ୍ତ୍ରୀ ହୋଇଥାଏ । ଆଉ ପୁରୁଷ ଅପେକ୍ଷା ସ୍ତ୍ରୀ ବୟସରେ ବଡ଼ ହୋଇଥାଏ । ଘର ଚଳେଇବା ନାରୀ ଉପରେ ଗୁରୁ ଦାୟିତ୍ୱ । ସ୍ୱାମୀ ଘରେ ବସି ଛୁଆର ଯତ୍ନ ନେବ । ସ୍ତ୍ରୀ ବିଲ ବାଡ଼ି କୁଲି ଭୁତି ଖଟିବ । ମାଇପ ରୋଜଗାର କଲେ ଘଇତା ବସି ଖାଇବ । ଏବେ ବି କୋୟା ଝିଅମାନେ ଅଣ୍ଟାରେ କାନିକୁ ଭିଡ଼ି ଜମିରେ ହଳ କରିବା ଦେଖିବାକୁ ମିଳେ । କୋୟା ମହିଳାମାନେ ଖୁବ ପରିଶ୍ରମୀ । ଘରେ ପାଂଗୁଆରେ ବସନ୍ତି ନାହିଁ । ଦିନସାରା ବାର ପାଇଟି କରନ୍ତି । କିନ୍ତୁ ସୋମା ମନା କରିବାରୁ ମାଳତୀ ବାହାରେ ପାଇଟି ପତରକୁ ଯାଏନି । ତାଂକ ସାହି ପଡ଼ିଶା କାମ କରିବାକୁ ଯାଆନ୍ତି । ବଣ ବୁଦା ଯାଇ ଫଳମୂଳ, ଘାଷ, କାଠ ଆଣନ୍ତି । ମାଳତୀକୁ ସାଂଗ କରନ୍ତି । କିନ୍ତୁ

ମାଳତୀ ମନା କରେ । ସେ କୁଆଡ଼େ ଯିବନି । ସୋମା ଜାଣିଲେ ରିଷା ହେବ । ଏମିତିରେ ମାଳତୀର କି ଅଭାବ ଯେ ? ସୋମାତ ଟଙ୍କା ବ୍ୟାଙ୍କରେ ପଠାଉଛି । ମାଳତୀ ସବୁ ମାସରେ ବ୍ୟାଙ୍କକୁ ଯାଇ ଟଂକା ଆଣି ଖରଚ କରୁଛି । ଏବେ ମାଳତୀ ପାଖରେ ଗୁଡ଼ା ଟଂକା ହେଲାଣି । କେତେ ହେବ କେଜାଣି ତାକୁ କୋଉ ଗଣିବା ବୁଝୁଛି ନା କିସ । ଦଶ ଟଂକା କୋଡ଼ିଏ ଟଂକା ପଚାଶ ଟଂକା ଶହେ ଟଂକା ଚିହ୍ନିଛି । ବାକି ଜାଣିନି ହିସାବ ନିକାସ । ହବ ପଚାଶ କି ଷାଠିଏ ହଜାର । ସୋମା ଘରକୁ ଆସିଲେ ଗଣିବ । ମାଳତୀ ବି ସୋମା ପରି ସ୍ୱପ୍ନ ଦେଖେ । ଭାବେ ଗାଁରେ ରହିବନି । ଗାଁରେ କାଇଟା ଅଛି । ସେ ବି ସୋମା ସହିତ ସହରରେ ରହିବ । ସେଠି ପିଲାମାନଙ୍କୁ ଇଂଗିଲିଶି ସ୍କୁଲରେ ପାଠ ପଢ଼ାଇ ପିଲା ଦିଟାକୁ ମଣିଷ କରେଇବ । ଏକା ଏକା ଯୁବତୀ ମାଇପିଟା ଘରେ ବସି ବସି ବିଜାର ଲାଗିଲାଣି । ସୋମାର ଯତନ ନେବାକୁ ପରଦେଶରେ କିଏ ଅଛି ? ଏଥର ସୋମା ଗାଁକୁ ଆସିଲେ କହିବ ସେ ତା ଛୁଆପିଲାକୁ ଧରି ସହରକୁ ନେବ ।

ହଠାତଦିନେ ସୋମାକୁ ଜର ହେଲା । ଦେହ ଥରି ଯନ୍ତ୍ରଣା ହେଲା । କାଶହେଲା । ମୁଣ୍ଡ ବଥା ହେଲା ଶେଯରେ ପଡ଼ି ରହିଲା ।ସବୁଦିନେ ନିଜେ ରନ୍ଧାବଢ଼ା କରି ଖାଏ । ସେତିକି ବି କରିପାରିଲାନାହିଁ । ଭାରି କଷ୍ଟ ହେଲା । ଗୋଡ଼ ଥରୁଛି ଉଠିଲେ । ଜରଟା ତିନିଚାରିଦିନ ହେଲା ହେଲାଣି । ପାଖ଼ ଔଷଧ ଦୋକାନରୁ ଜର ବଟିକା ଆଣି ଖାଇଛି । ତଥାପି ଜରଟା ଛାଡୁନି । ବଟିକା ଖାଇଲାପରେ ଟିକେ ଟିକେ କମୁଛି ପୁଣି ଯୋଉଟାକୁ ସେଇଟା ହଉଚି । ଡାକତରକୁ ଦେଖେଇଲା ଗୁଡ଼ାଏ ଟେଷ୍ଟଫେଷ୍ଟ କରି ଔଷଧ ଲେଖିଦେଲା । ଡାକତର କହିଲା – କାମ ନକରି ଘରେ ବିଶ୍ରାମ ନେବାକୁ । ସୋମା କାମ ନକରି ଘରେ ବସିଲା । ଓଷ ଠିକ୍ ସମୟରେ ଖାଇଲା । ଦେହଟା ପନ୍ଦରଦିନପରେ ଟିକେ ଉଣାହେଲା । ତଥାପି କାଶଟା ଲାଗିରହୁଛି । ଖିଆପିଆ ଭଲ ନାଇଁ । ସେବା କରିବାକୁ ପରଦେଶୀ ଜାଗାରେ କିଏ ଅଛି ? ମାଳତୀଟି ଥିଲେ ପାଖରେ ସିନା ତା ସେବା କରିଥାନ୍ତା । ସେ ତ ଗାଁରେ । ସୋମା ବାରକଥା ଭାବେ । ମାଳତୀ ଆଉ ତା ଛୁଆପିଲାଙ୍କ କଥା ମନେପଡ଼େ । ରାତିରେ ପ୍ରବଳ କାଶ ପାଇଁ ଶୋଇ ପାରେନା । ନିରୂପାୟ ପାଖରେ ମଦ ବୋତଲଟା ଅଛି । ଢ଼ୋକେ ମାରିଦେଲା ସୋମା । ଭାରି ଆରାମ ଲାଗିଲା । ଶୋଇଗଲା ନିଦରେ । ସୋମା ଘରେ ବିଦେଶୀ ମାଲ ପାଣିରଖେ । ଯେଉଁଦିନ ବେଶୀ ଖଟଣି ମୁନ୍ଦେ ନାଲି ପାଣି କୁକୁଡ଼ା ମାଉଁସ ଚାଖେଣା ସହ ମାରିଦିଏ । ଏମିତିରେ ସେ ଆଦିବାସୀ କୂଳରେ ଜନ୍ମ । ମଦ ପିଇବା କେଉଁ ପରମ୍ପରା ଗତ ଅଭ୍ୟାସ । ମଦ ନପିଇଲେ ସେ ଆଦିବାସୀରେ ଗଣାନାହିଁ । ଏଇଟା ଗୋଟିଏ ଚାଲି ଚଳଣିର ଅଂଗ । ତଥାପି ସୋମା ପ୍ରେଷ୍ଟିଜ ଅଛି ବୋଲି ସେ ଭାବେ । ସୋମା ପାଠପଢ଼ି ନପାରେ । କିନ୍ତୁ ଚାଲାକ ଅଛି । ସହରରେ ବଡ଼ ବଡ଼ ବାବୁଠାରୁ ଢ଼େର କଥା ଶିଖିଛି । ମାସେ ହେଲା କାମ ଧାମ ନାହିଁ । ମାଲିକ ଲୋକ ପଠାଇଡାକିଲା ସୋମାକୁ । ସୋମା ମନା କଲା । ଦେହ ଦୁର୍ବଳ । ବଳବପୁ ଥିଲେ ସିନା ଖୋଯିବ । ଏଣେ କାଶଟା ଛାଡୁନି । ଔଷଟା କିଛି କାମ କରୁନି ବୋଲି ସୋମା ବିଦେଶୀ ପାଣି ମୁନ୍ଦେ ନ ପିଇଲେ ରାତିରେ ଆଖି ପତା ପଡ଼େନି । ପାଖରେ ଯାହା ଥିଲା ଓଷ ପାଣିରେ ସରିଲା । ଏଥର ଭାବିଲା ଗାଁକୁ ପଳେଇଯିବ । ଦେହ ଭଲ ହେଲେ ପୁଣି ଆସିବ ।

ମାଲିକକୁ କିଛି ବାଟଖର୍ଚ୍ଚ ମାଗି ସୋମା ଗାଁକୁ ଆସିଲା । ଚାଲି ପାରୁନି । ଦେହ ଆଗ ଭଳି ତେଜ ନାହିଁ । ଶୁଖିଲା ଡାଂଗ । ପେଣ୍ଟ ସାଟ ମଇଳା । ହାତରେ ଖଣ୍ଡେ ଝୁଲାମୁଣି । ସେଥିରେ ସୋମାର ପୁରୁଣା ପୋଷାକ ପତ୍ର କେଇହଳ । ମାଳତୀ ଫୁନକରି ସବୁ ଜାଣିଛି । ସୋମାର ଦେହ ଭଲ ନାଇଁ । ସେ ଗାଁକୁ ଆସିବାକୁ ବାରମ୍ବାର ଡାକିଛି । ତଥାପି ସୋମାରଦେହ ଭଲ ହେଲେ କାମ କରିବା ଆଶାରେ କଷ୍ଟ ସହି ସେଠାରେ ପଡ଼ିରହିଛି । ସୋମା ଆଉ ପାରିଲା ନାହିଁ । ମାସେ ଦେଢ଼ମାସରେ ଦେହଟା କଂକାଳ ହୋଇଗଲା । ହିରୋ ପରି ଚେହେରା ଥିଲା । ଗାଁ ଟୋକାମାନେ ତାକୁ ଚିରଞ୍ଜିବୀ ବୋଲି ଡାକୁଥିଲେ । ତା ନାଁ ଧରି ଡାକୁ ନଥିଲେ । ସମୟ ବଦଳି ଗଲା । ମାଳତୀର ସୁଖର ସଂସାରରେ ନିଆଁ ଲାଗିଗଲା । ସୋମାକୁ ଦେଖି କଇଁ କଇଁ କାନ୍ଦି ପକାଇଲା । ପଣତ କାନିରେ ସୋମାର ଶୁଖିଲା ମୁହଁଟାକୁ ବିକଳେ ପୋଛି ପକାଇଲା ।

ସୋମାର ବି ଆଖିରେ ଲୁହ ଭରା ଦୁଇଟୋପା ଲୁହ ଝରି ଗଣ୍ଡ ମଣ୍ଡଳ ଓଦା ହୋଇଗଲା । ମାଳତୀ ଯେମିତି ହେଲେ ବି ସୋମାକୁ ଭଲ କରିବ । ତା ପାଇଁ କୁଲି ମଜୁରୀ ଲାଗିବ । ମନେ ମନେ ସୋମାର ଦେହ ଭଲ କରିବା ପାଇଁ ମାଉଳୀ ମାଆ ଦେବାକୁ ସୁମରଣା କଲା । ସୋମାକୁ ଭଲ କରିଦେଲେ ମାଆ ପାଖରେ ପାଂଚଟା ନାଲି କୁକୁଡ଼ା ବଳୀ ଦେବ । ମାନ୍ୟମକୋଣ୍ଡର ପ୍ରତ୍ୟକ୍ଷଦେବୀ ମୁଣ୍ଡାଲୁମ୍ବା । ଠାକୁରାଣୀକୁ ମଧ୍ୟ ମାନସିକ କଲା । ମାଆ ସୋମାକୁ ଭଲ କରିଦେ ବୋଲି ଜୁହାର ହେଲା । ଆଇଲା ବରଷକୁ ଗୁଟେ କାଳିଆ ନିଖୁଣ ବୁଦା ଛେଦ ପକାଇବ ବୋଲି ସଂକଳ୍ପ କଲା । ସୋମା ଦେହ ଦିନକୁ ଦିନ ଖରାପ ହେବାରୁ ତୁରନ୍ତ ମାଳତୀ ସୋମାକୁ ମାଲକାନଗିରି ହସପିଟାଲକୁ ଅଟୋରିକ୍ସାରେ ନେଲା । କଫ ପରୀକ୍ଷା, ରକ୍ତ ପରୀକ୍ଷା, ଛାତିର ଫଟୋ କାଢ଼ିଲା । ଡାକ୍ତର କହିଲା ସୋମାକୁ ଯକ୍ଷ୍ମା ହୋଇଛି । ଓଷ ଖାଇଲେ ଧୀରେ ଧୀରେ ଭଲ ହୋଇଯିବ ବୋଲି ଡାକ୍ତର ଆଶା ଭରସା ଦେଲେ । ମାଳତୀ କହିଲା – ଡାକତର ଆଜ୍ଞା କଡ଼ା କଡ଼ା ଇଂଜିସିନି ଦିଅ, ଭଲ ଭଲ ଓଷ ନେଖ ଯାହା ଖରଚ ହେଉ ପଛେ ମୋ ସୋମାକୁ ଭଲ କରିଦିଅ ମହାପ୍ରୁ । ମାଳତୀ କଥାରେ ଡାକ୍ତରବାବୁ ଭଲ ଓଷ ଲେଖିଲେ । ଏ ଭିତରେ ଛଅମାସ ବିତି ଗଲାଣି । ସୋମା ଭଲ ହେବାର ନାଇଁ । ମାଳତୀ ବିଚାର କଲା କୋରାପୁଟ ବଡ଼ ମେଡ଼ିକାଲକୁ ନେବ । ଖଟ ଜଇନି କରି ପୁରା ପୁରି ଭଲ ହେଲେ ଆସିବ । ପାଖରେ କିଛି ଟଂକା ଥିଲା । ସୁନା ଗହଣା ବିକି ଆଉ କିଛି ଡାବୁ ଯୋଗାଡ଼ କଲା । ଯାଇଥିଲା ଡାବୁ ଡୁବା ସବୁ ସୋମା ମୂଳେ ଖର୍ଚ୍ଚ । ପ୍ରାଣପଣେ ଲାଗିଛି ମାଳତୀ ସୋମାକୁ ମରଣ ମୁହଁରୁ ଟାଣି ଆଣିବ । ବଡ଼ ଛିଅ ବେବିକୁ ତା ଜେଜେ ମାଆ ପାଖରେ ରଖି ସୋମାକୁ ଧରି ବାହାରିପଡ଼ିଲା କୋରାପୁଟ । ସେଠିଥିବା ବଡ଼ ମେଡ଼ିକଲରେ ଜଇନି କଲା । ସାନ ପୁଅଟାକୁ ପାଖରେ ଧରି ସେବା କଲା ମାଳତୀ । ତାକୁ ଟେକା ଥୁଆ କଲା । ଝାଡ଼ା ପରିସ୍ରା ସଫା କଲା । ଓଷପତ୍ର ବାହାରୁ କିଣି ଦେଲା । ରାତିଦିନ ସୋମା ପାଖରେ ଜଗି ବସିଲା । ଡାକତରକୁ ବାରମ୍ବାର ପଚାରିଲା – ମୋ ସୋମା ଭଲ ହେଇଯିବ କି ବାବୁ । ଡାକତର ସବୁବେଳେ ଛୋଟିଆ ହଁଟା ମାରି ଚାଲିଯାଏ । ମନରେ ଭରସା ଆସେ ମାଳତୀର ଡାକତରବାବୁର ଛୋଟିଆ ହଁଟିଏ ଶୁଣି ।

ଏଣେ ବେବିର ପାଠପଢ଼ା ବନ୍ଦ । ଇଂଗିଲିଶ ପାଠ । ମାସକୁ ମାସ ଡାବୁ ନଦେଲେ ଇସ୍କୁଲ କେମିତି ଯିବ । ମାଳତୀ ପାଠ ଝିଅକୁ ପଢ଼ାଇବ ନା ସୋମାକୁ ଦେଖିବ । କେତେ ଦିନ ଗଲା ସେ ଦିନ ରଇବାର ରଇବାରୀ ଚାଳରେ ସକାଳୁ ସକାଳୁ କାଉଟା କା..କା ହେଉଥା, । ରଇବାରୀର ପଛରେ ପଛରେ ରାବୁଛି । ରବିବାରୀରୁ କାଉର ଏପରି ଲକ୍ଷଣ କିଛି ଅବୁଝା ଅବୁଝା ଲାଗୁଥାଇ । କିଛି ଅଶୁଭ ସଂକେତ ବୋଲି ଭାବିଲା ସେ ବୁଢ଼ି ହେଲାଣି । ବୁଢ଼ାର ହାତଗୋଡ଼ ପଂଗୁ ବୋଲି ବୁଢ଼ି ମଣିଷଟା ଖଟୁଛି । କେତେବେଳେ ନଈ ଗାଡ଼ିଆରୁ ସୁନୁସୁନିଆ ଶାଗ, ମଦରଂଗ ଶାଗ, ଲେଉଟିଆ, କଳମ ଶାଗ ତୋଳି ହାଟରେ ବିକି ଦିପଇସା ଆଣି ଜାଉ ତୋରାଣି କରି ଚଳେ । ଏବେ ବୁଢ଼ା ବୁଢ଼ିକୁ କିଏ ପୋଷିବ । ସୋମାର ଦେହ ଖରାପ ସେ ଘର ଚଳଉଥିଲା । ସେ ଏବେ ବଡ଼ କାଇଲାରେ ପଡ଼ିଛି । ମାଆ ରଇବାରୀ ବୁଢ଼ି ଠାକୁରାଣୀକୁ ଡାକିଲା ତା ପୁଅ ସୋମାକୁ ଭଲକରି ଦେଏ ମାଆ ବେଳି । ସଂଜ ବୁଡ଼ିବାକୁ ଦି'ଘଡ଼ି ବାକି ଗୌଡ଼ଗୁଡ଼ାରେ ପହଁଚିଲା ସ୍ୱର୍ଗ ରଥ । ଗାଁଲୋକେ ସ୍ୱର୍ଗରଥ ଦେଖି ଛାନିଆ । ସତରେ କାହାର କ'ଣ ହେଲା ? ଚାହୁଁ ଚାହୁଁ ଗାଡ଼ିଟା ଲାଗିଲା ଶୁକ୍ରାର ଦାଣ୍ଡଦୁଆରେ । ସାଇ ଭାଇ ରୁଣ୍ଡ ହେଲେ ସେଠାରେ । ମାଳତୀ ଗାଡ଼ିରୁ କୋଳପୋଛା ପୁଅଟାକୁ କାଖେଇ ଓହ୍ଲାଇପଡ଼ିଲା ଗାଡ଼ିରୁ । ଭୋ ଭୋ ହୋଇ ଅତି ବିକଳରେ କାନ୍ଦି ପକାଇଲା । ତା ସଂସାର ଉଛନ ହେଇଗଲା । ତା ସୁନା ସଂସାରରେ ନିଆଁ ଲାଗିଗଲା । ସେ ସୋମାକୁ ବଂଚେଇ ପାରିଲାନି । ତା ଡାକ ମାଆ ମାଉଳୀ ମା ମୁଣ୍ଡାଲୁମ୍ବା ଶୁଣିଲେ ନାହିଁ । ଭୂଇଁରେ ବାଡ଼େଇ ପିଟି ହୋଇ କାନ୍ଦିଲା । ସେ ବେସାହାର ହୋଇ ଗଲା । ଶବକୁ କାଢ଼ିଲେ ଗାଡ଼ିରୁ । ଧୀରେଧୀରେ ମଡ଼ା ଛାଡ଼ି ଦେଇ ସ୍ୱର୍ଗରଥ ଚାଲିଗଲା କୋରାପୁଟ ଅଭିମୁଖେ । ସାଇ ଭାଇମାନେ ସୋମାକୁ କାନ୍ଧେଇ ମଶାଣିରେ ଦାହ କରି ଆସିଲେ । ଶୁଦ୍ଧି କ୍ରିୟା କୋୟା ସମାଜର ରୀତି ନୀତି ଅନୁସାରେ ହେଲା । ମାଳତୀ ଧାରକରଜ କରି ହାଣ୍ଡିକଲା ।

ବିଧବା ହୋଇଗଲା ମାଳତୀ । ସବୁଦିନ ପାଇଁ ଏକା କରି ଚାଲିଗଲା ସୋମା । ସବୁ ସ୍ୱପ୍ନ ପାଣିଫୋଟକା ପରି ମିଳେଇଗଲା । ଆଜି ପରି ସୋମାର ମୁହଁଟା ନାଚି ଉଠେ ମାଳତୀ ଆଖିରେ । ସୋମା ତାକୁ କେତେ ଭଲ ପାଉଥିଲା । ରାଣୀ କରି ରଖିଥିଲା । ଏବେ ମାଳତୀ ଦାଣ୍ଡର ଭିକାରୁଣୀ । ବିଧବା ଆଉ ନାହିଁ ଦେହରେ ନୂଆ ଶାଢ଼ି କି ହାତରେ ଦୁଇମୁଠା ଚୁଡ଼ି । ସବୁ ଦିନପାଇଁ କପାଳରୁ ଲିଭିଗଲା ସିନ୍ଦୂର । ମୁହଁ ଲୁଚେଇ ଲୁଚେଇ କାନ୍ଦେ । ଘରେ ଚାଉଳ ଦି'ମୁଠା ନାହିଁ । ଏବେ ସେ କୁଲି ଭୁତି କରିବାକୁ ବାହାରି ପଡ଼େ ବାହାରକୁ । ବାର ପାଇଟି କରେ । ଆଗପରି ସେ ମାଳତୀ ନାଇଁ । ତା ଗହମ ଗୋରା ଦେହଟା କଳା କାଠ ପଡ଼ି ଗଲାଣି । ଖରା ତରାରେ ବୁଲି ବୁଲି ପିଲା ଦି'ଟା ମୁହଁରେ କିଛି ଖାଇବାକୁ ଦେବ ।

ଶାଶୁ ରଇବାରୀ ପୁଅ ସୋମା ମଲାପରେ ଉଦାସ । ବୋହୁକୁ ଭଲପାଏନି । ସବୁ ବେଳେ ଗରଗର । ଏ କେଇଦିନ ହେଲା ତାକୁ ଘରୁ ଅଲଗା କରି ଦେଲାଣି । ମାଳତୀ ତା ପୁଅଝିଅକୁ ଧରି ଅଲଗା ରହେ । ଯାହା ଯେଉଁଠି ମିଳିଲା ପାଇଟିକରି ଏକ ରକମ ଚଳେ । ବରଷେ ଛଅ ମାସଗଲା । ଜୀବନ ଯୁଦ୍ଧରେ ହାରିଗଲା ମାଳତୀ । ସବୁଦିନ କେଉଁଠି କାମ ମିଳୁଛି । ପିଲାମାନଙ୍କୁ ଭାତ ମୁଠେ ଯୋଗାଡ଼ କରିବା କାଠିକର ପାଠ ହେଲା । ପିଲାମାନେ ଖାଇବା ପାଇଁ ସଦାସର୍ବଦା ଅଳି ଅର୍ଦ୍ଦଳି କରନ୍ତି । ସେମାନଙ୍କୁ କେତେ ବୁଝାଇ ଭୋକିଲା ପେଟରେ ଶୁଆଇବ । ଖୁବ୍‌କାନ୍ଦିଲା ମାଳତୀ । ଅତି ଚିତ୍କାର କରି କାନ୍ଦିଲା । ସୋମାକୁ ମନେ ପକାଇ ପକାଇ କୋହ ଭରା କଣ୍ଠରେ ବାହୁନି ବାହୁନି କାନ୍ଦିଲା । ସାଇ ପଡ଼ିଶା ମାଇକିନାମାନେ ମାଳତୀକୁ ତୁନେଇଲେ । ବହୁତ ବୁଝେଇଲେ । କ'ଣ କରିବ । କପାଳ ଲିଖନ କେ କରିବ ଆନ କହିଲେ । କିଛି ବୁଝିଲାନି ମାଳତୀ । ସତରେ ତା' କପାଳ ଫଟା । ପିଲା ବେଳୁ ବାପା ମାଆ ହରାଇଲା । ଏବେ ଯୌବନରେ ସ୍ୱାମୀକୁ । ସବୁ ସୁଖ ତାର ପୋଡ଼ିଜଳି ଛାରଖାର ହୋଇଗଲା । କାହାକୁ ଆଶ୍ରାକରି ଜୀବନ ଧରିବ । ସେ ହାରିଗଲା । ତା ମେରୁଦଣ୍ଡ ସବୁଦିନ ପାଇଁ ଭାଂଗିଗଲା । ସେ ଦିନ ସଂଧ୍ୟା ରତ ରତ । ମାଳତୀର ପିଲାଦୁଇଟା କାନ୍ଦି ଉଛାଳ କରି ପିଣ୍ଡାରେ ଛଟପଟ ହେଉଛନ୍ତି । କାହାର ପାଟି ଫିଟୁନି । କେତେ ଜଣ ଘରକୁ ଗଲେ । ମାଳତୀ ଚେତା ଶୂନ୍ୟ ହୋଇ ଘର କୋଣେ ପଡ଼ିଛି । ଲୋକମାନଙ୍କୁ ବୁଝିବା ପାଇଁ କିଛି ଅସୁବିଧା ହେଲାନି । ମାଳତୀ ବିଷ ପାନ କରିଛି । ପିଲା ଦି'ଟାକୁ ବିଷ ଦେଇ ଦେଇଛି । କିଛି ଲୋକ ମାଆ ପୁଅ ଝିଅ ତିନି ଜଣକୁ ମାଲକାନଗିରି ହସପିଟାଲକୁ ନେଲେ । ମାଳତୀ ସେଠାରେ ଆଖି ବୁଜି ଦେଲା ସବୁଦିନ ପାଇଁ । ପୁଅ ଝିଅର ଦୁଇ ତିନିଦିନ ପରେ ଚେତା ଫେରି ଆସିଲା । ସାତ ଦିନ ପରେ ଭଲହୋଇ ଜେଜେମା ପାଖକୁ ଫେରି ଆସିଲେ । ମାଆକୁ ଖୋଜିଲେ । ବେବି କହିଲା ମୋ ମାଆ କାଇଁ । ମତେ ମାଆ ଦରକାର । ରଇବାରୀ ପିଲା ଦୁଇଟାକୁ କୋଳରେ ଧରି ଭୋ ଭୋ ହୋଇ କାନ୍ଦିଲା । ଜେଜେମା ପାଟିରୁ କିଛି ଉତର ବାହାରିଲା ନାହିଁ ।

ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି ।

# ସୁଯୋଗ୍ୟ ସନ୍ତାନ

- ସରୋଜ କୁମାର ଜେନା

କରୋନା ମହାମାରୀ ଭିତରେ ଖାଲି ମଣିଷ ହନ୍ତସନ୍ତ । ଲକ୍ ଡାଉନ୍ ସଟ୍ ଡାଉନ୍ ହାଇ ହୋଇ ଦୋକାନ ବଜାର ପୁରା ବନ୍ଦ । ଖାଦ୍ୟ ରାନ୍ଧିବା ପାଇଁ ପନିପରିବା କିଛି ନଥାଏ । ଏମିତିରେ ସାପ୍ତାହିକ ହାଟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ।

ପ୍ରଶାସନ ବନ୍ଦ କରିଥିଲା ମହାମାରୀ କରୋନା ଗୋଷ୍ଠୀ ସଂକ୍ରମଣ ନହେବା ପାଇଁ । ଅଚାନକ ଗୋଟିଏ ଦିନ ଗଣିଆ ହାଟ ଫିଟି ଥିଲା । ମୁଁ ସକାଳୁ ଗୋଟିଏ ସାଇକେଲ ଧରି ବାହାରିପଡ଼ିଲି କିଛି ପରିବା ଆଣିବା ପାଇଁ ଆମ ହଟିଆ ପଲ୍ଲୀ ଗ୍ରାମଠାରୁ ଗଣିଆ ହାଟର ଦୂରତ୍ୱ ପ୍ରାୟ ୭ କିମି । ଧୀରେଧୀରେ ସାଇକେଲ ଧରି ଯାଇ ପହଞ୍ଚିଲି ଗଣିଆହାଟରେ । ହାଟ ଭଲରେ ବୁଲା ବୁଲି କରି ସାରି ବାଇଗଣ କିଣିବା ପାଇଁ ମୁଁ ଚାହୁଁଥାଏ । ଠିକ୍ ଏହି ସମୟରେ ମୋ କାନରେ ପଡ଼ିଲା ନେଇ ଯାଅନ୍ତୁ କଣ୍ଟେଇ ମୁଣ୍ଡି ବାଇଗଣ କିଲୋ ୨୦ ଆସ ଆସ । ଏହା ଶୁଣି ମୁଁ ଯାଇ ପହଂଚିଲି ସେହି ସ୍ଥାନରେ । ଯାହା ଦେଖତେ ଦୁଇ କୁନି ପୁଅ ବାଇଗଣ ବିକ୍ରି କରୁଥାନ୍ତି । ମୋତେ ଦେଖି ତାଙ୍କ ଭିତରୁ ଜଣେ କହିଲା ବାବୁ ବାବୁ ନିଅନ୍ତୁ ଭଲ ବାଇଗଣ । ଜଣେ ତାଙ୍କ ଭିତରୁ ଠିଆହୋଇ ଲୋକଙ୍କୁ ଡାକୁଥାଏ । ଆଉ ଜଣେ କିଲୋପଲା ଧରି ବସିଥାଏ । ମୁଁ ବାଇଗଣ ବାଛି ଥୋଉଥାଏ । କିନ୍ତୁ ମନୋରମୋର କିଛି ପ୍ରଶ୍ନ ଉଙ୍କି ମାରିଲା । ସେଠୁ ପଚାରିଲି ପୁଅ ତୁମ ଘର କେଉଁଠି । ଉଭୟ କହିଲେ ବାବୁ ଆମ ଘର ନଦୀ ସେପାଖେ ବାଗଧରିଆ । ପୁଣି ମୁଁ ପଚାରିଲି ଏହି ବୟସରେ ତୁମେ କ'ଣ ଦୁଇ ଭାଇ ପାଠ ପଢୁନ । ଠିକ୍ ଏତିକି ପଚାରିଲା ଭିତରେ ବସିଥିବା ପିଲାଟି କାନ୍ଦିବାକୁ ଲାଗିଲା । ମୁଁ ସେଠୁ ତାର ଭାଇକୁ ପଚାରିଲି ଆରେ ବାବୁ ସେ କାନ୍ଦିଲା କ'ଣ ପାଇଁ ? କଥା କଣ ମୁଁ ବୁଝିପାରୁନଥାଏ କିନ୍ତୁ ପଚାରିଲି ଆରେ ତୁମ ନାମ କ'ଣ ଦୁଇ ଜଣଙ୍କର । ମୋତେ ଠିଆ ହୋଇଥିବା ପୁଅ କହିଲା ବାବୁ ମୋ ନାମ ବଳିଆ ଆମ ପୁଅ ନାମ କାଳିଆ । ଏମିତିରେ ତାଙ୍କର ପରିବା ବହୁତ ଗଦା ହୋଇଥାଏ ବହୁତ କାକୁତି ମିନତୀ ହୋଇ ଲୋକଙ୍କୁ ଡାକୁଥାନ୍ତି ପରିବା ନେଇଯାଅ ।

କିଛି କିଛି ଆସି ନେଉଥାନ୍ତି ଆଉ କିଛି ଫେରି ପଳାଉଥିଲେ ।

ଏମିତିରେ ସମୟ ଆସି ୧୨ଟା ହେବା ଉପରେ । ମୁଁ ତାଙ୍କୁ ପଚାରିଲି ଆରେ ବାବୁମାନେ ତୁମେ କେମିତି ଯିବ ଗାଁକୁ । ତୁମର ତ ବେପାର ସରିନି । କେଉଁଥିରେ ଆସିଛ । ଏତିକି କହିଲା ଭିତରେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ଆସି ପହଂଚିଲେ ଆଉ ତାଙ୍କୁ କହିଲେ ଆରେ ଘରକୁ ଯିବାଚାଲ ।

ସେ ଦୁହେଁ କହିଲେ କ'ଣ କରିବୁ ଆଜି ବେପାର ଭଲରେ ହେଲାନି ଭାରି ମନ ଦୁଃଖ । ଉଭୟ ଭାଇ ଭାରି ମନ ଦୁଃଖରେ କାନ୍ଦିଲେ । ମୁଁ ଅସଲ କଥା କ'ଣ କିଛି ବୁଝି ପାରୁନଥାଏ । ସେଠୁ ସେ ବୟସ୍କ ବ୍ୟକ୍ତିଙ୍କୁ ପଚାରିଲି ଆଜ୍ଞା ଏମାନେ ଆପଣଙ୍କର କ'ଣ ହେବେ ଆଉ ଏମିତି କାନ୍ଦୁଛନ୍ତି କ'ଣ ପାଇଁ । ଏତେ ସ୍ୱଳ୍ପ ବୟସରୁ ପାଠ ପଢ଼ା ନକରି ବେପାର କରୁଛନ୍ତି କଥା କ'ଣ ଟିକିଏ କହିବେ କି ? ଏପଟେ ପିଲା ଦୁଇଜଣ ଭୋକ ହେଲାଣି ବୋଲି ରାଘବ ଦାଦଦାକୁ କହିଲେ । ରାଘବ ନାମ ହେଉଛି ସେହି ବୟସ୍କ ଲୋକଙ୍କର ନାମ । ସେଠୁ ରାଘବ ବାବୁ ତାଙ୍କୁ କହିଲେ ହଉ ଯାଅ ଦୋକାନରୁ ଜଳଖିଆ ଖାଇ ଆସିଲେ ଘରକୁ ଯିବା । ତାପରେ ବଳିଆ ଆଉ କାଳିଆ ଖାଇବାକୁ ଗଲେ । କିନ୍ତୁ ମୁଁ ସେ ପର୍ଯ୍ୟନ୍ତ ଅସଲ କଥା ବୁଝିବା ପାଇଁ ସେଠି ସେମିତି ଠିଆ ହୋଇଥାଏ ।ସେଠୁ ସେ ରାଘବ ବାବୁଙ୍କୁ ପୁନଶ୍ଚ ପଚାରିଲି ।

ସେଠୁ ରାଘବ ବାବୁ ମୋତେ କହିଲେ ଆଜ୍ଞା ସେ ବହୁତ ଦୁଃଖଦ କଥା । ଶୁଣନ୍ତୁ ତାହେଲେ ଦୀର୍ଘ ୬ବର୍ଷ ତଳର ଘଟଣା । ବଳିଆ ହୋଇଥାଏ ୬ବର୍ଷର ଆଉ କାଳିଆକୁ ୪ବର୍ଷ । ତାରି

ବାପା ପ୍ରସନ୍ନ ବି ରୋଜଗାରିଆ ଥିଲା । ବିଲ ବାଡ଼ି କାମ କରିବା ସହିତ ଡ୍ରାଇଭର ଥିଲା । ଅଚାନକ ତାଙ୍କ ପରିବାରକୁ କଳା ବାଦଲ ଘୋଟି ଆସିଲା । ପ୍ରସନ୍ନ କିଡ଼ିନ ରୋଗରେ ଆକ୍ରାନ୍ତ ହୋଇ ଅକାଳ ବିୟେଗେ ହେଲା । କ'ଣ କରିବ ବଳିଆ ଆଉ କାଳିଆର ମା ଭଳି ଭାଂଗି ପଡ଼ିଲା ଆଉ ଯୁବତୀ ଅବସ୍ଥାରୁ ବିଧବା ହୋଇଗଲା । ଏମିତି କିଛିଦିନ ଭାରି ଅନାଟନରେ ଚଳିଲେ ଆଉ ବଳିଆ କାଳିଆ ବୋଉ ସୁକାନ୍ତି ପାଇଁ ସରକାର ଗୋଟିଏ ବିଧବା ଭତା କରିଦେଲେ । ସେହି ପଇସା ଆଉ ନିଜେ ଘରେ କିଛି ସିଲେଇ କାମ କରି ଉଭୟଙ୍କୁ କିଛି ଦିନ ଅନାଟନରେ ଦୁଇ ତିନିବର୍ଷ ପଢ଼େଇଲା । ଏମିତି ସବୁ ରାଘବବାବୁଙ୍କ କଥା ମୁଁ ଶୁଣୁଥାଏ । ସେଠୁ ମୁଁ ପଚାରିଲି ଏହା ପରେ କ'ଣ ହେଲା । ସେଠୁ ରାଘବବାବୁ କହିଲେ ଶୁଣ ଆଜ୍ଞା କଥାରେ ଅଛି ଦୁଃଖ ଯେତବେଳ ସେ ଭାଇ ବନ୍ଧୁ କୁଟୁମ୍ବଙ୍କୁ ନେଇକି ଆସେ । ସେମିତି ଅଚାନକ ବହୁତ ଚିନ୍ତାଗ୍ରସ୍ତ ହୋଇ ବଳିଆ କାଳିଆ ବୋଉ ସୁକାନ୍ତି ପକ୍ଷାଘାତ ହୋଇଗଲା । ଆଉ ମେଡ଼ିକାଲ ନେଇଗଲାବେଳେକୁ ଡାକ୍ତର କହିଲେ ଇଏ ଭଲ ହେବାକୁ ବହୁତ ଦିନ ଲାଗିପାରେ କିମ୍ବା ସାରା ଜୀବନ ଏମିତି ରହିଯିବେ ।

ଯାହା ଭଗବାନ ଭରସା । ଏମିତି ଛୋଟ ପିଲା ଦୁଇଟି କରିବେ କ'ଣ । କେଉଁ ବାପା ମାଆ ତାଙ୍କର ଏହି ବୟସରେ ତାଙ୍କୁ ଲାଳନ ପାଳନ କରିବା କଥା ବର୍ତ୍ତମାନ ସେହି ବୟସରେ ଓଲଟି ମା'ର ସେବା କରୁଛନ୍ତି । ନା ବାଳୁତ ବୟସରେ ହୋଇପାରିଲେ କି ପାଠ ପଢ଼ାରେ ହୋଇପାରିଲେ । ଓଲଟି ନିଜ ବାପାକୁ ହରେଇଲେ ଆଉ ସବୁଦିନ ପାଇଁ ଜନ୍ମକଲା ମା' ପକ୍ଷାଘାତର ଶିକାର ହୋଇ ବିଛଣାରେ ପଡ଼ି ରହିଲା । ପିଲା ଦୁଇଟି ଆଉ କ'ଣ କରିବେ କୁହ ଆଜ୍ଞା ଏମିତିରେ କିଛି ଦିନ ଗାଁଲୋକଙ୍କ ସହାନୁଭୂତିରେ କିଛି ଦିନ ଚଳିଲେ କିନ୍ତୁ କେତେଦିନ କିଏ ଦେବ କହିଲ ଆଜ୍ଞ ଏହି ସଂସାରେ କେହି ନୁହଁ କାହାର ଆଉ ପର ଲୋକଙ୍କୁ ଭରସା କେତେଦିନ କରିବେ । ତେଣୁ ମୁଁ ଜଣେ ବେପାରୀ ମୋ ସହିତ ଯାଉଛନ୍ତି ବେପାର କରିବାକୁ ଆମ ଚମ୍ପେଶ୍ୱର ହାଟ ଆଉ ଏହି ଆପଣଙ୍କ ଗଣିଆ ହାଟ । ମୁଁ ବେପାର କରେ ମୋର ଖଣ୍ଡେ ଗାଡ଼ି ଅଛି ସେମାନେ ମୋ ସହିତ ଆସନ୍ତି ବେପାର କରିବା ପାଇଁ ମୁଁ ତାଙ୍କୁ ଟିକିଏ ସାହାଯ୍ୟ କରେ । ତାର ବାପାର ମୋର ଭଲ ସାଂଗ ଥିଲୁ କ'ଣ କରିବା ଆଜ୍ଞା କୁହନ୍ତୁ । ମୁଁ ରାଘବ ବାବୁଙ୍କ ଠାରୁ ସବୁ ଶୁଣୁଥାଏ । ପୁଣି ପଚାରିଲି ରନ୍ଧା ରନ୍ଧି କେମିତି କରୁଛନ୍ତି । ସେଠୁ ରାଘବବାବୁ କହିଲେ ସକାଳୁ ସେମାନେ ନିଜେ ପାଣି ବୋହି ପନିପରିବା କାଟି ରୋଷେଇ ନିଜେ କରନ୍ତି । ଆଉ ଏହି ବେପାର ପଇସାରୁ ଯାହା କିଛି ହୁଏ ସେହି ପଇସାରୁ ତାଙ୍କରି ବୋଉ ପାଇଁ କିଛି ଔଷଧ କିଣି ଦେଉଥାନ୍ତି । ଆପଣ ଜାଣନ୍ତି ଆଜ୍ଞା ପରିବା ବେପାର ମରିବା ବେପାର ସହିତ ସମାନ । କୋଉ ଦିନ ହେବ ତ କୋଉ ଦିନ ନାଇଁ । ଦେଖୁନ ପିଲାଗୁଡ଼ିକ ଭଲରେ ଖଣ୍ଡେ ପିନ୍ଧିବାକୁ ପାଉନାହାନ୍ତି । ଏହି ବଳିଆଟି ଭାରି ବୁଝିବାର ତାକୁ ଏବେ ୧୨ବର୍ଷ ହେଲାଣି । କାଳିଆକୁ ୧୦ ବର୍ଷ । କିନ୍ତୁ ନିଜେ କେବେ ଧର୍ଯ୍ୟହରା ହୋଇନାହାନ୍ତି । ମୁଁ ତାଙ୍କୁ ବହୁତ ବୁଝାଏ ତୁମ ମା ଭଲ ହୋଇଯିବ । ତୁମ ପରିବାର ପୁଣି ହସି ଉଠିବ ।

ମୁଁ ତାଙ୍କୁ କୁହେ ତୁମ ଭଳି ସୁଯୋଗ୍ୟ ସନ୍ତାନ ଜୀବନରେ ସବୁ ବାପାମାଆଙ୍କୁ ମିଳନ୍ତୁ । ପିଲା ଦୁଇଟି ମୋ କଥା ମାନି ଚଳନ୍ତି ଆଜ୍ଞା । ଏମିତି କିଛି ସମୟ ମଧ୍ୟରେ ଉଭୟ ବଳିଆ ଆଉ କାଳିଆ ଆସି ପହଂଚିଲେ । ଆଉ ତାଙ୍କୁ ଦେଖି ଉଭୟଙ୍କୁ ଟିକିଏ ଆଉଁସି ଦେଲି ଆଉ ତାଙ୍କୁ ୫୦୦ଟଙ୍କା ଦେଇ କହିଲି ଏହି ପଇସା ରଖ ତୁମ ମାଆଙ୍କର ଔଷଧ ଖର୍ଚ୍ଚରେ ଲଗେଇବ । କିନ୍ତୁ ସେ ରଖିଲେ ନାହିଁ । ଏହି ଭିତରେ ରାଘବ ଭାଇ ଗାଡ଼ି ଷ୍ଟାଟମାରିଲେ ବାହାରିବାକୁ ଯିବା ପାଇଁ ବଳିଆ ସବୁ ବଳକା ପନିପରିବା ବାନ୍ଧି ବାହାରିଲା ତିନି ଜଣ ଗାଡ଼ିରେ ବସି ଯିବାକୁ ବାହାରିଲେ । ମୁଁ ଶେଷରେ ତାଙ୍କୁ କହିଲି ଶୁଣ ବଳିଆ ଆଉ କାଳିଆ ମୁଁ ରାଘବ ବାବୁଙ୍କ ଠାରୁ ତୁମ ପରିବାର କଥା ସବୁ ଶୁଣିଛି ଈଶ୍ୱର ତୁମକୁ ଭଲରେ ରଖନ୍ତୁ ତୁମକୁ ସତ ସାହସ ଦିଅନ୍ତୁ । ଆଉ ତୁମ ଦୁହେଁ ତୁମ ବାପା ମାଆଙ୍କର ସୁଯୋଗ୍ୟ ସନ୍ତାନ । ତୁମ ଭଳି ପୁତ୍ର ସନ୍ତାନ ସଭିଙ୍କୁ ମିଳୁ ।

ସେଠୁ ଶେଷରେ ସେମାନେ ତାଙ୍କ ବାଟରେ ଗଲେ ମୁଁ ପୁଣି ସାଇକେଲ ଧରି ପରିବା ବ୍ୟାଗ୍ ଧରି ଘରକୁ ଫେରିଲି । ସତରେ ବଳିଆ ଆଉ କାଳିଆ କେତେ କଷ୍ଟରେ ଜୀବନଯାପନ କରୁଛନ୍ତି । କିନ୍ତୁ କେବେ ଭାଂଗି ପଡ଼ି ନାହାନ୍ତି । ଏ ସମାଜ ଆଙ୍କ ଠାରୁ କିଛି ଶିକ୍ଷା ନିଶ୍ଚିତ ଗ୍ରହଣ କରୁ । ଏହିଭଳି ପିଲା ସଭିଙ୍କୁ ମିଳୁ ।

ବାଲିଝରୀ, ନରସିଂହପୁର,
କଟକ । ମୋ - ୯୩୪୮୭୮୩୭୯୧

POWER HOUSE
DISTRIBUTOR
LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ମୃତ୍ୟୁ ଏକ ଚିରନ୍ତନ ସତ୍ୟ

- ମଧୁସ୍ମିତା ସେନାପତି

ରାଧେଶ୍ୟାମ ନାମକ ଜଣେ ଯୁବକ ଥିଲେ । ସେ ସ୍ୱଭାବରେ ବହୁତ ଶାନ୍ତ ଏବଂ ଭାବପ୍ରବଣ ବ୍ୟକ୍ତି ଥିଲେ । ତାଙ୍କର ଏକ ଛୋଟ ପରିବାର ଥିଲା ଯେଉଁଥିରେ ତାଙ୍କ ପିତାମାତା, ପତ୍ନୀ ଏବଂ ଦୁଇପିଲା ରହୁଥିଲେ । ସେ ସମସ୍ତଙ୍କୁ ବହୁତ ଭଲ ପାଉଥିଲେ । ଏହା ବ୍ୟତୀତ ସେ କୃଷ୍ଣଙ୍କର ଜଣେ ଭକ୍ତ ଥିଲେ ଏବଂ ସମସ୍ତଙ୍କ ପ୍ରତି ଦୟା କରୁଥିଲେ । ଅସହାୟ ଲୋକଙ୍କୁ ସେବା କରିବା ତାଙ୍କ ପାଇଁ ଏକ ମହତ କାମ ଥିଲା । ସେ କାହାକୁ ଆଘାତ ଦେଉନଥିଲେ । ଏହି ଗୁଣଗୁଡ଼ିକ ହେତୁ କୃଷ୍ଣ ତାଙ୍କଉପରେ ବହୁତ ଖୁସି ଥିଲେ ଏବଂ ସବୁବେଳେ ତାଙ୍କ ସହ ରହୁଥିଲେ ଏବଂ ରାଧେଶ୍ୟାମ୍ ତାଙ୍କ କୃଷ୍ଣଙ୍କୁ ଦେଖି ପାରୁଥିଲେ ଏବଂ କଥାବାର୍ତ୍ତା ମଧ୍ୟ କରିପାରୁଥିଲେ । ଏହା ସତ୍ତ୍ୱେ ସେ ଭଗବାନଙ୍କୁ କିଛି ମାଗିନଥିଲେ । ସେ ବହୁତ ଖୁସି ଥିଲେ କାରଣ ଭଗବାନ ସର୍ବଦା ତାଙ୍କ ସହିତ ରହୁଥିଲେ । ତାଙ୍କୁ ମାର୍ଗଦର୍ଶନରେ ରାଧେଶ୍ୟାମ ଆଗକୁ ବଢୁଥିଲେ । ରାଧେଶ୍ୟାମ ମଧ୍ୟ କୃଷ୍ଣଙ୍କୁ ତାଙ୍କର ବନ୍ଧୁ ପରି ଡାକନ୍ତି ଏବଂ ତାଙ୍କ ଭାବନା ତାଙ୍କ ସହ ବାଣ୍ଟୁଥିଲେ । ଦିନେ ରାଧେଶ୍ୟାମଙ୍କ ପିତାଙ୍କ ଦେହ ହଠାତ୍ ଖରାପ ହୋଇଗଲା । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ରାଧେଶ୍ୟାମ ବହୁତ ଭାଂଗି ପଡ଼ିଥିଲେ । ପିତାଙ୍କୁ ବଞ୍ଚାଇବା ପାଇଁ ପ୍ରାର୍ଥନା କରୁଥିଲେ କିନ୍ତୁ ସମସ୍ତେ ତାଙ୍କୁ କହିଥିଲେ ଯେ ସେ ଅଧିକ ଆଶା ଦେଇ ପାରିବେ ନାହିଁ । ସମସ୍ତେ ପରମେଶ୍ୱର ଉପରେ ବିଶ୍ୱାସ ରଖିବାକୁ କହିଥିଲେ ।

ତାପରେ ରାଧେଶ୍ୟାମ କୃଷ୍ଣଙ୍କ ବିଷୟରେ ଭାବି ତାଙ୍କ କୃଷ୍ଣଙ୍କୁ ସ୍ମରଣ କଲେ, କୃଷ୍ଣ ଏହା ଶୁଣି ରାଧେଶ୍ୟାମଙ୍କ ପାଖକୁ ଚାଲିଆସିଲେ । ରାଧେଶ୍ୟାମ କହିଲା - ବନ୍ଧୁ, ତୁମେ ତ ପରମେଶ୍ୱର, ମୋର ପିତାଙ୍କୁ ରକ୍ଷା କର । କୃଷ୍ଣ କହିଲେ - ବନ୍ଧୁ ! ତାହା ମୋ ହାତରେ ନାହିଁ । ଯଦି ଏହା ତାଙ୍କର ମୃତ୍ୟୁର ସମୟ ତେବେ ଏହା ନିଶ୍ଚିତ ହେବ । ରାଧେଶ୍ୟାମ ଏଥିରେ କ୍ରୋଧିତ ହୋଇ କୃଷ୍ଣଙ୍କ ସହ ଯୁକ୍ତି ଆରମ୍ଭ କରିଦେଲେ ଓ କ୍ରୋଧରେ ସେ କାନ୍ଦିବାକୁ ଲାଗିଲେ । ଭଗବାନ ମଧ୍ୟ ତାଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କଲେ କିନ୍ତୁ ସେ କୃଷ୍ଣଙ୍କର ଗୋଟେ ବି କଥା ଶୁଣିଲେ ନାହିଁ । ତାପରେ ଭଗବାନ କୃଷ୍ଣ ତାଙ୍କୁ କହିଲେ - ବନ୍ଧୁ ! ମୁଁ ତୁମକୁ ସାହାଯ୍ୟ କରିପାରିବି, କିନ୍ତୁ ଏଥିପାଇଁ ତୁମକୁ ଗୋଟିଏ କାମ କରିବାକୁ ପଡ଼ିବ । ରାଧେଶ୍ୟାମ ତୁରନ୍ତ ପଚାରିଲେ କେଉଁ ପ୍ରକାର କାମ ? କୃଷ୍ଣ କହିଲେ - ତୁମକୁ ଗୋଟିଏ ଘରୁ ମୁଠାଏ ଜୁଆର ଆଣିବାକୁ ପଡ଼ିବ ଏବଂ ମନେରଖନ୍ତୁ ତୁମେ ତାହା ସେହି ପରିବାରରୁ ଆଣିବ ଯେଉଁ ପରିବାରରେ କେହି ମରି ନଥିବେ ।

ରାଧେଶ୍ୟାମ ହଁ କହି ଶୀଘ୍ର ସନ୍ଧାନରେ ବାହାରିଲେ । ସେ ଅନେକ କବାଟ ବାଡ଼େଇଲେ । ପ୍ରତ୍ୟେକଘରେ ଜୁଆର ଅଛି କିନ୍ତୁ ତାଙ୍କ ପରିବାରର ଏପରି କେହି ନାହାନ୍ତି ଯେ ମରିନଥିବେ, କାହାର ବାପା, କାହାର ଜେଜେବାପା, ଭାଇ, ମା, ମାଉସୀ କିମ୍ବା ଭଉଣୀ କେହି ନା କେହି ମରିଛନ୍ତି । ଦୁଇଦିନ ବୁଲିବା ପରେ ମଧ୍ୟ ରାଧେଶ୍ୟାମଙ୍କୁ ଏପରି ଘର ମିଳିଲା ନାହିଁ । ତାପରେ ସେ ଅନୁଭବ କଲେ ଯେ ମୃତ୍ୟୁ ହେଉଛି ଏକ ସମ୍ପୂର୍ଣ୍ଣ ସତ୍ୟ । ସମସ୍ତଙ୍କୁ ଏହାର ସାମ୍ନା କରିବାକୁ ପଡ଼ିବ । ଏଥିରୁ କେହି ଦୌଡ଼ି ପାରିବେ ନାହିଁ ଏବଂ ସେ ତାଙ୍କ ଆଚରଣ ପାଇଁ କୃଷ୍ଣଙ୍କୁ କ୍ଷମା ମାଗିଲେ ଏବଂ ନିଷ୍ପତ୍ତି ନେଲେ ଯେପର୍ଯ୍ୟନ୍ତ ତାଙ୍କ ପିତା ଜୀବିତ ରହିବେ ସେପର୍ଯ୍ୟନ୍ତ ସେ ନିଜ ପିତାଙ୍କ ସେବା କରିବେ । କିଛି ଦିନପରେ ରାଧେଶ୍ୟାମଙ୍କ ପିତା ସ୍ୱର୍ଗବାସ ହେଲେ । ଏହା ପରେ ସେ ଦୁଃଖ ଅନୁଭବ କଲେ କିନ୍ତୁ ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ହେତୁ ତାଙ୍କ ମନ ଶାନ୍ତ ହୋଇଗଲା ।

ନୀତିଶିକ୍ଷା - ଆମେ ସମସ୍ତେ ସତ୍ୟକୁ ଗ୍ରହଣ କରିବା ଉଚିତ ଯେ ମୃତ୍ୟୁ ଏକ ଅପୂରଣୀୟ ସତ୍ୟ । ଏହାକୁ ଅସ୍ୱୀକାର କରିବା ମୂର୍ଖତା । ଦୁଃଖ ଅଛି କିନ୍ତୁ ଏଥିରେ ଫସି ରହିବା ଭୁଲ୍, କାରଣ ଆପଣ କେବଳ ସେହି ଦୁଃଖରେ ପୀଡ଼ିତ ନୁହଁନ୍ତି, ବରଂ ସମଗ୍ର ମାନ ଜାତି ସେହି ଦୁଃଖ ବିଷୟରେ ଜାଣିଛନ୍ତି । ଏହିପରି ସତ୍ୟକୁ ଗ୍ରହଣ କରିବାର ଜୀବନ ହେଉଛି ଏକମାତ୍ର ଉପାୟ ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ଫୁଲନଖରା, କଟକ ।

# ଅହିଂସା ପରମୋଧର୍ମ

- ଶ୍ରୀ ରାକେଶ ଶତପଥୀ

ସହରର ଜନଗହଳିପୂର୍ଣ୍ଣ ରାସ୍ତାର ଏକ ପାର୍ଶ୍ୱରେ ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତୀ ସ୍ଥାପନ କରିବା ପାଇଁ ଉତ୍ସାହୀ ଯୁବକମାନେ ସ୍ଥିରକଲେ । ଏଥିପାଇଁ ଅନେକ ଆୟୋଜନ ହେଲା । ଘରଘର ବୁଲି ଚାନ୍ଦା ଆଦାୟ ହେଲା । ପରିଶେଷରେ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତୀ ସ୍ଥାପନ କରାଗଲା । ଉଦ୍‌ଘାଟନ ପାଇଁ ସ୍ଥାନୀୟ ବିଧାୟକ ମହୋଦୟ ଆସିଥିଲେ । ମୂର୍ତ୍ତୀ ଉଦ୍‌ଘାଟନ ପର୍ବଶେଷ ହେବାପରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହିତ ନୃତ୍ୟ ପରିବେଷଣ କରି ଅଞ୍ଚଳବାସୀଙ୍କ ହୃଦୟରେ ଜାତୀୟତା ଭାବର ବୀଜବପନ କରିବାରେ ସକ୍ଷମ ହୋଇଥିଲେ । ବିଧାୟକ ମହୋଦୟ, ସ୍ଥାନୀୟ ମୁରବୀମାନେ ଓ ଅନ୍ୟାନ୍ୟ ସମ୍ମାନୀୟ ଅତିଥିମାନେ ମହାତ୍ମାଗାନ୍ଧୀଙ୍କର ମହାନତା ସମ୍ପର୍କରେ ଅନେକ ଭାଷଣ ପ୍ରଦାନ କରିବା ସହିତ ଯୁବକମାନଙ୍କର ଏହି ଉତ୍ସାହକୁ ସ୍ୱାଗତ କରିଥିଲେ । ସଭାରେ ଯୋଗ ଦେଇଥିବା ସମସ୍ତ ଜନସାଧାରଣ ଏବଂ ଅଞ୍ଚଳବାସୀ ସ୍ୱହୃଦୟ ଚିତ୍ତରେ ମହାତ୍ମାଗାନ୍ଧୀଙ୍କର ଉପଦେଶକୁ ସ୍ମରଣ କରି ପାଳନ କରିବାର ଶପଥନେଇ ଗାନ୍ଧୀ ଜୟନ୍ତୀ ଉତ୍ସବର ପରିସମାପ୍ତି ଘଟିଥିଲା ।

ଉପରୋକ୍ତ ଘଟଣାର ଗୋଟିଏ ଦିନ ପରେ ...

ଗାନ୍ଧୀଜୀଙ୍କ ମୂର୍ତ୍ତୀ ସ୍ଥାପିତ ହୋଇଥିବା ସ୍ଥାନକୁ ଲାଗି ଗୋଟିଏ ଜଳଖିଆ ଦୋକାନ ଥିଲା । ବେଶ୍ ପ୍ରସିଦ୍ଧ ସେ ଦୋକାନଟି । ଦୋକାନୀ ଜଣକ ଜଳଖିଆ ପ୍ରସ୍ତୁତ କରିବା ସହିତ ଗ୍ରାହକମାନଙ୍କ ହାତକୁ ଜଳଖିଆ ବଢ଼ାଇ ଦେଉଥିଲା । ବେଶ୍ ଭିଡ଼ଥିଲା ସେଦିନ । ସେହି ଭିଡ଼ ମଧ୍ୟରେ ଗୋଟିଏ ଅନାଥଶିଶୁ ଜଳଖିଆ ଖାଉଥିବା ବାବୁମାନଙ୍କୁ ଗୋଟିଏ ଲୟରେ ଚାହିଁଥାଏ । କିଛି ମୁହୂର୍ତ୍ତ ପରେ ଭୋକର ଜ୍ୱାଳା ସହିନପାରି ପିଲାଟି ବାବୁମାନଙ୍କ ମଧ୍ୟରୁ ଜଣକୁ ଗୋଟିଏ ବରା ଖାଇବାକୁ ମାଗିଲା, କିନ୍ତୁ ବାବୁ ଜଣକ ବିରକ୍ତ ଭାବପ୍ରକାଶ କରି ପିଲାଟିକୁ ମନଇଚ୍ଛା ଗାଳିଦେଲେ । ଗ୍ରାହକଙ୍କର ବିରକ୍ତି ଦେଖି ଦୋକାନୀ ଜଣକର ରାଗ ପଞ୍ଚମକୁ ଉଠିଗଲା । ସେ ପିଲାଟିକୁ ପାନେଦେବା ପାଇଁ ଗୋଟିଏ ବାଡ଼ିର ସହାୟତା ଲୋଡ଼ିଲା, କିନ୍ତୁ କୌଣସି ବାଡ଼ି ପାଇଲାନାହିଁ । ଠିକ୍ ଏହି ସମୟରେ ତା'ର ଦୃଷ୍ଟି ମହାତ୍ମାଗାନ୍ଧୀଙ୍କର ହାତରେଥିବା ବାଡ଼ି ଉପରେ ପଡ଼ିଲା । ସେ କାଳବିଳମ୍ବ ନକରି ଗାନ୍ଧୀଙ୍କର ହାତରୁ ବାଡ଼ିଖଣ୍ଡକ ଆଣି ପିଲାଟିକୁ ମନବୋଧ ହେଲା ପର୍ଯ୍ୟନ୍ତ ପିଟିଚାଲିଲା ଏବଂ ପିଲାଟି ଯନ୍ତ୍ରଣାରେ ଜର୍ଜରିତ ହୋଇ କ୍ରନ୍ଦନ କରୁଥିବା ସମୟରେ ଭାବି ପାରୁନଥିଲା ଯେ ତାର ଭୁଲ କେଉଁଠି ରହିଲା ? ସେ କେବଳ ଅଶ୍ରୁପୂର୍ଣ୍ଣ ନୟନରେ ଗାନ୍ଧୀଙ୍କର ମୂର୍ତ୍ତୀକୁ ଚାହିଁ ରହିଥିଲା ଏବଂ ତା କର୍ଣ୍ଣରେ ପ୍ରତିଧ୍ୱନିତ ହେଉଥିଲା, ଗାନ୍ଧୀଜୀଙ୍କର ମହାମନ୍ତ୍ର ଅହିଂସା ପରମୋଧର୍ମ ... ଅହିଂସା ପରମୋଧର୍ମ ....

ଯୋବ୍ରା, କଟକ-୩

# ସରକାର ମୁଁ

- ଦୁଷ୍ମନ୍ତ ବେହେରା

ରାମଗଡ଼ ଗାଁରେ ଦୁଇଶହ ଦଶ ପରିବାର ବାସ କରନ୍ତି । ରାମଗଡ଼ ଗାଁରେ ମହନ୍ ମହାନ୍ତ ବାସ କରନ୍ତି ଓ ତାଙ୍କ ସ୍ତ୍ରୀ ପୁଲି ମହାନ୍ତ ଏବଂ ତାଙ୍କ ପୁଅ ଜଲାଦ୍ ମହାନ୍ତକୁ ଚଉଦ ବର୍ଷ ହୋଇଥାଏ । ପାହାଡ଼ ଦୁର୍ଗମ ଅଞ୍ଚଳରେ ଦି'ଓଳି ଖାଇବାର ଅଭାବ ପଡୁଥାଏ । ମୋହେନ୍ ମହାନ୍ତଙ୍କ ପରିବାର ବଣ ଜଂଗଲରୁ ଯାହା ମିଳେ କଷ୍ଟେମଷ୍ଟେ ଚଳିଯାଆନ୍ତି । ଏଇ ଅସୁବିଧା ଭିତରେ ଖାଦ୍ୟ ଓ ଅଭାବ ପେଟର ଜ୍ୱାଳା ଓ ଭୋକ ସହିନପାରି ମୋହେନ୍ ମହାନ୍ତି ରାମଗଡ଼ ଗାଁ ଛାଡ଼ି ସହରକୁ ପଳେଇ ଆସିଲେ । ବ୍ୟସ୍ତ ସହର ଭିତରେ ନିଜକୁ ଖାପ ଖୁଆଇ ଭଲ ରୋଜଗାର ଏବଂ ଟଙ୍କା ବେସ୍ ରୋଜଗାର ହେଲା । ମୋହେନ୍‌ଙ୍କ ପାଖରେ ଅନେକ ଟଙ୍କା ଓ ସାତବର୍ଷ ଭିତରେ ମେହେନ୍ ମହାନ୍ତି ସହରରେ ଜଣେ ଧନୀରଲୋକ ପାଲଟିଗଲେ । ବେସ୍ ହସ ଖୁସିରେ ସହରରେ ଦିନଗୁଡ଼ାକ ଯେମିତି ଚାଲି ଯାଉଥିଲା । ଦିନରୁ ରାତି ପର୍ଯ୍ୟନ୍ତ ବିତି ଯାଉଥିଲା । ଦିନେ ସହରରେ ଏପରି ଏକ ଅଜଣା ରୋଗ ବ୍ୟାପିଲା ଜଲାଦ ବାପା ମା ସେହି ରୋଗରେ ମୃତ୍ୟୁବରଣ କଲେ । ଜଲାଦ୍‌କୁ ଏକୋଇଶି ବର୍ଷ ହୋଇଥାଏ । ଜଲାଦ ଏକୁଟିଆ ହୋଇଗଲା । ତେବେ ଧନ ସମ୍ପତ୍ତି କିପରି ଦେଖା ଶୁଣା କରିବ ଚିନ୍ତା ହେଲା । କିଛି ଉପାୟ ନପାଇ ଗାଁକୁ ଫେରିବ ବୋଲି ଭାବିଲା । ଗାଁ କଥା ତାର ମନେ ପଡ଼ିଲା । କାଳବିଳମ୍ବ ନକରି ରାମଗଡ଼ ଗାଁକୁ ବାହାରିଲା । ରାମଗଡ଼ ଗାଁରେ ସହରି ମଟର କାର୍ ଦେଖି ଡରିଗଲେ । ଲୋକେ ସାଇକେଲ ଖଣ୍ଡିଏ ଦେଖିନଥିଲେ । ଗାଁ ଦାଣ୍ଡରେ ମଟରକାରଟିଏ ଦେଖି ସରକାର ଜୁହାର, ଜୁହାର ସରକାର । କାର, ଟଙ୍କା,ବେସ ପୋଷାକ ଦେଖି ଗାଁ ଲୋକେ ସରକାର କହି ଆମ ସରକାର ଆମ ଦୁଃଖ ସୁଖର ସରକାର ଜୁହାର ସରକାର । ମୁଣ୍ଡ ହଲାଇ ଜଲାଦ କହିଲେ ହଁ ମୁଁ ସରକାର । ସେହି ଦିନଠାରୁ ସରକାର ପାଲଟିଗଲେ ଜଲାଦ । ସରକାର କହିଲେ ରାମଗଡ଼ ଗାଁରେ କିଛି ଜମି ଦରକାର । ସେଥିପାଇଁ ମୁଁ ଟଙ୍କା ଦେବି । ଗାଁ ଲୋକେ କହିଲେ ଆମର ଟଙ୍କା କଣ ହେବ ଆମକୁ ଖାଇବାକୁ ଦେବେ ସରକାର । ଆଜ୍ଞା ଆମେ ତା ବଦଳରେ ଜାଗା ଦେଇଦବୁ । ଖରିଆ ବାଘ ଓ ମୟିଆ ବାଘ କହିଲେ ସରକାର ଆମକୁ ପେଟକୁ ଗଣ୍ଡିଏ ଖାଇବାକୁ ଦେଲେ ଜମି ଆମେ ଦେଇଦବୁ ସରକାର । ହସିକି କହିଲେ ସରକାର ହାଃ ହାଃ ଖାଇବା ଦେବି ନିଶ୍ଚୟ ଦେବି । ଚାହୁଁ ଚାହୁଁ ଜଂଗଲରୁ ଗଛ କଟା ହେଲା । ନଅର ତୁଳାଗଲା । ଟଙ୍କାରେ ଅନ୍ଧ ହୋଇଥିବା ସରକାରଟି ଲୋକଙ୍କ ବିଶ୍ୱାସରେ ବିଷ ଭରିଦେଲା । ଖାଇବା ଦେଇ ଜମି ନିଜ ନାଁରେ କରିନେଲା । ସରକାର ନଅରକୁ ଡାକି କହିଲେ ତୁମ ଘରବାରିରେ ଯେଉଁ ଗଛ ଅଛି ଯାହା ଫଳଫୁଲ ହେଉଛି ତିନିଭାଗ ମୋର ତୁମର ଗୋଟିଏ ଭାଗ । ସଭା ମଧ୍ୟରୁ ଜଣେ ଲୋକ କହିଲା – ଏ କି ପ୍ରକାର ଜୁଲୁମ ସରକାର । ତୁମେ ପାଟି ଚୁପ କର ନହେଲେ ତୁମର ଖାଇବା ବନ୍ଦ କରିଦେବି । ଏ ସରକାର ବେଠି ଉପରେ ବେଠି ଲଦି ଦେଲେ ଆମ ଉପରେ । ଭୋକ ଏପରି ଦାଉ ସାଜୁଥିଲା ଉଠେ କହିବାକୁ କଥା ଆସୁଥିଲେ ମଧ୍ୟ ଚୁପ୍ ରହିବାକୁ ପଡୁଥିଲା । କିଏ ବୁଝିବ ଏ ଦୁଃଖ । ପେଟ ଚାଖଣ୍ଡ ପାଇଁ ମଣିଷ ଗୁଲାମ କରେ । ଟଙ୍କାର ଅହଂକାର ସରକାରକୁ କରିଥିଲେ ଯେ ଲୋକଙ୍କର ଦୁଃଖ ଦେଖା ଯାଉନଥିଲା । ଦିନେ ରାମଗଡ଼ ଗାଁକୁ ହଇଜା ମହାମାରୀ ରୋଗ ବ୍ୟାପିଲା ଗୋଟିଏ ପରେ ଗୋଟିଏ ଲୋକ ମୃତ୍ୟୁରେ ପଡ଼ିଲେ । ଚାହୁଁ ଚାହୁଁ ଅନେକ ଲୋକଙ୍କର ମୃତ୍ତୁ ହେଲା । ରାମଗଡ଼ ଗାଁ ଲୋକେ ସରକାରଙ୍କ ନଅଁର ପାଖକୁ ଦୌଡ଼ିଲେ । ଆମକୁ ବଞ୍ଚାଅ ସରକାର ।ରୋଗ ଏପରି ବ୍ୟାପି ଯାଇଥିଲା ଯେ ଚାହୁଁ ଚାହୁଁ ସମସ୍ତ ଲୋକଙ୍କର ମୃତ୍ୟୁ ହୋଇଗଲା । ଗାଁ ଏବେ ଶୂନସାନ । ସରକାର ନଅର ଭିତରେ ଥାଇ ଏ ସବୁ ଦୃସ୍ୟ ଦେଖି ଗାଁଲୋକ ଆଉ ନାହାନ୍ତି କିଏ ମୋତେ ସରକାର ଡାକିବ । କାହା ଉପରେ ମୁଁ ଶାସନ କରିବି ।

ଧିକ୍ ଏ ଟଙ୍କା ଧିକ୍ ଏ ଗର୍ବକୁ ଯେଉଁ ଗାଁ ମାଟିରେ ଲୋକ ନାହାନ୍ତି । ଯେଉଁଠି ଭଲ ପାଇବା ନାହିଁ ସେଠି ଏ ଟଙ୍କାର ମୂଲ୍ୟ କ'ଣ । ନଅର ଚାରିକାନ୍ଥ ଭିତରେ ଚିତ୍କାର କରି ମୋ ଗାଁ ମୋ ମାଟି ମୋ ଲୋକ କୁଆଡ଼େ ଗଲ ମୁଁ ସରକାର ଡାକୁଛି ଉଠ ମୋ ଗାଁର ଲୋକମାନେ । ଏ କ'ଣ ହୋଇଗଲା ସରକାର ମୁଁ ଟଙ୍କା ଥାଇ ବଞ୍ଚେଇ ପାରିଲିନି । ମୁଁ ସରକାର ମୁଁ ସରକାର ଚାରିକାନ୍ଥ ଭିତରେ ଗୁଞ୍ଜରିତ ହେଉଥିଲା ସରକାର । ମୁଁ ସରକାର ମୁଁ । କିଛି ସମୟପରେ ଶବ୍ଦ ଶୁଭିଲା ନାହିଁ ନଅର ଶୂନସାନ୍ ।

ରାସୋଳ, ମୁଣ୍ଡିଆପଷି, ଢେଙ୍କାନାଳ ।



# ମାଙ୍କଡ଼ଙ୍କର ବାଦାମ ଚାଷ

- ବନଲତା ସିଂହ

ଗୋଟିଏ ଗ୍ରାମର ଶେଷ ମୁଣ୍ଡରେ ଛୋଟ ଜଙ୍ଗଲ ଟିଏ ଥାଏ । ସେହି ଜଙ୍ଗଲରେ ଦୁଇଦଳ ମାଙ୍କଡ଼ ବାସ କରୁଥାନ୍ତି । ଗୋଟିଏ ଦଳର ମୁଖିଆ ଯିଏ ସିଏ ଭାରି ଶାନ୍ତ ଶିଷ୍ଟ, ଧାର୍ମିକ । ତା' ଦଳକୁ ଶିଖାଏ ପରର ଅନିଷ୍ଟ ନ କରିବାକୁ । କାହା ବାଡ଼ି ବଗିଚା ଫସଲ ନଷ୍ଟ ନ କରିବାକୁ । ସେ ସବୁବେଳେ ଉପଦେଶ ଛଳରେ କହନ୍ତି ଭଗବାନ ଆମକୁ ପ୍ରାକୃତିକ ସମ୍ପଦ ଜଙ୍ଗଲରେ ଫଳ ମୂଳ ସବୁ ଦେଇଛନ୍ତି । ନଦୀରେ ଜଳ ଦେଇଛନ୍ତି । ଆଉ କ'ଣ ଅଭାବ ଯେ ଆମେ ଅନ୍ୟକୁ କଷ୍ଟ ଦିଏ । ଦଳପତି ଯାହା କହନ୍ତି ମାଙ୍କଡ଼ଦଳ ସବୁ ମାନନ୍ତି । ତାଙ୍କୁ ଯେତେ ପରିଶ୍ରମ ପଡୁ ସେ ନିଜ ନିଜର ଖାଦ୍ୟ ଅନ୍ୱେଷଣ କରି ଆନନ୍ଦରେ ରୁହନ୍ତି ।

କିନ୍ତୁ ଆରଦଳ ମୁଖିଆ ଭାରିଦୁଷ୍ଟ । ପରର ଜିନିଷ ଚୋରୀ କରିବା ନଷ୍ଟଭ୍ରଷ୍ଟ କରିବା ତା' ଦଳର ଆଦତ । ସେ ଦା ଦଳକୁ ଶିଖାଏ ଦୂରକୁ ଯିବା ଦରକାର ନାହିଁ । ଏଠି ଯେତେ ଘରଦ୍ୱାର ବାଡ଼ି ବଗିଚା ଅଛି ସେସବୁ ଖାଇପିଇ ଭାଙ୍ଗି ଚକଟି ନଷ୍ଟ କରିଦିଅ । ସରିଗଲେ ଅନ୍ୟ ଗାଁକୁ ପଳେଇଯିବା । ଏଠି ତ ବହୁତ ଚାଷୀ ଅଛନ୍ତି । ତାଙ୍କର ଚାଷ ଖାଇ ବସିଲେ ଆମ ଦିନ ସରିବନି । ଆମେ କାହିଁକି କଷ୍ଟ କରିବା । ଏହା ଭାବି ଗାଁଲୋକଙ୍କୁ ଭାରି ହଇରାଣ କରନ୍ତି । କାହା ବାଡ଼ିରେ ପଶି ପରିବା ଖାଆନ୍ତି ତ କାହା ଘରେ ପଶି ଜିନିଷ ଖାଆନ୍ତି । ଯେତିକି ଖାଆନ୍ତି ସେତିକି ନଷ୍ଟ କରନ୍ତି ।

ଦିନେ ଗୋଟିଏ ଚାଷୀ ଗୋଟିଏ ଏକର ଜମିରେ ବାଦାମ ଚାଷ କରିବ ବୋଲି ଜମିକୁ ହଳ କରି ବାଦାମ ଆଣି ଲଗାଇଲା । ଏ ଦୁଷ୍ଟ ବାନରଦଳ ତାକୁ ସବୁ ଖୋଳି ଖାଇଦେଲେ । ଚାଷୀ ତା ପରଦିନ ଏ ଦୃଶ୍ୟ ଦେଖି ଗାଁ ବାଲାଙ୍କୁ ମେଳି କରି ବାଣ ଫୁଟାଇ ନିଆଁ ହୁଳା ଧରି ଗୋଡ଼ାଇ ମାଙ୍କଡ଼ ଦଳକୁ ବିଦା କରି ଦେଲେ । ଭଦ୍ର ମାଙ୍କଡ଼ ଦଳ ଲୁଚି ଛପି ଜୀବନ ବଞ୍ଚାଇଲେ । କିଛିଦିନ ଗଲା । ଚାଷୀ ଆଉଥରେ ହଳକରି ବାଦାମ ଲଗାଇଲା । ବାଦାମ ବହୁତ ଫଳିଲା । ଚାଷୀ ମନ ଭାରି ଖୁସି । ଏଥର ଭଲ ପଇସା ପାଇବ ବୋଲି ବାଦାମ ଆମଦାନି କଲାପରେ ଆଉ କିଛି ବାଦାମ ମାଟି ଉପରେ ତ ଆଉ କିଛି ମାଟିତଳେ ରହିଯାଇଥିଲା । ଭଦ୍ର ମାଙ୍କଡ଼ ମୁଖିଆ କହିଲା - ପିଲାମାନେ ଯାଅ ବାଦାମ ଖାଅ । ମାଙ୍କଡ଼ମାନେ ଆନନ୍ଦରେ ବାଦାମ ଖାଇଲେ । କିଛିଦିନ ପରେ ବାଦାମ ସରିଗଲା । ମୁଖିଆ ମାଙ୍କଡ଼ର ପୁଅ ବସି କାନ୍ଦିଲା । ମୁଖିଆ ପଚାରିଲା - ହଇରେ ପୁଅ ତୁ କାନ୍ଦୁଛୁ କାହିଁକି ? ତା' ମାଆ କହିଲା - ସେ ଆଉ ବାଦାମ ଖାଇବ ବୋଲି କାନ୍ଦୁଛି । ମୁଖିଆ କହିଲା - ବାଦାମ ତ ସରିଗଲା ମୁଁ ଆଉ କେଉଁଠୁ ଆଣିବି ? ପୁଅ କିଛି ଶୁଣିଲାନି । ଜିଦି କରି ବସିଲା ମୋତେ ବାଦାମ ଆଣି ଦିଅ । ବାପା ମାଙ୍କଡ଼ ପୁଅ ସ୍ନେହରେ ଅନ୍ଧହୋଇ ଗୋଟିଏ ଡାଲା ଧରି ଚାଷୀଙ୍କ ପାଖରେ ପହଞ୍ଚି ହାତ ଯୋଡ଼ି କହିଲା ମହାଶୟ ମୋତେ କିଛି ବାଦାମ ଦିଅନ୍ତୁ । ମୁଁ ଚାଷ କରିବି । ମୋ ପୁଅ ବାଦାମ ଖାଇବ ବୋଲି ଜିଦିଧରି ବସିଛି । ଏଣୁ ମୁଁ ଆପଣଙ୍କୁ କାହିଁକି ହଇରାଣ କରିବି ? ବଣ ଭିତରେ କିଛି ଜମିରେ ମୁଁ ବାଦାମ ଚାଷ କଲେ ମୋ ପୁଅ ଖାଇବ । ଚାଷୀ ହସି ହସି କହିଲା - ଆରେ ମାଙ୍କଡ଼ ତୁ ପାଟିରେ ଚାଷ କରିବୁ ନା ଆଉ କେଉଁଠି ? ମାଙ୍କଡ଼ ପୁଣି ବାଦାମ ଚାଷ କରିବ? ବିଲେଇ ହାତରେ ଶୁଖୁଆ ପୋଡ଼ା । ତୋ ପାଟିରୁ ବଞ୍ଚିଲେ ତୋ ପୁଅ ଖାଇବ? ମାଙ୍କଡ଼ ସବିନୟେ କହିଲା - ଆପଣ ଉପହାସ କରନ୍ତୁ ପଛେ ମୋତେ କିଛି ବାଦାମ ଦିଅନ୍ତୁ । ମୋତେ ଟିକେ ଦୟା କରନ୍ତୁ । ଚାଷୀ ମାଙ୍କଡ଼ର ଅନୁରୋଧରେ ଡାଲାରେ ଡାଲାଏ ବାଦାମ ଦେଲା । ମାଙ୍କଡ଼ କୃତଜ୍ଞତାର ପ୍ରଣାମ କରି ବାଦାମ ଧରି ଆସିଲା । ତା'ର ଦଳକୁ ଡକାଇ କହିଲା - ଦେଖ ଆମେ ବାଦାମର ସଦୁପଯୋଗ କରିବା । ତୁମେ ଓଦା ମାଟି ଖୋଜି ତାକୁ ବାଡ଼ି ବା କଣ୍ଟା ସାହାଯ୍ୟରେ ଖୋଳି ହାଲୁକା କର । ତା'ପରେ ଆମେ ବାଦାମ ଲଗାଇବା । ଦେଖ ବାଦାମ ଏକ ଲୋଭନୀୟ ଜିନିଷ । ଲୋଭକୁ ଦମନ କରି ଆମେ ଆମ ପାଟି ଓ ହାତକୁ ସଂଜତ କରି ବାଦାମ ଲଗାଇବା ବାଦାମ ଫଳିଲେ ଆଗାମୀ ଦିନ ପାଇଁ ବିହନ ରଖି ଆମେ ବାଣ୍ଟି କୁଣ୍ଟି ଖାଇବା । ପର ଫସଲକୁ ନଷ୍ଟ କରି ତାକୁ ଦୁଃଖ ଦେବାନି ।

ସମସ୍ତେ ଖୁସି ହୋଇ ବାଦାମ ଧରି ଜମି ଖୋଜି ବାହାରିଲେ । ଏକ ପାହାଡ଼ ପାଖରେ ଝରଣା କୂଳ ଦେକି ଏହା ଉପଯୁକ୍ତ ସ୍ଥାନ ଭାବି ନିଜ ହାତ ହତିଆର ଧରି ମାଟିକୁ ଖୋଳି ତାକୁ

ହାଲୁକା କଲେ । ତା'ପରେ ଧାଡ଼ି ଧାଡ଼ି କରି ବାଦାମ ଲଗାଇଦେଲେ । ଜଣ ଜଣ କରି ରାତି ଦିନ ବାଦାମକୁ ଜଗି ବସନ୍ତି । ବାଦାମ ପାଇଁ ପାଟିରୁ ଲାଳ ବାହାରୁଥିଲେ ମଧ୍ୟ ତାକୁ କଷ୍ଟେ ମଷ୍ଟେ ଦମନ କରି ଜଗି ରହନ୍ତି । କିଛିଦିନ ପରେ ମୁଖିଆ ମାଙ୍କଡ଼ ବାଦାମ କିପରି ଫଳିଛି ଦେଖିବାକୁ ଯାଇ ବାଦାମକୁ ଖୋଳି ଦେଖିଲା । ଏତେ ବାଦାମ ଦେଖି ତା'ର ଲୋଭ ହେଲା । ସେ ଆଉ ଲୋଭ ସମ୍ବରଣ କରିନପାରି ଚାରିଆଡ଼କୁ ଚାହିଁ ଗୋଟିଏ ଗୋଟିଏ କରି ଖାଇବାକୁ ଲାଗିଲା । ପ୍ରତ୍ୟେକ ଦିନ ଆସି ଗୋଟିଏ ବୁଦା ଖୋଳି ଖାଇ ପୁଣି ମାଟି ଘୋଡ଼ାଇ ଦିଏ । କେହି କିଛି ଜାଣି ପାରନ୍ତିନି । ପୁଅ ଦିନେ ଲୁଚି ଲୁଚି କରି ଦେଖିା ବେଳକୁ ବାପା ମାଙ୍କଡ଼ ବସି ବାଦାମ ଖାଉଛି ଏବଂ ଲୁଚି ଲୁଚି କରି ଆସି ସବୁ ବାଦାମ ଖାଇ ସାରିଲାଣି । ସେ ଭାବିଲା ବାପା ମୁଖିଆ ହୋଇ ସମସ୍ତଙ୍କୁ ଉପଦେଶ ଦେଉଛନ୍ତି । ଆଉ ନିଜେ ଏପରି ଜଘନ୍ୟ କାମ କରୁଛନ୍ତି । ତାଙ୍କୁ ତାଙ୍କ କାମ ପାଇଁ ଉଚିତ ଦଣ୍ଡ ମିଳିବା ଦରକାର । ଏହା ଭାବି ଯାଇ ସବୁ ମାଙ୍କଡ଼ମାନଙ୍କୁ ଡାକିଦେଲା । ମାଙ୍କଡ଼ଦଳ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ । ରକ୍ଷକ ହୋଇ ଭକ୍ଷକ ହେଲେ ବୋଲି ଛିଃ ଛିଃ କଲେ । ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ । ବଡ଼ଲୋକଙ୍କୁ ଉତ୍ତର ନାହିଁ । ତେଣୁ ସେ ତ ନିଜେ ମୁଖିଆ । କାହାଆଗେ ଗୁହାରୀ କରି ଦଣ୍ଡବିଧାନ କରିବା ଭାବି ଚୁପଚାପ୍ ବସି ରହିଲେ ।

ପୁଅ ଆସି ବାପାମାଙ୍କଡ଼କୁ ହଲାଇଦେଇ କହିଲା ବାପା ବାଦାମ କାହିଁ ? ମୁଁ କ'ଣ ଖାଇବି ? ଆଉ ଆମ ଦଳ ଯେଉଁ ପରିଶ୍ରମ କରି ବାଦାମ ଲଗାଇଥିଲେ ସେମାନେ କ'ଣ ଖାଇବେ ? କୁହ ଚୁପ ହୋଇ କାହିଁକି ବସିଛ ? ଉତ୍ତର ଦିଅ । ମୁଖିଆ ନିଜେ ଦୋଷୀବୋଲି ନିଜକୁ କାମୁଡ଼ି ରାମ୍ପୁଡ଼ି ରକ୍ତାକ୍ତ କରିଦେଲା । ଅନ୍ୟମାନେ ମୁଖିଆ ମାଙ୍କଡ଼ର ଏ ଦଶା ଦେଖି ଆଉ ସହିପାରିଲେ ନାହିଁ । ସେମାନେ ଆସି ମୁଖିଆକୁ ଧରିଲେ । କହିଲେ - ରାଗ ସମ୍ବରଣ କର । ମାଙ୍କଡ଼କୁଳେ ଜାତ କଲୁ ମୋତେ ସ୍ୱଭାବ ଛାଡ଼ିବି କେମନ୍ତେ ? ଏହା ତ ଭାଗବତ ବାଣୀ । ଏଣୁ ଯାହାହେବାର ଥିଲା ହେଲାଣି । ତୁମେ ରାଗ ଶାନ୍ତ କର । ମୁଖିଆ କହିଲା - ନାହିଁ.. ମୁଁ ଯେହେତୁ ଏତେ ବଡ଼ ଦୋଷ କରିଛି ମୁଁ ଆଜି ମୁଖିଆ ପଦରୁ ଓହରି ଯାଉଛି । ମୁଁ ଗୋଟିଏ ଅଯୋଗ୍ୟ । ମୁଁ ଆଉ ମୁଖିଆ ପଦକୁ ଅସମ୍ମାନ କରିବାକୁ ଚାହୁଁନି ।


ସବୁ ମାଙ୍କଡ଼ ମେଳି ହୋଇ ମୁଖିଆକୁ ସାନ୍ତ୍ୱନା ଦେଲେ ଏବଂ କହିଲେ - ତୁମ ପରି ମୁଖିଆ ଆମେ ଆଉ ପାଇବୁ ନାହିଁ । କାରଣ ଯିଏ ନିଜ ଦୋଷକୁ ସ୍ୱୀକାରୋକ୍ତି ଦିଏ ସିଏ ପ୍ରକୃତରେ ମହତ । ଏଣୁ ଆମେମାନେ ତୁମକୁ ଭକ୍ତିକରୁ । ସ୍ନେହକରୁ । ତୁମେ ସବୁଦିନ ପାଇଁ ମୁଖିଆ ହୋଇ ଆମକୁ ସତ୍‌ପଥ ଦେଖାଉଥାଅ ।

ଗଣ୍ଡରପୁର, କଟକ


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE | IBM'S

SINCE-2005





## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190
## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ବାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ